


ବରୁନ୍‌ଙ୍କୁ ୫ ୱିକେଟ୍‌ର ସଫଳତା
ପୃଷ୍ଠା ୬


# ସଂଚାର
THE SANCHAR


Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 305 | ଭାଗ ୩୨ | ସଂଖ୍ୟା ୩୦୫ | Bhubaneswar | Wednesday 29 January 2025 | Page 8 Rs. 4.00 | ଭୁବନେଶ୍ୱର ବୁଧବାର ୨୯ ଜାନୁଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


### ଉତ୍କୃଷ୍ଟ ଉତ୍କଳ ନୂଆ ଭାରତର ଆଶା ଓ ମୌଳିକତାର ପ୍ରତୀକ

# ମୋଦି ଗ୍ୟାରେଣ୍ଟି ବିକାଶ ଶିଖର ଛୁଇଁବ ଓଡ଼ିଶା

- କୋଟି କୋଟି ଲୋକଙ୍କ ଆକାଂକ୍ଷା ନେଇ ବିକାଶ ପଥରେ ଭାରତ
- ଅକ୍ଷୟ ଶକ୍ତି ଶିଳ୍ପକୁ ପ୍ରୋତ୍ସାହନ ପାଇଁ ନିଆଯାଉଛି ନୀତିଗତ ନିଷ୍ପତ୍ତି
- ସବୁଜ ଭବିଷ୍ୟତ ଓ ସବୁଜ ପ୍ରଯୁକ୍ତି ଉପରେ ଗୁରୁତ୍ୱ
- ଏକବିଂଶ ଶତାବ୍ଦୀର ଭାରତ ପାଇଁ ଓଡ଼ିଶା ପର୍ଯ୍ୟଟନର ଗନ୍ତାଘର
- କନସର୍ଟ ଇକୋନୋମି ଯୁବପିଢ଼ିର ଭବିଷ୍ୟତ





**ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା' ସମ୍ମିଳନୀ-୨୦୨୫ ଓ ମେକ୍ ଇନ୍ ଓଡ଼ିଶା ପ୍ରଦର୍ଶନୀ ଉଦଘାଟିତ ହୋଇଛି। ସମାବେଶକୁ ସମ୍ବୋଧନ କରିବା ଅବସରରେ ପ୍ରଧାନମନ୍ତ୍ରୀ ଚଳିତ ମାସରେ ଏହା ତାଙ୍କର ଦ୍ୱିତୀୟ ଓଡ଼ିଶା ଗସ୍ତ। ଓଡ଼ିଶାରେ ଅଦ୍ୟାବଧି ଏହା ସର୍ବବୃହତ୍ ବ୍ୟବସାୟ ସମ୍ମିଳନୀ ବୋଲି ଉଲ୍ଲେଖ କରିଛନ୍ତି। ଏଥିସହ ମୋଦି କହିଛନ୍ତି ଯେ ମେକ୍ ଇନ୍ ଓଡ଼ିଶା-୨୦୨୫ରେ ୫ରୁ ୬ ଗୁଣ ଅଧିକ ନିବେଶକ ଅଂଶଗ୍ରହଣ କରିଛନ୍ତି। ଏହି ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ସେ ଓଡ଼ିଶାବାସୀ ଓ ସରକାରଙ୍କୁ ଅଭିନନ୍ଦନ ➪ପୃଷ୍ଠା-୬

## ଓଡ଼ିଶା ପୂର୍ବୋଦୟର ଗ୍ରୋଥ୍ ଇଞ୍ଜିନ୍

- ରାଜ୍ୟ ଉପରେ ବଢ଼ୁଛି ନିବେଶକଙ୍କ ଆସ୍ଥା
- ବଳିଷ୍ଠ ଶିଳ୍ପ ନୀତି ସହ ଦକ୍ଷ ମାନବ ସମ୍ବଳ
- ନିବେଶକଙ୍କ ଅଧାପାଦରେ ଆମର ତିନି ପାଦ
- ଆର୍ଥିକ ପ୍ରଗତି ଓ ବିକାଶର ମଡେଲ ହେବ ଓଡ଼ିଶା



**ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ):** ଓଡ଼ିଶା କେବଳ ଏକ ସୁଯୋଗର ସମ୍ଭାର ନୁହେଁ, ପୂର୍ବ ଭାରତରେ ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦ୍ୱୟ ସ୍ୱପ୍ନକୁ ସାକାର କରିବାକୁ ଓଡିଶା ଗ୍ରୋଥ ଇଞ୍ଜିନ ହେବ। ଆଜି ଉତ୍କର୍ଷ ଓଡ଼ିଶା-ମେକ ଇନ ଓଡ଼ିଶା କନକ୍ଲେଭ ଉଦଘାଟନ ସମାରୋହରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟରେ ବିଭିନ୍ନ ପ୍ରକାର ପ୍ରାକୃତିକ ସମ୍ପଦ ଭରପୁର ରହିଥିବା ବେଳେ ଉନ୍ନତ ରେଳ ଓ ସଡକ ଯୋଗାଯୋଗ ଭିତ୍ତିଭୂମି ରହିଛି।

ଦେଶର ଗୁରୁତ୍ୱପୂର୍ଣ୍ଣ ସହରକୁ ବିମାନ ସେବା ସାଙ୍ଗକୁ ଦୁବାଇ, ସିଙ୍ଗାପୁର ପରି ବିଜନେସ ହବକୁ ମଧ ଏୟାର କନେକ୍ଟିଭିଟି ରହିଛି। ଏଥିସହିତ ଶିଳ୍ପାନୁଷ୍ଠାନକୁ ସୁହାଇଲା ଭଳି ଶିଳ୍ପ ନୀତି ସାଙ୍ଗକୁ ଦକ୍ଷ ମାନବ ସମ୍ବଳ ରହିଛି। ରାଜ୍ୟରେ ଶିଳ୍ପାୟନର ଧାରାକୁ ଆଗେଇ ନେବାକୁ ➪ପୃଷ୍ଠା-୬

## ପ୍ରଥମ ଦିନରେ ଆସିଲା ୪.୫ ଲକ୍ଷ କୋଟି ୫୪ ଶିଳ୍ପ ସଂସ୍ଥା ସହ ଏମଓୟୁ



**ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ):** ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ନିବେଶ ପ୍ରତିଶୃତିର ସୁଅ। ପ୍ରଥମ ଦିନର ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ୫୪ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଶିଳ୍ପ ସଚିବ ହେମନ୍ତ ଶର୍ମା ଏହି ସୂଚନା ଦେଇଛନ୍ତି। ଏହି ଏମଓୟୁ ଦ୍ୱାରା ରାଜ୍ୟକୁ ୪ରୁ ସାଢେ ୪ ଲକ୍ଷ କୋଟି ଟଙ୍କାର ନିବେଶ ଆସିବ। ଏହା ଭିତରୁ ସବୁଠୁ ବଡ଼ ଏମଓୟୁ ଆଦାନୀ ଗ୍ରୁପ ସହ ସ୍ୱାକ୍ଷର ହୋଇଛି । ୨.୨୮ ଲକ୍ଷ କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷର କରିଛି ଆଦାନୀ। କେନ୍ଦୁଝରରେ ୫ ନିୟୁତ ଟନ କ୍ଷମତା ବିଶିଷ୍ଟ ଷ୍ଟିଲ ପ୍ଲାଣ୍ଟ ପାଇଁ ଜେଏସଡବ୍ଲୁ ଗ୍ରୁପ ସହ ଏମଓୟୁ ହୋଇଛି। କେନ୍ଦୁଝରରେ ଜେଏସଡବ୍ଲୁ କରିବ ଇସ୍ପାତ କାରଖାନା। ଏନେଇ ପୋସ୍କୋ ସହ ଆଲୋଚନା ଚାଲିଥିବା ସୂଚନା ଦେଇଛନ୍ତି ଏଏସଡବ୍ଲୁ ମୁଖ୍ୟ ସଜ୍ଜନ ଜିନ୍ଦଲ। କେନ୍ଦୁଝରରେ ୩୦-୪୦ ହଜାର କୋଟିର ନିବେଶ ଲକ୍ଷ୍ୟ ରହିଛି। ଅନ୍ୟ ପକ୍ଷରେ ଜେଏସପିଏଲ ଗ୍ରୁପ୍ ଅନୁଗୁଳ ସ୍ଥିତ ଷ୍ଟିଲ ପ୍ଲାଣ୍ଟ ସମ୍ପ୍ରସାରଣ ପାଇଁ ୭୦ ହଜାର କୋଟି ଟଙ୍କା ପୁଞ୍ଜିନିବେଶ ଲାଗି ଘୋଷଣା କରିଛନ୍ତି ଗ୍ରୁପ ଅଧକ୍ଷ ନବୀନ ଜିନ୍ଦଲ। ବିର୍ଲା ଗ୍ରୁପ କପର ଫଏଲ୍ ପ୍ଲାଣ୍ଟ ସ୍ଥାପନ ପାଇଁ ଏମଓୟୁ ସ୍ୱାକ୍ଷର କରିଛି। ଏହାଛଡ଼ା ଆଜି ବିଭିନ୍ନ ନିବେଶକଙ୍କଠାରୁ ୧୦୦ରୁ ଅଧିକ ପୁଞ୍ଜିନିବେଶ ଆଗ୍ରହ ପାଇଛନ୍ତି ରାଜ୍ୟ ସରକାର। ଜେଏସପିଏଲ ➪ପୃଷ୍ଠା-୬

## କେନ୍ଦୁଝରରେ ପ୍ରତିଷ୍ଠା ହେବ ଷ୍ଟିଲ ପ୍ଲାଣ୍ଟ

**ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ):** ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍‌ରେ ଜେଏସ୍‌ପିଏଲ୍ ଅଧକ୍ଷ ନବୀନ ଜିନ୍ଦଲ ଏକ ବଡ଼ ଘୋଷଣା କରିଛନ୍ତି। କେନ୍ଦୁଝରରେ ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା କରିବ ନବୀନ ସୂଚନା ଦେଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି। କ୍ଷମତା ବୃଦ୍ଧି ପାଇଁ ୬ ବର୍ଷରେ ୭୦ ହଜାର କୋଟି ନିବେଶ ହେବ ବୋଲି ସେ କହିଛନ୍ତି। ଉତ୍କର୍ଷ ଓଡ଼ିଶା, ମେକ୍ ଇନ ଓଡ଼ିଶା କନ୍‌କ୍ଲେଭ-୨୦୨୫ ମଙ୍ଗଳବାର ଭୁବନେଶ୍ୱର ଜନତା ମଇଦାନଠାରେ ଆରମ୍ଭ ହୋଇଛି। ଏହା ୨ ଦୁଇଦିନ ଧରି ଚାଲିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ବାହ୍ନ ୧୧ଟାରେ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭକୁ ଉଦ୍‌ଘାଟନ କରିବେ। ଏହି କନ୍‌କ୍ଲେଭରେ ଦେଶ ବିଦେଶରୁ ବହୁ ଶିଳ୍ପପ୍ରତିନିଧି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଆମେରିକା, ଜର୍ମାନୀ, ଅଷ୍ଟ୍ରେଲିଆ, ସିଙ୍ଗାପୁର, ମାଲେସିଆ, ବେଲାରୁଷ୍, ୟୁକେ ଭଳି ୧୬ଟି ଦେଶର ପ୍ରତିନିଧି କନ୍‌କ୍ଲେଭରେ ସାମିଲ ହେବେ ବୋଲି ଜଣାପଡ଼ିଛି। ୨ ଦିନରେ ହେବାକୁ ଥିବା ଏହି କନ୍‌କ୍ଲେଭରେ ବିଭିନ୍ନ କ୍ଷେତ୍ର ପାଇଁ ୧୫ଟି ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବ। ଏଥିପାଇଁ ➪ପୃଷ୍ଠା-୬

## ଖୁବଶୀଘ୍ର ନୂଆ ଷ୍ଟାର୍ଟଅପ୍ ପଲିସି: ଧର୍ମେନ୍ଦ୍ର



- ରାଜ୍ୟରେ ୨୦୩୬ ସୁଦ୍ଧା ୧୦୦ ଷ୍ଟାର୍ଟଅପ୍
- ପ୍ରତି ଷ୍ଟାର୍ଟଅପ ମୂଲ୍ୟ ୧୦୦ କୋଟି ଲକ୍ଷ୍ୟ
- ଓଡ଼ିଶାକୁ କେନ୍ଦ୍ରୀୟ ଯୋଜନା, ନୀତି ଓ ସଂସ୍କାରର ସର୍ବାଧିକ ଫାଇଦା

**ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଖୁବଶୀଘ୍ର ସମସ୍ତ ଷ୍ଟେକହୋଲଡର ବିଶେଷ ଭାବରେ ଯୁବ ଉଦ୍ୟମୀଙ୍କ ସହ ଆଲୋଚନା କରି ନୂଆ ଷ୍ଟାର୍ଟଅପ୍ ପଲିସି ଆଣିବେ। ଯୁବ ଉଦ୍ୟମୀଙ୍କ ଅପେକ୍ଷା ଓ ଆକାଂକ୍ଷାକୁ ପୂରଣ କରିବା, ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ସହଯୋଗ ଓ ସମନ୍ୱୟରେ ବଜାର, ନବସୃଜନ ଏବଂ ଆନୁଷଙ୍ଗିକ ସମର୍ଥିତ ପ୍ରକ୍ରିୟାକୁ ପ୍ରୋତ୍ସାହନ ଦେବା ଭଳି ବିଷୟକୁ ଦୃଷ୍ଟିରେ ରଖି ନୂଆ ଷ୍ଟାର୍ଟଅପ୍ ପଲିସି କାର୍ଯ୍ୟକାରୀ କରାଯିବ ବୋଲି ଆଜି ଏଠାରେ ଉଦ୍‌ଘାଟିତ ହୋଇଥିବା 'ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନକ୍ଲେଭ-୨୦୨୫'ରେ ଯୋଗଦେବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

କେନ୍ଦ୍ର ମନ୍ତ୍ରୀ ଆଜି ପ୍ରଥମେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜନତା ମଇଦାନରେ ସ୍ୱାଗତ କରିଥିଲେ। ପରେ ଏକ ପୃଥକ ଅଧିବେଶନରେ 'ଓଡ଼ିଶା—ଏ ରାଇଜିଂ ଷ୍ଟାର୍ ଇନ୍ ଇଣ୍ଡିଆ ଷ୍ଟାର୍ଟଅପ୍ ଲ୍ୟାଣ୍ଡସ୍କେପ୍' ବା 'ଭାରତର ➪ପୃଷ୍ଠା-୬

## ନିରଞ୍ଜନଙ୍କ ପାଇଁ ନବୀନ ଏତେ ସମ୍ବେଦନଶୀଳ କାହିଁକି ?

### ପରାମର୍ଶଦାତା ବୁଦ୍ଧିରେ ଲୋକହସା



**ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ):** କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ଘଟଣାରେ ଆଗକୁ ଆସି ସରକାରଙ୍କୁ ସମାଲୋଚନା କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନିଜ ସରକାର ଅମଳରେ ମାଳ ମାଳ ହତ୍ୟା, ଧର୍ଷଣ ଆଦି ମାମଲାରେ ମୂକ ଦର୍ଶକ ସାଜିଥିବା ଓ ପ୍ରାୟ ସବୁ ଘଟଣାକୁ ସମ୍ବେଦନଶୀଳ ଦର୍ଶାଇ ଏହାକୁ ନେଇ ରାଜନୀତି ନ କରିବା ପାଇଁ ପରାମର୍ଶ ଦେଉଥିବା ନବୀନ ହଠାତ୍ ଚୋରି ଘଟଣାରେ କନ୍ଦାକଟା କରିବା ଏବେ ଆଲୋଚନାର ବିଷୟ ପାଲଟିଛି। ନବୀନଙ୍କ ଏଭଳି ନିରଞ୍ଜନ ପ୍ରୀତି ଦେଖି ଅନେକ ଖାଲି ହସୁନାହାନ୍ତି, ସାମାନ୍ୟ ଚୋରି ଘଟଣାରେ ନବୀନ ଯେଭଳି ପ୍ରତିକ୍ରିୟା ଦେଇଛନ୍ତି, ଏଥିରୁ ଜାଣିଚାଏ ମମିତା ମେହେର ହତ୍ୟାକାଣ୍ଡ କିମ୍ବା ମାହାଙ୍ଗା ଡବଲ ମର୍ଡର ଘଟଣାରେ ଦେଖାଇଥିଲେ ଆଜି ଅପବାଦ ମୁଣ୍ଡାଇ ବୁଲୁନଥାନ୍ତେ ବୋଲି କହୁଛନ୍ତି। ତେବେ ଅସଲ କଥା ହେଉଛି ଯେ ଉତ୍କର୍ଷ ଓଡ଼ିଶାର ସଫଳ ଆୟୋଜନରେ ଈର୍ଷାନ୍ୱିତ ହୋଇ ସମାଲୋଚନା ପାଇଁ କୂଳକିନାରା ପାଉନଥିବା ନବୀନ ଶେଷରେ ଚୋରଙ୍କ କାନ୍ଧରେ ବନ୍ଧୁକ ରଖି ଫୁଟାଇଛନ୍ତି। ଅତୀତରେ ପରୀ, ମମିତା ମେହେର ସମେତ ➪ପୃଷ୍ଠା-୬

## ଛାତ୍ରୀ ଅସଦାଚରଣ ଘଟଣାର ତଦନ୍ତ କମିଟି ଗଠନ

### ବିଜେବି କଲେଜରେ ହଇଚଇ
### ନାକ୍ ଟିମ୍ ଯିବା ପରେ ରିପୋର୍ଟ

**ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ):** ଛାତ୍ରୀଙ୍କୁ ଅସଦାଚରଣ ଭଳି ଘଟଣାର ତଦନ୍ତ ପାଇଁ ବିଜେବି କଲେଜ ପକ୍ଷରୁ ଏକ ତିନିଜଣିଆ ତଦନ୍ତ କମିଟି ଗଠନ ହୋଇଛି। ଅସଦାଚରଣ ଘଟଣାଟି ନ ଚପିବାରୁ ଏହି କମିଟି ଗଠନ ସହିତ ଅଭିଯୁକ୍ତ ଅଧାପକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ କର୍ତ୍ତୃପକ୍ଷ ସଜବାଜ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ନାକ୍ ଟିମ୍ କଲେଜ ପରିଦର୍ଶନ ସାରି ଫେରିବା ପରେ ତଦନ୍ତ ଟିମ୍‌ର ରିପୋର୍ଟ ସରକାରଙ୍କୁ ପଠାଯିବ ବୋଲି ଏହି ସୂତ୍ରରୁ ଖବର ମିଳିଛି। ମିଳିଥିବା ସୂଚନାନୁଯାୟୀ, ଗତ ମାସରେ କଲେଜରେ ଏଭଳି କାଣ୍ଡ ଘଟିଛି। ଇଗ୍ନୋ ପରୀକ୍ଷା ଦେଉଥିବା ଜଣେ ଛାତ୍ରୀଙ୍କୁ ଦୁର୍ବ୍ୟବହାର କରିଥିଲେ ଜଣେ ଅଧାପକ। ଅଧାପକ ଜଣଙ୍କ ଗୋଟିଏ ବିଭାଗର ମୁଖ୍ୟ ହୋଇଥିବା ବେଳେ କିଛିଦିନ ଧରି ଇଗ୍ନୋ ପରୀକ୍ଷାରେ ସଂଯୋଜକ ଦାୟିତ୍ୱ ତୁଲାଉଛନ୍ତି। ନିଜ ଆଡୁ ଅନୁରୋଧ କରି ଏହି କାର୍ଯ୍ୟ କରୁଥିବା ଅଧାପକଙ୍କ ବିରୁଦ୍ଧରେ ଜଣେ ଛାତ୍ରୀ ଏଭଳି ଅଭିଯୋଗ ଆଣିଥିବାବେଳେ ତାହା କୁଆଡେ ପ୍ରମାଣିତ ହୋଇଛି। ଏହି ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଅଧାପକ ଜଣଙ୍କ ଇଗ୍ନୋ ପରୀକ୍ଷା ସମୟରେ ସମ୍ପୃକ୍ତ ଛାତ୍ରୀଙ୍କ ପ୍ରତି ଦୁର୍ବ୍ୟବହାର କରିଥିଲେ। ଛାତ୍ରୀ ଜଣଙ୍କ ଘଟଣା ସଂକ୍ରାନ୍ତରେ ନିଜ ଅଭିଭାବକଙ୍କୁ କହିଥିଲେ। ରାଜ୍ୟ ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ ଥିବା ଛାତ୍ରୀଙ୍କ ପିତା ପ୍ରଥମେ ନିଜ ➪ପୃଷ୍ଠା-୬



### ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଅସୁସ୍ଥ

**ଭୁବନେଶ୍ୱର,୨୮।୧ (ସଂଚାର ବ୍ୟୁରୋ):** ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଅସୁସ୍ଥ ହୋଇପଡ଼ିଛନ୍ତି। ତାଙ୍କୁ ଏଠାକାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଡାକ୍ତରୀ ଟିମ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ତୀକ୍ଷ୍ଣ ନଜର ରଖିଥିବା ବେଳେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ➪ପୃଷ୍ଠା-୬

**ଭୁବନେଶ୍ୱରରୁ ହାଇଦ୍ରାବାଦ ହେଲେ ଏୟାରଲିଫ୍ଟ**

# ବିଜେଡି ଷ୍ଟାଇଲ୍‌ରେ କାମ କରୁଛନ୍ତି ଲୋକସମ୍ପର୍କ ବାବୁ

- ଗଣମାଧମ ପ୍ରତିନିଧିଙ୍କୁ ପୂର୍ବଭଳି ଅଣଦେଖା
- ମୋହନ ସରକାରଙ୍କୁ ବଦନାମ ପାଇଁ ଷଡ଼ଯନ୍ତ୍ର




**ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ):** ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ବାବୁମାନେ ଏବେ ବି ବିଜେଡି ସରକାର ଷ୍ଟାଇଲରେ କାମ କରୁଛନ୍ତି । ଇଚ୍ଛା ହେଲେ ଗଣମାଧମ ପ୍ରତିନିଧିଙ୍କୁ ସୂଚନା ଦେଉଛନ୍ତି, ନହେଲେ ନାହିଁ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ସାମ୍ବାଦିକମାନଙ୍କୁ ସର୍ବାଧିକ ଗୁରୁତ୍ୱ ଦେଉଥିବା ବେଳେ ଲୋକସମ୍ପର୍କ ବିଭାଗ କିନ୍ତୁ ନିଜର ସୌଜନ୍ୟତା ଭୁଲିଯାଉଥିବା ଲକ୍ଷ୍ୟ କରାଯାଉଛି।

ରାଜ୍ୟରେ ନୂଆ ସରକାର ଗଠନ ହେବା ପରେ ପୁଲିସ୍ ମହାନିର୍ଦ୍ଦେଶକ ସମ୍ମିଳନୀ, ପ୍ରବାସୀ ଭାରତୀୟ ସମ୍ମିଳନୀ ଭଳି ବଡ଼ ବଡ଼ କାର୍ଯ୍ୟକ୍ରମ ପ୍ରଥମ ଥର ପାଇଁ ହୋଇଛି। ଏବେ ଚାଲିଛି ଉତ୍କର୍ଷ ଓଡିଶା କାର୍ଯ୍ୟକ୍ରମ। ସେହିଭଳି ନିକଟରେ ଶେଷ ହୋଇଛି ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମ। ହେଲେ ଏହିସବୁ କାର୍ଯ୍ୟକ୍ରମ ପାଇଁ ଲୋକସମ୍ପର୍କ ବିଭାଗ ଗଣମାଧମକୁ ନିମନ୍ତ୍ରଣ କରିବା ବଦଳରେ ସେମାନଙ୍କୁ ପାସ୍‌ଟିଏ ପାଇଁ ଆବେଦନ କରିବାକୁ କହୁଛି। ପୂର୍ବ ସରକାରରେ ଯେଭଳି ଭାବେ ଗଣମାଧମକୁ ସରକାରୀ କାର୍ଯ୍ୟରୁ ଦୂରେଇ ରଖାଯାଉଥିଲା, ଏବେ ବି ସେହି ଢଙ୍ଗରେ ଚାଲିଥିବା ନେଇ ଆଲୋଚନା ହେଉଛି। ହେଉଥିବା ଆଲୋଚନା ଅନୁଯାୟୀ, ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଓ ବିଭାଗର ପ୍ରମୁଖ ସଚିବ ଗଣମାଧମ ପ୍ରତି ସମ୍ବେଦନଶୀଳ ହେଉଥିବାବେଳେ ବିଭାଗୀୟ ନିର୍ଦ୍ଦେଶକ ଓ ତାଙ୍କ ଦପ୍ତରର କିଛି ବାବୁ କିନ୍ତୁ ସମ୍ବେଦନହୀନ ହେଉଛନ୍ତି। ଉତ୍କର୍ଷ ଓଡ଼ିଶା ଭଳି କାର୍ଯ୍ୟକ୍ରମକୁ ସାମ୍ବାଦିକମାନଙ୍କୁ ନିମନ୍ତ୍ରଣପତ୍ରଟିଏ ଦେବା ବଦଳରେ ବିଭାଗୀୟ ଅଧିକାରୀ ସେମାନଙ୍କୁ ଆସି ଗୋଡ଼ଭାଙ୍ଗି ଛିଡାହୋଇ ଆବେଦନ କରିବା ପାଇଁ ହ୍ୱାଟସ୍‌ଆପ୍ ଗ୍ରୁପରେ ଦୁଇ ଧାଡ଼ି ଲେଖି କାମ ସାରିଦେଇଛନ୍ତି। ଦେଖିଲେ ଦେଖ ନ ଦେଖିଲେ ନାହିଁ, ଢଙ୍ଗରେ କାର୍ଯ୍ୟ ହେଉଛି। ତେଣୁ ବିଭାଗରେ ପୂରା ବାବୁରାଜ୍ ଆଚାଲିଛି ବୋଲି ଏଥିରୁ ଜଳଜଳ ଦେଖାଯାଉଛି।

ଆଲୋଚନା ଅନୁଯାୟୀ ବିଭାଗର ନିର୍ଦ୍ଦେଶକ ବିଜେଡି ସରକାରଙ୍କର ଗେହ୍ଲାପୁଅ ଥିଲେ। ଝାରସୁଗୁଡ଼ା ଭଳି ଶିଳ୍ପ ସମୃଦ୍ଧ ଜିଲ୍ଲାର ଜିଲ୍ଲାପାଳ ଦାୟିତ୍ୱ ତାଙ୍କୁ ଦିଆଯାଇଥିଲା। ଏହାପରେ ତାଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଅଣାଯାଇଥିଲା। ଏଥିସହ ସେ ଓଏଏସ୍ ସେବା ସଂଘର ନେତା ମଧ ରହିଛନ୍ତି। ତେଣୁ ବିଜେଡି ସରକାରଙ୍କର ତାଙ୍କ ଉପରେ ଢେର କୃପାଦୃଷ୍ଟି ରହିଥିଲା। ସିଏ ଏବେ ବି ସେହି ଷ୍ଟାଇଲରେ କାର୍ଯ୍ୟ କରୁଛନ୍ତି। ତଳିଆ ଅଫିସରଙ୍କ ଉପରେ ଦାୟିତ୍ୱ ଦେଇ ନିଜେ କୌଣସି କାମ କାନ୍ଧକୁ ନେଉନାହାନ୍ତି। ଯାହା ଫଳରେ ରାଜ୍ୟସ୍ତରୀୟ ସାମ୍ବାଦିକମାନେ ସାଧାରଣତନ୍ତ୍ର ଦିବସରେ ପାସ୍‌ଟିଏ ପାଇଲେ ନାହିଁ କି ଆଟ୍‌ହୋମ୍ ପାଇଁ ନିମନ୍ତ୍ରଣପତ୍ରଟିଏ।

ନିର୍ଦ୍ଦେଶକଙ୍କ ଭଳି ସାମ୍ବାଦିକଙ୍କୁ ପାସ୍ ଦାୟିତ୍ୱରେ ଥିବା ବାବୁ ବି ଯାଜପୁର ଜିଲ୍ଲାରୁ ବଦଳି ହୋଇଆସିଛନ୍ତି। ➪ପୃଷ୍ଠା-୬

# ମୌଳିକ ସୁବିଧାରୁ ବଞ୍ଚିତ ନୀଳକଣ୍ଠେଶ୍ୱର ଆଦର୍ଶ ଉପ୍ରା ବିଦ୍ୟାଳୟ

**ମହାକାଳପଡ଼ା,୨୮।୧(ସଂଚାର ବ୍ୟୁରୋ):** ସର୍ବ ପୁରାତନ ବିଦ୍ୟାଳୟର ଉନ୍ନତି କରଣ ପାଇଁ ସ୍କୁଲ ପରିଚାଳନା କମିଟି ତରଫରୁ ବିଧାୟକଙ୍କୁ ୬ ଦଫା ସମ୍ବଳିତ ପ୍ରସ୍ତାବ ଦିଆଯାଇଛି। ବିଦ୍ୟାଳୟର ବିଭିନ୍ନ ସମସ୍ୟା ଓ ଅବ୍ୟବସ୍ଥା ସମ୍ପର୍କରେ ଦର୍ଶାଇ କମିଟି ତରଫରୁ ଏହାର ଉନ୍ନୟନ ପାଇଁ ପ୍ରୟାସ କରାଯାଇଛି।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ବଳିପାଳ ପଞ୍ଚାୟତ ପୋଷାଇ ଗ୍ରାମରେ ଥିବା ନୀଳକଣ୍ଠେଶ୍ୱର ଉ.ପ୍ରା ବିଦ୍ୟାଳୟ ୧୯୩୬ ମସିହାରେ ସ୍ଥାପିତ ହୋଇଥିଲା। ଯାହା ଆଜିକୁ ୮୯ ବର୍ଷ ରେ ପଦାର୍ପଣ କରିଛି। ଏହି ବିଦ୍ୟାଳୟରେ କେତେ ଛାତ୍ର ଛାତ୍ରୀ ମାନେ ନିଜର ଶିକ୍ଷା ସମାପ୍ତ କରି ନିଜେ ଜଣେ ଜଣେ ସମାଜର ପତିଷ୍ଠିତ ବ୍ୟକ୍ତି ହେବା ସହ ସେମାନଙ୍କର ପରପିଢ଼ିମାନେ ମଧ୍ୟ ଏହି ବିଦ୍ୟାଳୟରେ ଶିକ୍ଷା ଲାଭ କରୁଛନ୍ତି। ବିଦ୍ୟାଳୟରେ ଅଧ୍ୟୟନ କରି ପ୍ରତି ବର୍ଷ ୫ ରୁ ୬ ଜଣ ଛାତ୍ରଛାତ୍ରୀ ନବୋଦୟ, ଆଦର୍ଶ, ପଠାଣି ସାମନ୍ତ ଇତ୍ୟାଦି ବହୁ ପରୀକ୍ଷାରେ ଉତ୍ତିର୍ଣ୍ଣ ହୋଇ ବିଦ୍ୟାଳୟ ର ଗାରିମା ବୃଦ୍ଧି କରୁଛନ୍ତି । କିନ୍ତୁ ଦୁଃଖର ବିଷୟ ଏହାର ଉନ୍ନତି ସହ ଗୌରବ ବୃଦ୍ଧି ନିମନ୍ତେ କାହାର ନଜର ନାହିଁ କି ନିବେଦନ କଲେ ମଧ୍ୟ ଚିନ୍ତା ନାହିଁ । ଏହି ଅବହେଳିତ ପାଇଁ ବହୁ ମେଧାବୀ ଛାତ୍ର ଛାତ୍ରୀ ମାନେ ଉନ୍ନତ ଶିକ୍ଷାରୁ ବଞ୍ଚିତ ହେବା ସହ ବିଦ୍ୟାଳୟର ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ବୋଲି ସ୍କୁଲ କମିଟି ତରଫରୁ ଅଭିଯୋଗ କରିଛନ୍ତି।

- ୮ ଶ୍ରେଣୀକୁ ଅଛି କେବଳ ୨ ଶ୍ରେଣୀ ଗୃହ
- ନାହିଁ ଖେଳ ପଡିଆ ଓ ଶୌଚାଳୟ ସୁବିଧା
- ବିଧାୟକଙ୍କ ହସ୍ତକ୍ଷେପ ଲୋଡିଲେ ସ୍କୁଲ କମିଟି

ଅଭିଯୋଗ ଅନୁଯାୟୀ ସ୍କୁଲ ରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୫୮ ଜଣ ଛାତ୍ର ଛାତ୍ରୀ ପାଠ ପଢୁଛନ୍ତି। ହେଲେ ପଢିବା ପାଇଁ କେବଳ ଦୁଇଟି ଶ୍ରେଣୀ ଗୃହ ରହିଛି। ଯାହା ଶ୍ରେଣୀ ପାଠକୁ ବାଧା ଉପୁଜୁଛି। ସ୍ୱଚ୍ଛ ପିଇବା ପାଣି ସହ ଆବଶ୍ୟକ ଅନୁଯାୟୀ ଶୌଚାଳୟ ର ସୁବିଧା ନାହିଁ। ପିଲାଙ୍କ ପାଇଁ କୌଣସି ଖେଳ ପଡିଆ ନାହିଁ ଯାହା ବର୍ତ୍ତମାନର




ପିଲାଙ୍କୁ ନିତ୍ୟାନ୍ତ ଆବଶ୍ୟକ ଯାହାଦ୍ୱାରା ଖେଳିବାରୁ ଛାତ୍ର ଛାତ୍ରୀ ବଞ୍ଚିତ ରହୁଛନ୍ତି।ବିଦ୍ୟାଳୟର ସୁରକ୍ଷା ପାଇଁ ସମ୍ପୂର୍ଣ୍ଣ ପ୍ରାଚେରି ନାହିଁ। ସ୍କୁଲ ପାଠାଗାର ଓ ମଧ୍ୟାହ୍ନ ଭୋଜନ ପାଇଁ ସ୍ୱତନ୍ତ୍ର ଗୃହ ପାଇଁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି କମିଟି ସଦସ୍ୟ। ମାନ୍ୟବର ବିଧାୟକଙ୍କ ଦୃଷ୍ଟି ଆକର୍ଷଣ ସହିତ ବିଦ୍ୟାଳୟର ସାମୂହିକ ଉନ୍ନତ୍ତିକରଣ କାର୍ଯ୍ୟ ରେ ବିଧାୟକ ଙ୍କ ସହଯୋଗ ରହିଲେ ଛାତ୍ରଛାତ୍ରୀ ମାନେ ଉତ୍ତମ ବାତାବରଣରେ ପାଠ ପଢି ପାରନ୍ତେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ବିଦ୍ୟାଳୟ କମିଟି।

## ଅମରଙ୍କ ଏକାଦଶାହରେ ୟୁଥ୍ ଗ୍ରୁପ୍‌ର ଶ୍ରଦ୍ଧାଞ୍ଜଳି

**ମହାକାଳପଡ଼ା,୨୮।୧(ସଂଚାର ବ୍ୟୁରୋ):** ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାର ତରଫରୁ ଅମର ଲେଙ୍କାଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ସଙ୍ଗଠନର ସଦସ୍ୟମାନେ। ମହାକାଳପଡ଼ା ୟୁଥ୍ ଗ୍ରୁପ ର ସଦସ୍ୟମାନେ ଅମରଙ୍କ ବାସଭବନରେ ପହଞ୍ଚି ଫଟୋଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରି ଅମର ଆତ୍ମାର ସଦଗତି କାମନା କରିଥିଲେ। ପରିବାର ବର୍ଗଙ୍କୁ ଏମିତି ଅସମୟରେ ସମବେଦନା ଜଣାଇବା ସହିତ ଗ୍ରୁପ୍ ତରଫରୁ ୧୦,୦୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଅମର ଲେଙ୍କା ମଙ୍ଗଳପୁର ପଞ୍ଚାୟତ ଗୁହାଳକଣି ଗ୍ରାମର ଜଣେ ସଚେତନ ଯୁବକ। ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାର ର ସକ୍ରିୟ ସଦସ୍ୟ ଭାବରେ ଲୋକ ମାନଙ୍କ ସୁବିଧା ଅସୁବିଧାରେ ପହଞ୍ଚୁଥିଲେ। ଗତ ୧୮ ଜାନୁଆରୀ ରେ ଅମରଙ୍କ ଆକସ୍ମିକ ମୃତ୍ୟୁ ଘଟିଥିଲା। ଅମରଙ୍କ ଦେହାନ୍ତରେ ଅନେକ ବ୍ୟକ୍ତି ବିଶେଷ ଶୋକ ପ୍ରକାଶ କରିଥିଲେ। ଆଜି ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାର ତରଫରୁ ତାଙ୍କ ପରିବାର ପାଖରେ ପହଞ୍ଚି ସମବେଦନା ଜଣାଇବା ସହିତ ସହାୟତା ଯୋଗାଇ ଦିଆଯାଇଛି। ସଙ୍ଗଠନ ତରଫରୁ ଲକ୍ଷ୍ମୀଧର ସ୍ୱାଇଁ, ବିରେନ କୁମାର ବେହେରା, ପ୍ରକାଶ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।



### ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଗର୍ଜିଲେ ମିଶନ ଶକ୍ତି ମହିଳା

## ଇସି ସଦସ୍ୟଙ୍କ ସ୍ଥାୟୀ ନିଯୁକ୍ତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**କେନ୍ଦ୍ରାପଡ଼ା,୨୮।୧(ସଂଚାର ବ୍ୟୁରୋ):** ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଗର୍ଜିଲେ ମିଶନ ଶକ୍ତି ମହିଳା । କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟରତ ଥିବା ମିଶନ ଶକ୍ତିର ତୃଣମୂଳ ସ୍ତରର କାର୍ଯ୍ୟକର୍ତ୍ତା ଇସି ସଦସ୍ୟଙ୍କ ସ୍ଥାୟୀ ନିଯୁକ୍ତି ଓ ଅନ୍ୟାନ୍ୟ ସମସ୍ୟା ସମାଧାନ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।

ଏହି ଦାବିପତ୍ରରେ ମୀଶନ ଶକ୍ତି ଇସି ସଦସ୍ୟ ମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯାଇ ଭାରତୀୟ ଶ୍ରମ ସମ୍ମିଳନୀର ୪୫ ଓ ୪୬ ପ୍ରସ୍ଥାପନା ଭିତିରେ ୱାର୍କର ମାନ୍ୟତାର ସୁପାରିଶକୁ କାର୍ଯ୍ୟକାରୀ କରାଯାଉ। ମିଶନଶକ୍ତି ଇସି ସଦସ୍ୟ ମାନଙ୍କୁ ମାସିକ ମାନଦେୟ ସରକାରଙ୍କ ଦ୍ୱାରା ଘୋଷିତ କୁଶଳୀ ଶ୍ରମିକର ସର୍ବନିମ୍ନ ମଜୁରୀ ହାରରେ ପ୍ରଦାନ କରାଯାଉ । ଜି.ପି.ଏଲ.ଏଫର ଇସି



ପିଛା ହାରରେ ଭତା ପ୍ରଦାନ କରାଯାଉ। ଇସି ସଦସ୍ୟ ମାନଙ୍କୁ ବରିଷ୍ଠତା ଭିତିରେ ପଦୋନ୍ନତି ଦେବାର ବ୍ୟବସ୍ଥା କରାଯାଉ। ମିଶନ ଶକ୍ତି ଇସି ସଦସ୍ୟ ମାନଙ୍କ କାର୍ଯ୍ୟକାଳ ୬୫ ବର୍ଷ ଧାର୍ଯ୍ୟ କରାଯାଉ ଆଦି ଦାବି ଗୁଡିକ ରହିଛି ।

ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କୁ ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସଭାପତି ପ୍ରତିଭା ସାହୁ ସଂପାଦକ ସ୍ୱପ୍ନା ସିଂହଙ୍କ ସମେତ ହଜାରରୁ ଉର୍ଦ୍ଧ୍ୱ ଇସି ସଦସ୍ୟ ମାନେ ଉପସ୍ଥିତ ଥିଲେ ।

## ଦୁଇ ଘରୁ ଚୋରି

**ରାଜକନିକା,୨୮।୧(ସଂଚାର ବ୍ୟୁରୋ):** ଗୋଟିଏ ରାତିରେ ଦୁଇ ଜଣଙ୍କ ଘରୁ କଳାକନା ବୁଲାଇଲେ ଚୋର। ଘରର ତାଲା କାଟି ଆଲମିରା ଲକର ଭାଙ୍ଗି ଲୁଟିନେଲେ ଲକ୍ଷ୍ୟାଧିକ ଟଙ୍କାର ସୁନା ଅଳଙ୍କାର ଓ ଟଙ୍କା ପଇସା। ଏମିତି ଚୋରି ଘଟଣା ଘଟିଛି ରାଜକନିକା ଓଳାଭର ଦେଉଳସାହି ଗାଁର ସୁଶାନ୍ତ ନାୟକଙ୍କ ଘରେ। ଗତକାଲି ବିଳମ୍ବିତ ରାତ୍ରିରେ ଚୋରମାନେ ସୁଶାନ୍ତଙ୍କ ଘରେ ଓ ତାଙ୍କ ଭାଇଙ୍କ ଘରେ ପଶି ରୁମର ତାଲାକୁ କାଟି ଆଲମିରା ଲକର ତାଡି ଚୋରିକରୀ ନେଇଥିବା ଦେଖିବାକୁ ମିଳିଛି। ଏନେଇ ସୁଶାନ୍ତଙ୍କ ପକ୍ଷରୁ ରାଜକନିକା ଥାନାରେ ଲିଖିତ ଅଭିଯୋଗ କରାଯାଇଛି ପୋଲିସ ଘଟଣା ସ୍ଥଳରେ ପହଁଚି ତଦନ୍ତ କରିଥିବା ସୂଚନା ରହିଛି।



## କେନ୍ଦ୍ରାପଡ଼ା ବ୍ଲକରେ ବ୍ଲକ୍‌ସ୍ତରୀୟ ପରାମର୍ଶ ଶିବିର

**କେନ୍ଦ୍ରାପଡ଼ା,୨୮।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକରେ ବ୍ଲକ୍ ସ୍ତରୀୟ ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ତାଲିମ ନିମନ୍ତେ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏହି ବ୍ଲକ୍ ସ୍ତରୀୟ ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିରକୁ ଆନୁଷ୍ଠାନିକ ଭାବେ ମୁଖ୍ୟ ଅତିଥି ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଉଦଘାଟନ କରିଥିଲେ ।

ଏହି ପରାମର୍ଶ ଶିବିରର ପ୍ରାରମ୍ଭରେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଶ୍ରୀ ଘନଶ୍ୟାମ ସା ନିଯୁକ୍ତି ଭିତ୍ତିକ ଦକ୍ଷତା ତାଲିମ ବିଷୟରେ ଉପସ୍ଥିତ ଥିବା ଦକ୍ଷତା ବିକାଶ ତାଲିମ ନେବା ନିମନ୍ତେ ଆଶାୟୀ ଯୁବକ ଓ ଯୁବତୀ ମାନଙ୍କ ସହିତ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ସ୍ମୃତିରଞ୍ଜନ ପ୍ରଧାନ ଜିଲ୍ଲାପାଳ ଦକ୍ଷତା ବିକାଶ ମାଧ୍ୟମରେ ଆଶାୟୀ ଯୁବକ ଓ ଯୁବତୀମାନେ ନିଜର ଜୀବିକା ଅର୍ଜନ କରିପାରିବେ ଓ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ ଏବଂ ମାନବ ସମ୍ବଳର ବିକାଶ ସହ ଅର୍ଥନୈତିକ ସ୍ୱଚ୍ଛଳତା ପାଇଁ ଦକ୍ଷତା ବିକାଶ ଏକାନ୍ତ ଅପରିହାର୍ଯ୍ୟ ବୋଲି ମତ ସାବ୍ୟସ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ ନିଲୁ ମହାପାତ୍ର (ଅତିରିକ୍ତ ଜିଲ୍ଲାପାଳ), ରଶ୍ମିତା ସେଠୀ, ଅଧ୍ୟକ୍ଷ, କେନ୍ଦ୍ରାପଡ଼ା ପଞ୍ଚାୟତ ସମିତି, ପ୍ରତାପ ନାରାୟଣ ମହାପାତ୍ର, ଉପାଧକ୍ଷ, କେନ୍ଦ୍ରାପଡ଼ା ପଞ୍ଚାୟତ ସମିତି, ଗୁଣନିଧି ପ୍ରଧାନ, ଅଧ୍ୟକ୍ଷ, ସରକାରୀ ପଲିଟେକ୍ନିକ, କେନ୍ଦ୍ରାପଡ଼ା ଓ ଅଭିଷେକ ସ୍ୱାଇଁ, ମଣ୍ଡଳ ଉନ୍ନୟନ ଅଧିକାରୀ, କେନ୍ଦ୍ରାପଡ଼ା ଯୋଗ ଦେଇ ଆଶାୟୀ ପ୍ରାର୍ଥୀଙ୍କୁ ଉତ୍ସାହ ପ୍ରଦାନ କରିଥିଲେ । ଏହି ଦକ୍ଷତା ବିକାଶ ପରାମର୍ଶ ଶିବିରରେ ୧୪ ଗୋଟି ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଦ୍ୱାରା ଚୁକ୍ତିବଦ୍ଧ ହୋଇଥିବା



ତାଲିମ ପ୍ରଦାନକାରୀ ସଂସ୍ଥା ଯୋଗ ଦେଇଥିଲେ । ଏହି ଶିବିରରେ ସମୁଦାୟ ୨୫୬ ଜଣ ଆଶାୟୀ ଯୁବକଯୁବତୀ ପଞ୍ଜୀକରଣ କରିଥିଲେ ଏବଂ ସେଥିରୁ ୨୩୬ ଜଣ ତାଲିମ ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିଲେ । ଏହିପରି ଆସନ୍ତା ୩୦ ତାରିଖ ଦିନ ଆଳି ବ୍ଲକ ପରିସରରେ ବ୍ଲକ୍ ସ୍ତରୀୟ ନିଯୁକ୍ତି ଭିତ୍ତିକ ଦକ୍ଷତା ବୃଦ୍ଧି ତାଲିମ ନିମନ୍ତେ ପରାମର୍ଶ ଶିବିର ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।

## ୩ ହଜାର ଭତ୍ତା ଦାବିରେ ବିଡ଼ିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ମାର୍ଶାଘାଇ,୨୮।୧(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ୍‌ର ଶତାଧିକ ବରିଷ୍ଠ ନାଗରିକ, ଭିନ୍ନକ୍ଷମ,ବିଧବା ମହିଳା ହିତାଧିକାରୀ ଆଜି ମେଳି ବାନ୍ଧି ବିଡ଼ିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ପ୍ରଦାନ କରିଛନ୍ତି। ସମସ୍ତ ଭତ୍ତା ହିତାଧିକାରୀ ଙ୍କୁ ୩,୦୦୦ ଟଙ୍କା ପ୍ରଦାନ କରିବା ସମ୍ପର୍କରେ ଉଲ୍ଲେଖ କରି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବ ସରକାରଙ୍କ ସମୟରେ ୧୦୦୦ ଟଙ୍କା ଭତ୍ତା ପାଉଥିଲେ। ନିର୍ବାଚନ ପୂର୍ବରୁ ବର୍ତ୍ତମାନର ସରକାର ଶାସନକୁ ଆସିଲେ ସମସ୍ତଙ୍କ ପାଇଁ ୩୦୦୦ ଟଙ୍କା ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ହେଲେ ସରକାରକୁ ଆସିବା ପରେ କେବଳ ୮୦ ପ୍ରତିଶତ ବା ତଦୁର୍ଦ୍ଧ୍ୱ ଭିନ୍ନକ୍ଷମ, ଦିବ୍ୟାଙ୍ଗ ଓ ୮୦ ବର୍ଷରୁ ଅଧିକ ବ୍ୟକ୍ତିଙ୍କୁ ୩୫୦୦ ଟଙ୍କା ଦେଉଛନ୍ତି। ହେଲେ ସମସ୍ତଙ୍କ ପାଇଁ କାହିଁକି ସରକାର ପ୍ରତିଶ୍ରୁତି ଦେଇଥିବା ଭତ୍ତା ପ୍ରଦାନ କରୁନାହାନ୍ତି? ବର୍ତ୍ତମାନ ସମୟରେ ବଜାର ଦର ବୃଦ୍ଧି ହିସାବରେ ଚଳିବା ଅତ୍ୟନ୍ତ କଷ୍ଟଦାୟକ। ତେଣୁ ସରକାର ଏଥି ପାଇଁ ବିଚାର କରି ସବୁ ବର୍ଗର ଭତ୍ତା ହିତାଧିକାରୀ ଙ୍କ ପାଇଁ ୩୯୦୦ ଟଙ୍କା ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି।

## ବଡ଼ପଡା ପଞ୍ଚାୟତ ସରପଞ୍ଚ ଉପନିର୍ବାଚନରେ ୬୫% ମତଦାନ

**ପଟ୍ଟାମୁଣ୍ଡାଇ,୨୮।୧(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡ଼ପଡା ପଂଚାୟତ ସରପଞ୍ଚ ସୌଦାମିନୀ ସେଠୀଙ୍କ ପରଲୋକ ଯୋଗୁଁ ପୂର୍ବ ନିର୍ଧାରିତ କାର୍ଯ୍ୟସୂଚି ଅନୁଯାୟୀ ଆଜି ସରପଞ୍ଚ ପଦବୀ ପାଇଁ କଡା ସୁରକ୍ଷା ମଧ୍ୟରେ ଉପନିର୍ବାଚନ ଅନୁଷ୍ଠିତ ହୋଇଯାଇଛି ।ବଡପଡା ପଂଚାୟତ ୧୩ଟି ୱାର୍ଡକୁ ନେଇ ଗଠିତ । ଏହାର ଭୋଟର ସଂଖ୍ୟା ୪, ୬୦୩ ।ଆଜି ସକାଳ ୭ଟା ସମୟରେ ମତଦାନ ଆରମ୍ଭ ହୋଇ ଦିନ ୧ଟା ସମୟରେ ସମାପ୍ତ ହୋଇଥିଲା । ପ୍ରାୟ ୬୫% ମତଦାନ ହୋଇଛି । ଏହି ପଂଚାୟତର ମୋଟ ଭୋଟର ସଂଖ୍ୟା ୪, ୬୦୩ ମଧ୍ୟରୁ ୩୦୦୭ ଭୋଟର ନିଜର ମତଦାନ ଅଧିକାର ସାବ୍ୟସ୍ତ କରିଛନ୍ତି । ସେଥି ମଧ୍ୟରେ ୧୪୨୭ପୁରୁଷ ଭୋଟର ଥିବାବେଳେ ୧୫୮୦ମହିଳା ଭୋଟର ରହିଛନ୍ତି।

ଏହି ଉପନିର୍ବାଚନରେ ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀନୀ ଅନନ୍ୟା ଶୁଭସ୍ମିତା ସେଠୀ, ବିଜେପି ସମର୍ଥିତ ସରପଞ୍ଚ ପ୍ରାର୍ଥୀନୀ ଲିଲା ମଲିକ ଓ କଂଗ୍ରେସ ସମର୍ଥିତ ପ୍ରାର୍ଥୀନୀ ଜ୍ୟୋସ୍ନାରାଣୀ ସେଠୀ ସରପଞ୍ଚ ପଦବୀ ପାଇଁ ପ୍ରତିଦ୍ୱନ୍ଦୀତା କରୁଛନ୍ତି ।କଡା ସୁରକ୍ଷା ମଧ୍ୟରେ ଅନୁଷ୍ଠିତ ବଡ଼ପଡା ପଂଚାୟତ ଉପନିର୍ବାଚନରେ ପଟ୍ଟାମୁଣ୍ଡାଇ ବିଡ଼ିଓ ଶୁଭ୍ରାଂଶୁ ସାହୁ ନିର୍ବାଚନଅଧିକାରୀ ଥିବାବେଳେ ରାଜନଗର ତହସିଲଦାର ଅଜୟ ମହାନ୍ତି ମାଜିଷ୍ଟ୍ରେଟ ଦାୟିତ୍ୱ ବହନ କରିଥିଲେ । ଏହି ଉପନିର୍ବାଚନକୁ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ,ଅତିରିକ୍ତ ବିଡ଼ିଓ ସନ୍ତୋଷ କୁମାର ମନ୍ତ୍ରୀ, କେନ୍ଦ୍ରାପଡ଼ା ଅତିରିକ୍ତ ଏସ ପି ଦେବାଶିଷ ଧଳ, ପଟ୍ଟାମୁଣ୍ଡାଇ ଏସ ଡି ପି ଓ କ୍ଷମା ସାଗର ପଣ୍ଡା, ଗ୍ରାମାଞ୍ଚଳ ଥାନା ଆଇ ଆଇ ସି ନରେଶ ସାହୁ, ଜି ପି ଡି ଓ ପିତାମ୍ବର ଜେନା, ସେକ୍ଟର ଅଫିସର ଇଂ ବିଶ୍ୱଜିତ ମିଶ୍ର ପରିଚାଳନା କରିଥିବାବେଳେ ୪୩ ପୋଲିଙ୍ଗ ଅଫିସର, ୧୩ଜଣ ପୋଲିସ କନେଷ୍ଟବଳ ୨ ପ୍ଲାଟୁନ ପୋଲିସ ନିୟୋଜିତ ହୋଇଥିଲେ । ଭୋଟ ବାକ୍ସ ପଟ୍ଟାମୁଣ୍ଡାଇ ବ୍ଲକ ଷ୍ଟ୍ରଙ୍ଗ ରୁମରେ ରହିଛି । ୧୫ ଜଣ ସଶସ୍ତ୍ର ପୋଲିସ ଷ୍ଟ୍ରଙ୍ଗ ରୁମକୁ ଜଗି ରହିଛନ୍ତି ।

### ଚାଟରାପାଟଣା ସିରିଡି ସାଇ ବାବାଙ୍କ ୫ମ ଜନ୍ମ ବାର୍ଷିକ ଉତ୍ସବ ପାଳନ



**କେନ୍ଦ୍ରାପଡା,୨୮।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଞ୍ଚଳ ଅଧୀନ ଚାଟରାପାଟଣା ଗ୍ରାମ କେନାଲ କଡରେ ଥିବା ପ୍ରଭୁ ସିରିଡି ସାଇ ବାବାଙ୍କ ମନ୍ଦିର ସମ୍ମୁଖରେ ବାବାଙ୍କ ୫ମ ଜନ୍ମ ବାର୍ଷିକ ଉତ୍ସବ ଗତ ୨୬ ତାରିଖ ଠାରୁ ଆରମ୍ଭ ହୋଇଛି । ଦୀର୍ଘ ୩ଦିନ ଧରି ସଭାନେତ୍ରୀ ତମସା ପାତ୍ର ଏବଂ ଉପସଭାପତି ତପନ କୁମାର ରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ପ୍ରତିଦିନ ଏହି ବାର୍ଷିକ ଉତ୍ସବ ମହା ଧୁମଧାମ୍ ରେ ଆୟୋଜିତ ହେଉଛି। ଏହି କାର୍ଯ୍ୟକ୍ରମ ପାଳନ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ବାବାଙ୍କ ବାର୍ଷିକ ଉତ୍ସବରେ ମଧ୍ୟ ପ୍ରବଳ ଭକ୍ତ ମାନଙ୍କ ସମାଗମ ଦେଖିବାକୁ ମିଳିଥିଲା ।

### ଓଳାଭର ପଞ୍ଚାୟତରେ ସରକାରୀ ଅର୍ଥ ଲୁଟ ଅଭିଯୋଗ

## ଭିଜିଲାନ୍ସ ତଦନ୍ତ ଦାବି

**ରାଜକନିକା,୨୮।୧(ସଂଚାର ବ୍ୟୁରୋ):** ରାଜକନିକା ଓଳାଭର ପଞ୍ଚାୟତ ରେ ହୋଇଥିବା ମୋହାଦୁର୍ନୀତି ବିରୁଦ୍ଧରେ ଆଜି ଓଳାଭର ପଞ୍ଚାୟତ ର ଦେଉଳସାହି କଚେରୀ ପଡିଆରେ ଦେଉଳସାହି ଗ୍ରାମର ସଚେତନ ନାଗରିକ ଓ ବୁଦ୍ଧିଜୀବୀ ମାନଙ୍କ ଦ୍ୱାରା ଏକ ସାମ୍ବାଦିକ ସମ୍ମିଳନୀ ଡ଼କାଯାଇ ତଥ୍ୟ ପ୍ରଦାନ କରାଯାଇଛି। ୨୦୨୦ ମସିହାରେ ପଞ୍ଚାୟତର ତତ୍କାଳୀନ ସରପଞ୍ଚ, ଜିଆରଏସ, ଏଇ, ଏଡବ୍ଲ୍ୟୁଇ ଓ ପିଓ ମିଳିତ ଭାବରେ ଗ୍ରାମୀଣ ପାର୍କ ନିର୍ମାଣ ପାଇଁ ଆସିଥିବା ଦଶଲକ୍ଷ ଟଙ୍କାକୁ ଜାଲିଯାତି କରି ଲୁଟ କରିଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ପାର୍କର କାର୍ଯ୍ୟାଦେଶ ଥିବା ତତ୍କାଳୀନ ପିଓ ଲକ୍ଷ୍ମୀଧର ସେନାପତିଙ୍କ ନାମରେ ରହିଛି। ଦେଉଳସାହି ଗାଁର ଆରାଧ୍ୟ ପ୍ରଭୁ ଜଗନ୍ନାଥ ମନ୍ଦିର ଉନ୍ନତି କରଣ କାମକୁ ପାର୍କ ବୋଲି ବ୍ଲକରେ ମିଥ୍ୟା ଫଟୋ ଓ ତଥ୍ୟ ପ୍ରଦାନ କରି ପାର୍କ ପାଇଁ ଆସିଥିବା ଟଙ୍କାକୁ ଲୁଟ ହୋଇଥିବା କହିଛନ୍ତି ଗାଁ ର ଲୋକ।ଆଗାମୀ ପନ୍ଦର ଦିନ ମଧ୍ୟରେ ଏହାର ଭିଜିଲାନ୍ସ ତଦନ୍ତ କରାନଗଲେ ଓଳାଭର ରୁ ଭୁବନେଶ୍ୱର ପଦଯାତ୍ରା କରି ମୁଖ୍ୟମନ୍ତ୍ରୀ ଙ୍କୁ ଭେଟି ଅଭିଯୋଗ କରିବାକୁ ଚେତାବନୀ ଦେଇଛନ୍ତି ଗାଁ ଲୋକ।ଏହା ସହିତ ଓଳାଭର ପଞ୍ଚାୟତରେ ଯେତେ ଗୁଡିକ କାର୍ଯ୍ୟ ଦୃନୀତି ହୋଇଛି ତାର ଭିଜିଲାନ୍ସ ତଦନ୍ତ ପାଇଁ ଗାଁ ଲୋକେ ଏହି ସାମ୍ବାଦିକ ସମ୍ମିଳନୀ ମଧ୍ୟରେ ରାଜ୍ୟ ସରକାରଙ୍କୁ ଦାବୀ କରିଛନ୍ତି।ଆଜିର ଏହି ସାମ୍ବାଦିକ ସମ୍ମିଳନୀ ରେ ଓଳାଭର ଗ୍ରାମ ପଞ୍ଚାୟତର ବ୍ରହ୍ମାନନ୍ଦ ନାୟକ, ପ୍ରଭାତ ପୃଷ୍ଟି, ସୁଶାନ୍ତ ନାୟକ, ଅଧର ବେହୁରା, ଜୟନ୍ତ ବିଶ୍ୱାଳ, ବିଜୟ ବେହୁରା,ବଂଶୀଧର ଦଳାଇ, ହୁକୁମା ବେହୁରା, ଅକ୍ଷୟ ନାଥ,ବୃନ୍ଦାବନ ବେହେରା ଓ ସତାଧିକ ଅଞ୍ଚଳବାସୀ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।




**୧୫ ଦିନରେ ତଦନ୍ତ କରାନଗଲେ ଓଳାଭରରୁ ରାଜଧାନୀ ପଦଯାତ୍ରା**

### ବଟବାବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନୀ ଦିବସ

## ମୁଖ୍ୟ ଅତିଥି ଭାବରେ ଯୋଗଦେଲେ ଚିତ୍ତରଞ୍ଜନ



**କେନ୍ଦ୍ରାପଡା,୨୮।୧(ସଂଚାର ବ୍ୟୁରୋ):** ବଟବାବା କ୍ରିକେଟ ଟିମ୍ ବିଜୟନଗର ଆନୁକୂଲ୍ୟରେ ବିଜୟନଗର ଖେଳପଡିଆରେ ଆୟୋଜିତ ୨୦ ତମ ବଟବାବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ଉଦଯାପନୀ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଉଦଯାପନୀ ଦିବସରେ ସିଏସସି ଏକାଡେମୀ ପଟ୍ଟାମୁଣ୍ଡାଇ ଓ ଏମଏନସିସି ନନ୍ତାର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଏନସିସି ନନ୍ତାର ବିଜୟ ହାସଲ କରିଥିଲେ। ମୁଖ୍ୟ ଅତିଥି ଭାବରେ ବରିଷ୍ଠ ଆଇନଜୀବି, ଯୁବନେତା ଚିତ୍ତରଞ୍ଜନ ଦାସ ଯୋଗଦେଇ ଖେଳାଳି ମାନଙ୍କୁ ପୁରସ୍କାର ଓ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବରେ ବିଜୟନଗର ସରପଞ୍ଚ ରୂପସ୍ୱିନି ସାହୁ, ସମ୍ମାନୀୟ ଅତିଥି ଭାବରେ ପୂର୍ବତନ ସରପଞ୍ଚ ସୋମନାଥ ତ୍ରିପାଠୀ ଓ ନାରୀନେତ୍ରୀ ତଥା ସମାଜସେବିକା ମମତା ପ୍ରତିହାରୀ ଯୋଗଦାନ କରି ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ବିଜୟନଗର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ମହାକାଳପଡ଼ା,୨୮।୧(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବିଜୟନଗର ସରକାରୀ ଉଚ୍ଚ ବିଦ୍ୟାଳୟର ୭୧ ତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ପ୍ରଧାନ ଶିକ୍ଷକ ମଦନମୋହନ କର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ କ୍ଷୀରୋଦ ପ୍ରସାଦ ସାହୁ,ମୁଖ୍ୟ ବକ୍ତା ଭାବରେ ଭାଗବତ ନନ୍ଦ, ରୂପସ୍ୱିନୀ ସାହୁ ଓ ସମ୍ମାନିତ ଅତିଥି ଭାବରେ ସରୋଜକାନ୍ତ ପାଇଟାଳ, ରଘୁନାଥ ଦାସ, ସୁରେନ୍ଦ୍ର ପାତ୍ର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବାର୍ଷିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ସମସ୍ତ ଛାତ୍ରଛାତ୍ରୀଙ୍କ



ସହଯୋଗରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବନମାଳି ଦାସ ମଞ୍ଚ ସଞ୍ଚାଳନ କରିଥିବା ବେଳେ ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କୁଜଙ୍ଗ ବ୍ଲକ୍‌ରେ ୪୫ରୁ ଊର୍ଦ୍ଧ୍ୱ କାର୍ଡ ଫେରାଇଲେଣି ଅଯୋଗ୍ୟ ହିତାଧିକାରୀ

**କୁଜଙ୍ଗ,୨୮।୧(ସଂଚାର ବ୍ୟୁରୋ):** ଇ-କେୱାଇସ୍ ପରେ ରାସନ୍ କେଲେଙ୍କାରୀର ଏବେ ବଡ ଗୁମର ଫିଟୁଛି। ସରକାରୀ ସ୍ତରରେ ଆସନ୍ତା ୩୧ ତାରିଖ ମଧ୍ୟରେ ଇ- କେୱାଇସି ପ୍ରକ୍ରିୟା କରିବା ସହ ଅଯୋଗ୍ୟ ହିତାଧିକାରୀମାନେ ହାତେଇ ଥିବା ରାସନ୍ କାର୍ଡ ଫେରାଇ ଦେବାକୁ ନିର୍ଦ୍ଦେଶ ରହିଛି। ତେବେ କୁଜଙ୍ଗ ବ୍ଲକ ଅଞ୍ଚଳରେ ହାତେଇ ଥିବା ଅଯୋଗ୍ୟ ରାସନ୍ କାର୍ଡଧାରୀ ମାନଙ୍କୁ ନେଇ ଆଲୋଡନ ସୃଷ୍ଟି କରିଛି। ଗରିବ ଖଟିଖିଆ, କୃଷକ ମାନେ କାର୍ଡ ପାଇବାରୁ ବଞ୍ଚିତ ହେଉଥିବା ବେଳେ ଖାଲି ଥିଲାବାଲା, ନେତା, ସରକାରୀ ବାବୁମାନେ ରାସନ୍ କାର୍ଡ ହାତେଇ ଛନ୍ତି। ସେଥିମଧ୍ୟରୁ ଅନେକ ପୋଲିସ, ରାଜସ୍ୱ ନୀରିକ୍ଷକ, ରାଜସ୍ୱ କର୍ମଚାରୀ, ଶିକ୍ଷକ/ଶିକ୍ଷୟତ୍ରୀ, ସ୍ୱାସ୍ଥ କର୍ମଚାରୀ, ଅଧ୍ୟାପକ, ଫରେଷ୍ଟ ବିଭାଗ କର୍ମଚାରୀ ଓ ସରକାରୀ ବାବୁମାନେ ରହିଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଗଳାବାଟ ଦେଇ ଏମାନେ ଅଯୋଗ୍ୟ ହୋଇ ମଧ୍ୟ ଯୋଗ୍ୟ ହିତାଧିକାରୀ ଭାବେ କଣ୍ଟ୍ରୋଲ ପଏଣ୍ଟରୁ ରାସନ୍ ସାମଗ୍ରୀ ହଡ଼ପ କରି ଚାଲିଛନ୍ତି।

କୁଜଙ୍ଗ ବ୍ଲକର ୨୮ ପଞ୍ଚାୟତ ମୋଟ୍ ୧୭୬ ଜଣ ଜଣ ଏ ପ୍ରକାର ଜାଲିଆତି କରି ରାସନ୍ କାର୍ଡ ହାତେଇ ଥିବା ଅଯୋଗ୍ୟଙ୍କୁ ଚିହ୍ନଟ କରାଯାଇଛି। ସେହିପରି ଆଜି ସୁଦ୍ଧା ୪୫ ଜଣ ଅଯୋଗ୍ୟ ବ୍ୟକ୍ତିବିଶେଷ ଜାଲିଆତି କରି ହାତେଇ ଥିବା ରାସନ୍ କାର୍ଡ ବ୍ଲକ ପ୍ରଶାସନ ନିକଟରେ ଜମା କରି ଥିବା ଜଣାପଡିଛି । ଆସନ୍ତା ମାସ ୩୧ ତାରିଖ ମଧ୍ୟରେ ସମସ୍ତ ଅଯୋଗ୍ୟ ହିତାଧୀକାରୀ ରାସନ୍ କାର୍ଡ ନ ଜମା କରନ୍ତି ସେମାନଙ୍କ ନାମରେ ଫୌଜଦାରୀ ମାମଲା ରୁଜୁ ହେବା ସହ ନେଇଥିବା ରାସନ୍ ସାମଗ୍ରୀର ବଜାର ମୂଲ୍ୟ ସହ ୧୦ ପ୍ରତିଶତ ସୁଧ ମିଶାଇ ଆଦାୟ କରାଯିବ। ଏମିତିକି ଚାକିରି କ୍ଷେତ୍ରରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯୋଗାଣ ନୀରିକ୍ଷକ ଦୀପକ କୁମାର ପାତ୍ର କହିଛନ୍ତି।

ଅଭିଯୋଗ ଆସିଥିଲା, ବିଜୁ ଜନତା ଦଳ ସରକାର ଅମଳରେ ଅନେକ ଅଯୋଗ୍ୟ ବ୍ୟକ୍ତି ବିଶେଷ ରାସନ୍ କାର୍ଡ ହାତେଇଛନ୍ତି। ନୂଆ ବିଜେପି ସରକାର ଅଯୋଗ୍ୟ ହିତାଧୀକାରୀ ଚିହ୍ନଟ କରିବା ଓ ତାଲିକାରୁ ବାଦ୍ ଦେବାକୁ ଇ-କେୱାଇସ ବ୍ୟବସ୍ଥା ଆରମ୍ଭ କରିଥିଲା । ଏହି ବ୍ୟବସ୍ଥାରେ କୁଜଙ୍ଗ ବ୍ଲକ ଅଧୀନରେ ୨୮ ଗୋଟି ପଞ୍ଚାୟତ ରେ ଥିବା ଅନେକ ସରକାରୀ ବାବୁମାନେ ଅଯୋଗ୍ୟ ଥାଇ ମଧ୍ୟ ରାସନ୍ କାର୍ଡ ହାତେଇ ଥିବା ଜଣା ପଡିଥିଲା। ଏହି ପ୍ରକ୍ରିୟାରେ ବ୍ଲକର କୁଜଙ୍ଗ ପଞ୍ଚାୟତ, ମଙ୍ଗରାଜପୁର, ପାରାଦୀପ ଗଡ, ଗଣ୍ଡକିପୁର, ଫତେପୁର, ପଙ୍କପାଳ, ତାଳପଡ଼ା, ବଡ ବାଲିକନି, ନୂଆଗଡ, ହଂସୁରା, କାଠକୋଟ, ଗଣ୍ଡକିପୁର ସମେତ ଅନେକ ପଞ୍ଚାୟତର ମୋଟ୍ ୧୭୬ ଜଣ ସରକାରୀବାବୁମାନେ ଜାଲିଆତି କରି ରାସନ୍ କାର୍ଡ ହାତେଇ ଥିବା ବେଳେ ଅନେକ ଭୂତ କାର୍ଡ ଧାରୀ ଧରା ପଡିଛନ୍ତି।

## ବରକନ୍ଧା ପ୍ରିମିୟର ଲିଗ୍ ଉଦଯାପିତ

**ମହାକାଳପଡ଼ା,୨୮।୧(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବରକନ୍ଧା ପଞ୍ଚାୟତରେ ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ପ୍ରତିବର୍ଷ ଭଳି ଚଳିତ ବର୍ଷ ବରକନ୍ଧା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରିମିୟର ଲିଗ୍ ପାଇଁ ୬ ଗୋଟି ଗ୍ରାମ ପଞ୍ଚାୟତରୁ ମୋଟ୍ ୧୪୦ ଜଣ ଖେଳାଳି ନାମ ପଞ୍ଜିକୃତ କରିଥିଲେ। ୧୧ ଜାନୁଆରୀ ରୁ ଆରମ୍ଭ ହୋଇଥିବା ଏହି ପ୍ରିମିୟର ଲିଗ୍ ୨୬ ଜାନୁଆରୀ ରେ ଉଦଯାପିତ ହୋଇଯାଇଛି। ସାଗର ଇଣ୍ଡିଆନ୍ସ ବିଜୟ ହାସଲ କରିଥିବାବେଳ ଏସପି ଫାଇଟର୍ସ ପରାଜିତ ହୋଇଥିଲା। ଏହି ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବରେ ମଙ୍ଗଳପୁର ଗ୍ରାମ ପଞ୍ଚାୟତ ର ସମିତି ସଭ୍ୟ ଶ୍ରୀ ରଞ୍ଜନ ଚୌଧୁରୀ, ମୁଖ୍ୟ ବକ୍ତା ଭାବରେ ଗୋଗୁଆ ଗ୍ରାମ ପଞ୍ଚାୟତ ର ସମିତି ସଭ୍ୟ ଶ୍ରୀ ପ୍ରତାପଚନ୍ଦ୍ର ଦାସ ଏବଂ ସମ୍ମାନିତ ଅତିଥି ଭାବେ ଶ୍ରୀ ପପୁରଞ୍ଜନ ସେନାପତି, ସନ୍ତୋଷ ରାଉତ ପ୍ରମୁଖ ଯୋଗ ଦେଇ ଖେଳାଳୀ ମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଗ୍ରାମାଞ୍ଚଳରେ ଭାଇ ଚାରା ସୁଦୃଢ କରିବା ସହିତ ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା ଓ ସାମାଜିକ କାର୍ଯ୍ୟକ୍ରମ ପ୍ରତି ସଚେତନତା ସୃଷ୍ଟି କରିବା ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଲକ୍ଷ। ଏହି ପ୍ରିମିୟର ଲିଗ୍ ପରିଚାଳନା କମିଟି ର ସଭାପତି ବିବେକ ବସନ୍ତିଆ, ସମ୍ପାଦକ କମଳାକାନ୍ତ ପ୍ରଧାନ, ମାନସ ରାଉତ, ତାପସ ରାଉତ, ପ୍ରକାଶ ରାଉତ, ଦୀପକ ସେନାପତି, ପ୍ରିତିରଞ୍ଜନ ରାଉତ,ସୁଦାମ ରାଉତ, ଅନୁଜ ରାଉତ, ରତିକାନ୍ତ ରାଉତ, ରଶ୍ମିରଞ୍ଜନ ରାଉତ, ତୁଷାରକାନ୍ତ ବେହେରା ଏବଂ ଗ୍ରାମର ସମସ୍ତ ଯୁବକ ମାନଙ୍କ ସହଯୋଗ ରେ ଅନୁଷ୍ଠିତ ହୋଇଥିଲା।



# ନିବେଶକଙ୍କୁ ଆକୃଷ୍ଟ କରୁଛି ଓଡ଼ିଶା: ଉପମୁଖ୍ୟମନ୍ତ୍ରୀ

## ବିକଶିତ ଭାରତର ଜୟଯାତ୍ରାରେ ଓଡ଼ିଶା ଭାଗିଦାରୀ : ଶିଳ୍ପମନ୍ତ୍ରୀ

ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ): ଓଡ଼ିଶାରେ ଏବେ ପୁଞ୍ଜି ନିବେଶ ପାଇଁ ଅନୁକୂଳ ସମୟ ସୃଷ୍ଟି ହୋଇଛି । ରାଜ୍ୟରେ ପୁଞ୍ଜି ନିବେଶ କରିବାକୁ ଏବେ ସମସ୍ତେ ଆଗ୍ରହ ପ୍ରକାଶ କରୁଛନ୍ତି । ଉତ୍କୃଷ୍ଟ କଳାର ପ୍ରଦେଶ ଓଡ଼ିଶାକୁ ଆଜି ଉତ୍କର୍ଷ ଓଡ଼ିଶାରେ ପରିଣତ କରିବାକୁ ଆନ୍ତରିକ ପ୍ରୟାସ ଜାରି ରଖିବା ନିମନ୍ତେ ସମସ୍ତ ସହଭାଗୀମାନଙ୍କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଧନ୍ୟବାଦ ଦେଇଛନ୍ତି। ଉତ୍କର୍ଷ ଓଡ଼ିଶା ସମ୍ମିଳନୀ-୨୦୨୫ ଅବସରରେ ଆୟୋଜିତ 'କେମିକାଲ, ପେଟ୍ରୋ କେମିକାଲ ଓ ପ୍ଲାଷ୍ଟିକ୍' ଶୀର୍ଷକ ଆଲୋଚନାଚକ୍ର ଅବସରରେ ପୁଞ୍ଜି ନିବେଶକ ଓ ଶିଳ୍ପ ସଂସ୍ଥାର ପ୍ରତିନିଧିମାନଙ୍କୁ ଉଦବୋଧନ ଦେଇ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ଓଡ଼ିଶା ଆଜି କେମିକାଲ, ପେଟ୍ରୋ-କେମିକାଲ ଏବଂ ପ୍ଲାଷ୍ଟିକ ଶିଳ୍ପ କ୍ଷେତ୍ରରେ ବ୍ୟାପକ ଅଗ୍ରଗତି କରୁଛି ଏବଂ ଦେଶ ବିଦେଶର ପୁଞ୍ଜି ନିବେଶକାରୀଙ୍କୁ ଆକୃଷ୍ଟ କରୁଛି। ଓଡ଼ିଶା ଆଜି କେବଳ ଦେଶ ମଧ୍ୟରେ ନୁହେଁ, ବରଂ ଅନ୍ତର୍ଜାତୀୟ କ୍ଷେତ୍ରରେ ମଧ୍ୟ ନିଜ ପାଇଁ ଏକ ସ୍ୱତନ୍ତ୍ର ବଜାର ସୃଷ୍ଟି କରିପାରିଛି



ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ରାଜ୍ୟରେ ଆଜି ଶିଳ୍ପାୟନ କ୍ଷେତ୍ରରେ ଉନ୍ନତି ଓ ସମୃଦ୍ଧି ଯୋଗୁଁ ବିକଶିତ ଭାରତର ଜୟଯାତ୍ରା କ୍ଷେତ୍ରରେ ଓଡ଼ିଶା ଭାଗିଦାରୀ ହେବ। ଓଡ଼ିଶା ଏବେ କେମିକାଲ, ପେଟ୍ରୋ-କେମିକାଲ ଓ ପ୍ଲାଷ୍ଟିକର ଉତ୍ପାଦନ କ୍ଷେତ୍ରରେ ସ୍ୱତନ୍ତ୍ର ହବ୍ ହୋଇପାରିଛି ବୋଲି କହିଛନ୍ତି। ସେ କହିଛନ୍ତି ଯେ ପାରାଦୀପଠାରେ ପ୍ରତିଷ୍ଠିତ ଇଣ୍ଡିଆନ୍ ଅଏଲ କର୍ପୋରେସନର ରିଫାଇନାରୀ ଉପରେ ନିର୍ଭର କରି ବହୁ ଆନୁଷଙ୍ଗିକ ଶିଳ୍ପ ସଂସ୍ଥା ଗଢି ଉଠିଛି। ସେହିପରି ପାରାଦୀପ ପ୍ଲାଷ୍ଟିକ୍ ପାର୍କ ଠାରେ ମଧ୍ୟ ପ୍ରତିଷ୍ଠିତ କ୍ଷୁଦ୍ର ଶିଳ୍ପଗୁଡ଼ିକର ବ୍ୟବସାୟିକ ଅଭିବୃଦ୍ଧି ସମ୍ଭବ ହୋଇପାରିଛି ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅଧିବେଶନରେ ଇପିକଲ ଓ ଇଡକୋର ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ କେମିକାଲ ଓ ପେଟ୍ରୋକେମିକାଲ କ୍ଷେତ୍ରରେ ଓଡିଶାର ରଣନୈତିକ ଲକ୍ଷ୍ୟ ନିର୍ଦ୍ଧାରଣ ପୂର୍ବକ ଔଦ୍ୟୋଗିକ ଭବିଷ୍ୟତକୁ ସୁନିଶ୍ଚିତ କରିବା ସମ୍ପର୍କରେ ବିଶଦ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ 'କେମିକାଲ୍ କ୍ଷେତ୍ରରେ ବୈଶ୍ୱିକ ପ୍ରତିଯୋଗିତା ଓ ଏଥିରେ ଓଡ଼ିଶା' ସମ୍ପର୍କିତ ଆଲୋଚନାଚକ୍ରକୁ ପିଡବ୍ଲୁସି, ଇଣ୍ଡିଆର ପାର୍ଟନର ତଥା ଲିଡର ମାନସ ମିଜୁମଦାର ସଂଯୋଜନା କରିଥିବା ବେଳେ ଲକ୍ଷ୍ମୀ ଅର୍ଗାନିକ୍ ଲି଼ଃ.ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ରବି ଗୋଏଙ୍କା, ମେସର୍ସ ଆଇଏନସିର ଆଦିତ୍ୟ ବେରୀ, ପାରାଦ୍ୱୀପ ଫସଫେଟ୍ ଲିଃ ର ପରିଚାଳନା ନିର୍ଦ୍ଦେଶକ ଏନ୍ ସୁରେଶ କ୍ରିଷ୍ଣନ୍, କିରି ଇଣ୍ଡଷ୍ଟ୍ରିଜ୍ ଲିଃ.ର ଅଧ୍ୟକ୍ଷ ମନୀଷ କିରି, ଟାଟା ଷ୍ଟିଲ, ଏସ୍ଇଜେଡ୍‌ର ପରିଚାଳନା ନିର୍ଦ୍ଦେଶକ ମଣିକାନ୍ତ ନାୟକ ଯୋଗଦେଇଥିଲେ। ଅଏଲ ଇଣ୍ଡିଆ ଲିଃର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ରଞ୍ଜିତ ରଥ ଆଇଓସିଏଲର ସ୍ୱତନ୍ତ୍ରତା ଓ ଆଗାମୀ ଶିଳ୍ପର ଭବିଷ୍ୟତ ଉପରେ ମତ ରଖିଥିଲେ। ଅଧିବେଶନରେ ଲୁମିନସ ପାୱାର ଟେକ୍ନୋଲୋଜି ପ୍ରାଲିଃର ବରିଷ୍ଠ ଉପସଭାପତି (ପରିଚାଳନା ତଥା ଗବେଷଣା ଓ ଉନ୍ନୟନ) ଅମ୍ଳାନକାନ୍ତି ଦାସ, ନୂଆ ଯୁଗରେ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ଓ ଉନ୍ନତ ପ୍ରକ୍ରିୟାରେ ରସାୟନିକ ବ୍ୟାଟେରୀ ପ୍ରସ୍ତୁତି ସମ୍ପର୍କରେ ଉପସ୍ଥାପନ କରିଥିଲେ। ଉତ୍ତର ଓଡ଼ିଶା ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ବୋର୍ଡ ଅଫ୍ ଟ୍ରଷ୍ଟି ସିପି ଭରତିଆ ଧନ୍ୟବାଦ ଦେଇଥିଲେ।

### ଘନ କୁହୁଡ଼ି ସାଜୁଛି କାଳ

## ଟ୍ରକକୁ ପିଟିଲା ଓମଫେଡ ଭ୍ୟାନ୍, ୨ ଗୁରୁତର




**କଟକ,୨୮।୧ (ସଂଚାର ବ୍ୟୁରୋ):** ଘନ କୁହୁଡ଼ି ସାଜିଲା କାଳ। ଟ୍ରକ ପଛରେ ପିଟି ହେଲା ଓମଫେଡ କ୍ଷୀର ଭ୍ୟାନ୍। କଟକ ତେଲେଙ୍ଗାପେଣ୍ଠ ନିକଟ ଜାତୀୟ ରାଜପଥ ୧୬ ଉପରେ ଏକ ଓମଫେଡ ଗାଡ଼ି ଦୁର୍ଘଟଣା ଗ୍ରସ୍ତ ହୋଇଛି। ଚାଳକ ଓ ହେଲପର ଗୁରୁତର ଅବସ୍ଥାରେ କଟକ ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ଥିବା ହେଲପରଙ୍କ ନାମ ରାକେଶ ବିଶ୍ୱାଳ । ଗାଡ଼ିଟି ବାରଙ୍ଗ ନରାଜରୁ କ୍ଷୀର ନେଇ ନଖରା ଅଭିମୁଖେ ଯାଉଥିବା ବେଳେ ରାସ୍ତା ଉପରେ ଛିଡ଼ା ହୋଇଥିବା ଏକ ଟ୍ରକକୁ ପଛରୁ ଧକ୍କା ଦେଇଥିଲା । ଘଟଣା ସ୍ଥଳରେ ବାରଙ୍ଗ ଅଗ୍ନିଶମ ବାହିନୀ ପହଞ୍ଚି କଟର ସାହାଯ୍ୟରେ ଗାଡ଼ିର ସମ୍ମୁଖ ଭାଗ କାଟି ଚାଳକ ଓ ହେଲପରଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଇଥିଲେ ।

## ଗୋଟିଏ ରାତିରେ ୭ ଘର ଭାଙ୍ଗିଲା ଦନ୍ତା



**ପାଟଣା,୨୮।୧ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଞ୍ଚଳ ରେ ଗୋଠ ଛଡା ଦନ୍ତା ଉତ୍ପାତ କରି ୭ରୁ ଉଦ୍ଧର୍ବ ଘର ଭାଙ୍ଗିବା ସହ ପନିପରିବା ଚାଷ ନଷ୍ଟ କରି ଘରେ ଥିବା ଧାନ ଚାଉଳ ଖାଇ ନଷ୍ଟ କରିଛି। ସୋମବାର ରାତିରେ ଖମୁଁଆ ଗାଁ ଝାଟି ଆଳି ସାହି ଲମ୍ବୋଦର ମହାନ୍ତ ଟାଇଲ ଘର ଭାଙ୍ଗି ଦେଇଛି। ଘର ଭିତରେ ଥିବା ସ୍ୱାମୀ ସ୍ତ୍ରୀଙ୍କ ସହ ୨ ନାବାଳକ ଆସନ୍ନ ବିପଦରୁ ବର୍ତ୍ତି ଯାଇଛନ୍ତି। ସେହିଭଳି ମଧାପୁର୍ ଧତଳ ଚନ୍ଦ୍ର ମୋହନ ମୁଣ୍ଡା, ରାଙ୍ଗା ମୁଣ୍ଡା, ଦଶମା ମୁଣ୍ଡା, ଜିଆଣି ସାହି କର୍ମୁ ମହାନ୍ତ, ମୃଷା ଖରିର କିରାଣୀ ଦାସ, ଶରତ ଦାସଙ୍କ ଘରକୁ ଦନ୍ତା ଭାଙ୍ଗି ଦେଇଛି। ଦୀର୍ଘ ୪ ମାସରୁ ଉଦ୍ଧର୍ବ ସମୟ ହେବ ଦନ୍ତା ବିଭିନ୍ନ ସମୟ ଅନ୍ତରାଳରେ ଉପଦ୍ରବ କରି ଆସୁଥିବାରୁ ଲୋକେ ଦନ୍ତା ଉତ୍ପାତରେ ଅତିଷ୍ଠ ହୋଇ ସାରିଲେଣି। ଏନେଇ ବନ ବିଭାଗ ଠୋସ ପଦକ୍ଷପ ଗ୍ରହଣ କରୁନଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଦନ୍ତାଟି ପାଟଣା ରେଞ୍ଜ ପାଟଣା ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ମାଧପୁର୍‌ରେ ଡେରା ପକାଇଛି।

## ପୂର୍ବ ଶତ୍ରୁତାରୁ ୩ ବର୍ଷର ଶିଶୁକୁ ହତ୍ୟା, ଅଭିଯୁକ୍ତ ଗିରଫ




କେନ୍ଦୁଝର,୨୮।୧(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଝୁମ୍ପୁରା ଥାନା ଖେଣ୍ଡରାଠାରେ ଜଣେ ୩ ବର୍ଷର ଶିଶୁପୁତ୍ର ମୃତଦେହ ପଥର ଖୋଲରେ ପଡ଼ିଥିବା ବେଳେ ପାରିପାର୍ଶ୍ୱିକ ସ୍ଥିତିରୁ ଶିଶୁଟିକୁ ପଥରରେ ପିଟି ହତ୍ୟା କରାଯାଇଥିବା ଆଶଙ୍କା କରାଯାଉଥିଲା। ତେବେ ପୂର୍ବ ଶତ୍ରୁତାରୁ ଅଭିଯୁକ୍ତ ଏପରି ବୀଭତ୍ସ କାଣ୍ଡ ଘଟାଇଥିବା ପୁଲିସ୍ ତଦନ୍ତ ପରେ ଜାଣିବାକୁ ପାଇଛି। ଏହି ମାମଲାରେ ପୁଲିସ୍ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ ମଧ୍ୟ କରିଛି। ପୁଲିସ୍ ଦେଇଥିବା ସୂଚନାନୁସାରେ, ଝୁମ୍ପୁରା ଥାନା ନହବେଡା ଗ୍ରାମର ଶ୍ରୀତମ ମୁଣ୍ଡା ତାଙ୍କ ଗ୍ରାମର ଚନ୍ଦନ ମୁଣ୍ଡାଙ୍କ ଉପରେ କୌଣସି କଥାକୁ ନେଇ ରାଗ ରଖିଥିଲେ। କ୍ରମଶଃ ତାଙ୍କ ମନରେ ପ୍ରତିଶୋଧ ପରାୟଣତା ବଢ଼ିଚାଲିଥିଲା। ଚନ୍ଦନଙ୍କ ଉପରେ ରାଗ ଶୁଝାଇବାକୁ ଶ୍ରୀତମ ବାହାନା ଖୋଜୁଥିଲା। ଗତ ରବିବାର ରାଗ ଜର୍ଜରିତ ଅବସ୍ଥାରେ ଚନ୍ଦନଙ୍କ ୩ ବର୍ଷର ଶିଶୁପୁତ୍ର ଲକିକୁ ଶ୍ରୀତମ କୋଳି ଖାଇବାର ଲୋଭ ଦେଖାଇ ଖେଣ୍ଡରାକୁ ଡାକିନେଇଥିଲା। ସେଠାରେ ସେ ଅତି ଅମାନୁଷିକ ଭାବେ ଲକିର ଗୋଡ଼କୁ ପଥରରେ ପିଟି ହତ୍ୟା କରିବା ସହ ପଥର ଖୋଲରେ ଫିଙ୍ଗି ଦେଇ ଚାଲିଆସିଥିଲା। ତେଣେ ଲକିକୁ ନ ପାଇ ଚନ୍ଦନଙ୍କ ପରିବାର ଲୋକେ ଝୁମ୍ପୁରା ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ତଦନ୍ତ ଆରମ୍ଭ କରି ପୁଲିସ୍ ଶ୍ରୀତମକୁ ଥାନାକୁ ଆଣି ଜେରା କରିବା ସମୟରେ ସେ ସବୁକିଛି ମାନିଯାଇଥିଲା। ଶ୍ରୀତମର ସୂଚନାନୁସାରେ ଆଜି ସକାଳେ ପୁଲିସ୍ ଖେଣ୍ଡରାରେ ପହଞ୍ଚି ଲକିର ମୃତଦେହ ଠାବ କରିଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ଅତିରିକ୍ତ ଏସପି, ମାଜିଷ୍ଟ୍ରେଟ, ପୁଲିସ ଓ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଚଲାଇଥିବା ଜଣାପଡ଼ିଛି। ଟିମ ପହଞ୍ଚି ତଦନ୍ତ ଜୋରଦାର କରିଛନ୍ତି ।

# ଗୋଭିନ୍ ହୋଲ୍ଡିଂସ୍-ମ୍ୟାଗନମ୍ ଗ୍ରୁପ୍ ବୁଝାମଣା

## ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ହୃଦ୍‌ରୋଗ ଉତ୍କର୍ଷ କେନ୍ଦ୍ର

**ଭୁବନେଶ୍ୱର,୨୮।୧(ତଥ୍ୟ):** ଇନଫ୍ଲାନୋଭା ଏବି ଜଟିଳ ପ୍ରଦାହଜନକ ରୋଗ ଏବଂ ଭୂତାଣୁ ସଂକ୍ରମଣ ପାଇଁ ଡାଇଗ୍ନୋଷ୍ଟିକ କିଟ୍ ଏବଂ ଟିକାରେ ଅଭିନବତାକୁ ତ୍ୱରାନ୍ୱିତ କରିବା ପାଇଁ ଗୋଭିନ୍ ହୋଲ୍ଡିଂସ୍ ପିଟିଇ ଲିମିଟେଡ୍ ଏବଂ ମ୍ୟାଗନମ୍ ଗ୍ରୁପ୍ ଅଫ୍ କମ୍ପାନିଜ୍ ମଧ୍ୟରେ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ଭାଗିଦାରୀ ଭୁବନେଶ୍ୱରରେ ଏକ ହୃଦ୍‌ରୋଗ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯେଉଁଥିରେ ଆଣ୍ଟି ପିସି ଆଧାରିତ ଚିକିତ୍ସା ନିଦାନ ଓ ଟିକା ଉପରେ ଦୃଢ଼ ଧ୍ୟାନ ଦିଆଯାଇଛି। ଉଦ୍ଭାବନ, ବୈଷୟିକ ଜ୍ଞାନକୌଶଳ ଓ ଶିଳ୍ପ ଅଭିବୃଦ୍ଧିକ୍ଷେତ୍ରରେ ରାଜ୍ୟର ସମ୍ଭାବନାକୁ ସ୍ମରଣ କରୁଥିବା ଏକ ସମ୍ମାନଜନକ କାର୍ଯ୍ୟକ୍ରମ ଉତ୍କର୍ଷ ଓଡ଼ିଶାରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କାର୍ଯ୍ୟକ୍ରମରେ ଓଡ଼ିଶାକୁ ଏକ ବିଶ୍ୱ ନିବେଶ କେନ୍ଦ୍ରରେ ପରିଣତ କରିବା ପାଇଁ ଉତ୍ସର୍ଗୀକୃତ ଶିଳ୍ପନେତା, ନିବେଶକ ଏବଂ ନୀତି ନିର୍ଦ୍ଧାରକମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାର ପୁଞ୍ଜିନିବେଶ ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିବା ସହ ରାଜ୍ୟର ଦ୍ରୁତ ଶିଳ୍ପ ଅଭିବୃଦ୍ଧି ଏବଂ ବିଜ୍ଞାନ, ସ୍ୱାସ୍ଥ୍ୟ ସେବା ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତର ଭବିଷ୍ୟତ ଗଠନରେ ଏହାର ଭୂମିକା ଉପରେ ଆଲୋକପାତ କରିଥିଲେ । ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମି ଏବଂ ଚିକିତ୍ସା ଗବେଷଣାକୁ ସୁଦୃଢ଼ କରିବା ପାଇଁ ବିଶ୍ୱସ୍ତରୀୟ ସହଯୋଗର ଆବଶ୍ୟକତା ଉପରେ ତାଙ୍କ ଭାଷଣ ଦୃଢୋକ୍ତି ପ୍ରକାଶ କରିଥିଲା। ଏହି ସହଯୋଗ ବାୟୋଟେକ୍ ଉଦ୍ଭାବନ, ରଣନୈତିକ ପୁଞ୍ଜିନିବେଶ ଏବଂ ବ୍ୟାପକ କାର୍ଯ୍ୟକାରିତା କ୍ଷେତ୍ରରେ ଦକ୍ଷତାକୁ ଏକାଠି କରିଥାଏ, ଯାହା ସ୍ୱାସ୍ଥ୍ୟସେବାକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ପାଇଁ ପଥ ପ୍ରଶସ୍ତ କରିଥାଏ। ଡାକ୍ତରୀ ନିଦାନ ଓ ଟିକା ବିକାଶ କ୍ଷେତ୍ରରେ ଓଡ଼ିଶା ବିଶ୍ୱସ୍ତରରେ ଅଗ୍ରଣୀ ହେବ ବୋଲି ଆମେ ଆଶା ରଖିଛୁ।




# ଦୟା ପ୍ରଦୂଷଣ ପଛରେ ରେଳଗାଡ଼ି ୱାଶିଂ ପଏଣ୍ଟ୍, ଥାନାରେ ଏତଲା



**ଭୁବନେଶ୍ୱର,୨୮।୧ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ସତ୍ୟନଗରଠାରେ ରହିଥିବା ରେଳ ଗାଡ଼ି ୱାଶିଂ ପଏଣ୍ଟକୁ ସଫେଇ ପାଇଁ ଆସୁଥିବା ସବୁ ରେଳଗାଡ଼ିର ବର୍ଜ୍ୟବସ୍ତୁ, ବାୟୋଟଏଲେଟ୍‌ର ମଳମୂତ୍ର ଆଦି ବିଏମ୍‌ସି ଡ୍ରେନ୍‌ରେ ସିଧା ଗଙ୍ଗୁଆରେ ମିଶୁଛି। ଗଙ୍ଗୁଆର ଏହି ବିଷାକ୍ତ ପାଣି ଦୟାନଦୀରେ ମିଶିବା ଫଳରେ ଦୟାନଦୀ ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ଲୋକ ନାନାଦି ରୋଗର ଶିକାର ହେଉଛନ୍ତି। ଏହି ବିଷାକ୍ତ ଓ ଦୂଷିତ ପାଣି ପିଇ ପୁରୀ ଜିଲା କଣାସ ଅଞ୍ଚଳର ଶତାଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ବେଳେ ୪ ଜଣଙ୍କ ଜୀବନ ଯାଇଛି। ଏଥିପାଇଁ ବିଏମ୍‌ସି କମିଶନର ଓ ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କୁ ଦାୟୀ କରି ମହାନଦୀ ବଞ୍ଚାଅ ଆନ୍ଦୋଳନ ଓ ଦୟା ସୁରକ୍ଷା ଅଭିଯାନ ପକ୍ଷରୁ ଗତକାଲି ସେମାନଙ୍କ ନାମରେ ଖାରବେଳ ନଗର ଥାନାରେ ଏତଲା ଦାୟର ହୋଇଛି। ଏଥିସହ ଆନ୍ଦୋଳନ ଓ ଅଭିଯାନର ଏକ ପ୍ରତିନିଧି ଦଳ ରେଳଗାଡ଼ି ୱାଶିଂ ପଏଣ୍ଟକୁ ଯାଇ ବାସ୍ତବ ସ୍ଥିତି ଅନୁଧ୍ୟାନ କରିଛନ୍ତି। ୱାଶିଂ ୟାର୍ଡ଼ରୁ ବର୍ଜ୍ୟ ପାଣି ଯିବା ପାଇଁ ଦୁଇଟି ଚ୍ୟାନେଲ ରହିଛି। ସେହି ଚ୍ୟାନେଲର ପଚା ପାଣିକୁ ଟ୍ରିଟ୍‌ମେଣ୍ଟ କରିବାକୁ ଏକ ଛୋଟ ପ୍ଲାଣ୍ଟ ବସାଯାଇଛି। ମାତ୍ର ତାହା ଦୀର୍ଘବର୍ଷ ହେବ କାମ କରୁ ନ ଥିବାରୁ ଟାଙ୍କିରେ କଳଙ୍କି ଲାଗିଗଲାଣି। ତେଣୁ ସବୁ ବର୍ଜ୍ୟପାଣି ପାଇପ୍ ବାଟେ ଡ୍ରେନରେ ଯାଇ ୩ ନଂ. ହାଟ ପାଖଦେଇ ଯାଇଥିବା ବଡ ଡ୍ରେନ ମାଧ୍ୟମରେ ଗଙ୍ଗୁଆ ନାଳରେ ମିଶୁଛି। ତେଣୁ ଉଭୟ ବିଏମ୍‌ସି କମିଶନର ଓ ପୂର୍ବତଟ ରେଳପଥର ମୁଖ୍ୟ ପ୍ରବନ୍ଧକ ଏଥିପାଇଁ ଦାୟୀ ବୋଲି ଅଭିଯାନ ପକ୍ଷରୁ ଅଭିଯୋଗ କରାଯାଇଛି। ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ମୁଖପାତ୍ର ପ୍ରସନ୍ନ ବିଷୋୟୀ, ସଂଯୋଜକ ବିଜୟ ପ୍ରଧାନ, ଦୟା ସୁରକ୍ଷା ଅଭିଯାନ ଉପଦେଷ୍ଟା ଅର୍ଜୁନ ସାମନ୍ତରାୟ, ଆବାହକ ସଚିକାନ୍ତ ପ୍ରଧାନ, ସତ୍ୟନାରାୟଣ ସାମନ୍ତସିଂହାର, ପ୍ରସନ୍ନ ମହାପାତ୍ର ଥାନାରେ ପହଞ୍ଚି ଏତଲା ଦେଇଛନ୍ତି।

# ୪୮ ଘଣ୍ଟାରେ ନିରଞ୍ଜନଙ୍କ ଘରେ ପୁଣି ଚୋରି, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ):** ଗତ ୪୮ ଘଣ୍ଟା ମଧ୍ୟରେ ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଦ୍ୱିତୀୟ ଥର ଚୋରି ହୋଇଛି। ଅବଶ୍ୟ ପ୍ରଥମ ଘଟଣାରେ ଚୋରକୁ ପୁଲିସ୍ ଅଦ୍ୟାବଧି ଠାବ କରି ନ ଥିଲେ ମଧ୍ୟ ଦ୍ୱିତୀୟ ଚୋରି ଘଟଣାରେ ଅଭିଯୁକ୍ତ ଜଣକ ଧରାପଡ଼ିଛି। ନୟାପଲ୍ଲୀସ୍ଥିତ ନିରଞ୍ଜନଙ୍କ ଅନ୍ୟ ଏକ ଘର ଭିତରେ ଗତକାଲି ବିଳମ୍ବିତ ରାତିରେ ପ୍ରବେଶ କରୁଥିବା ସମୟରେ ଜଣେ ଯୁବକକୁ ନୟାପଲ୍ଲୀ ପୁଲିସ୍ ଗିରଫ କରିଛି। ଗିରଫ ଅଭିଯୁକ୍ତର ଘର ନିକଟସ୍ଥ ସାଲିଆସାହିରେ ବୋଲି ଜଣାପଡ଼ିଛି। ସମ୍ପୃକ୍ତ ଯୁବକ ଜଣଙ୍କ ନିଶାସକ୍ତ ଅବସ୍ଥାରେ ନିରଞ୍ଜନଙ୍କ ଘରେ ପ୍ରବେଶ କରୁଥିବା ପ୍ରାଥମିକ ତଦନ୍ତ ପରେ ପୁଲିସ୍ କହିଛି। ଅନ୍ୟପକ୍ଷରେ ଏହି ଘଟଣାରେ ନିରଞ୍ଜନ କହିଛନ୍ତି ଯେ ଏତେ ସୁରକ୍ଷା ଭିତରେ ବି ଚୋର କେମିତି ତାଙ୍କ ଘରେ ପଶିଲା, ତାହା ତାଙ୍କୁ ଆଶ୍ଚର୍ଯ୍ୟ କରିଛି। ତା'ଛଡ଼ା ଘରେ ତାଙ୍କର ଆହୁରି ଅନେକ ଦାମୀ ଜିନିଷ ଥିଲା, ସେସବୁ ଚୋର ଛାଡ଼ି ଦେଇଛି। ଖାଲି ସୁନା ଆଉ ଟଙ୍କା ନେଇଛି। ଯେଉଁ ଲୋକଟି କାଲି ଧରାପଡିଛି ସେ ଜଣେ ନିଶାସକ୍ତ ବୋଲି ଜଣାପଡୁଥିଲା। ଭୁବନେଶ୍ୱରରେ ଅପରାଧ ବଢୁଥିବାରୁ ଏହାକୁ ନିୟନ୍ତ୍ରଣ କରିବା ଉପରେ ପ୍ରଶାସନ ଦୃଷ୍ଟି ଦେବା ଉଚିତ। ସାଧାରଣ ଲୋକଙ୍କ ସୁରକ୍ଷା ମଧ୍ୟ ପୁଲିସ୍ ନିଶ୍ଚିତ କରିବା କଥା ବୋଲି ନିରଞ୍ଜନ କହିଛନ୍ତି। ସୂଚନାଯୋଗ୍ୟ ଯେ ଗତ ୨୬ ତାରିଖ ଭୋର୍ ସମୟରେ ନିରଞ୍ଜନଙ୍କ ନୟାପଲ୍ଲୀସ୍ଥିତ ଏନ-୨୯ ଘରୁ ଚୋରି ହୋଇଥିଲା। ଚୋର ପାଖାପାଖି ୫୨ ଲକ୍ଷ ଟଙ୍କାର ସୁନାଗହଣା ଓ ନଗଦ ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୁଲିସ୍‌କୁ ଅଦ୍ୟାବଧି କୌଣସି ସଫଳତା ମିଳି ନଥିବାରୁ ପ୍ରଶାସନର ପାରିବାପଣିଆ ଉପରେ ନିରଞ୍ଜନ ପ୍ରଶ୍ନ ଉଠାଇଛନ୍ତି।



ଉତ୍କର୍ଷ ଓଡ଼ିଶାକୁ ଉଦ୍‌ଘାଟନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଉଛି

# ସ୍କୁଟିକୁ ପଛରୁ ଧକ୍କା ଦେଲା ଟ୍ରଲର, ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ଜଳେଶ୍ୱର,୨୮।୧(ସଂଚାର ବ୍ୟୁରୋ):** ସ୍କୁଟିକୁ ପଛରୁ ଧକ୍କା ଦେଲା ଟ୍ରଲର । ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥର ଭେଲୋରା ଛକ ନିକଟରେ ଏପରି ମର୍ମନ୍ତୁଦ ସଡକ ଦୁର୍ଘଟଣା ହୋଇଛି । ଘଟଣାସ୍ଥଳରେ ସ୍ତ୍ରୀର ମୃତ୍ୟୁ ହୋଇଥିବା ବେଳେ ସ୍ୱାମୀ ଗୁରୁତର ହୋଇଛନ୍ତି । କ୍ଷତିପୂରଣ ଦାବିରେ ରାସ୍ତାରୋକ । ସୂଚନା ଅନୁସାରେ ସୋର ଥାନା ଅଞ୍ଚଳର ଜନୈକ ଦମ୍ପତି ଚନ୍ଦନେଶ୍ୱରରୁ ସ୍କୁଟିରେ ସୋର ଫେରୁଥିବା ବେଳେ ଭେଲୋରା ଛକ ନିକଟରେ ଦୁର୍ଘଟଣା ଘଟିଥିଲା। ପଛପଟୁ ଆସୁଥିବା ଏକ ଟ୍ରଲର ସ୍କୁଟିକୁ ଧକ୍କା ଦେଇ ମହିଳା ଙ୍କ ଉପରେ ଚଢ଼ି ଯାଇଥିଲା । କ୍ଷତିପୂରଣ ଦାବିରେ ଘଟଣା ସ୍ଥଳରେ ଉତ୍ତେଜନା ଦେଖାଦେଇଥିବା ବେଳେ ରାସ୍ତା ଅବରୋଧ କରିଛନ୍ତି । ଫଳରେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ଅଟକି ରହିଛି । ଭେଲୋରା ଛକରେ ଦୀର୍ଘ ବର୍ଷ ଧରି ଭୂତଳ ବ୍ରିଜର ନିର୍ମାଣ କାର୍ଯ୍ଯ ସରୁ ନଥିବାରୁ ପ୍ରତ୍ଯେକ ଦିନ ଦୁର୍ଘଟଣା ଘଟୁ ଥିବା ନେଇ ଲୋକେ ଅଭିଯୋଗ କରିଛନ୍ତି । ଖବର ପାଇ ବସ୍ତା ଥାନା ପୋଲିସ , ଜାତୀୟ ରାଜପଥ ପେଟ୍ରୋଲିଂ ଭ୍ଯାନ ପହଞ୍ଚି ଟ୍ରଲର ଡ୍ରାଇଭରକୁ ଅଟକ ରଖିବା ସହ ଦୁଇଟି ଗାଡିକୁ ଜବତ କରି ଘଟଣାର ତଦନ୍ତ କରୁଛି ।

# ଯୋବ୍ରା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




**କଟକ,୨୮।୧(ସଂଚାର ବ୍ୟୁରୋ):** ଯୋବ୍ରା ହାଇସ୍କୁଲ ର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସର ମଧ୍ୟରେ ସକାଳ ୧୦ ଘଟିକା ସମୟରେ ପ୍ରଧାନ ଶିକ୍ଷୟତ୍ରୀ ଡ଼. ରାଜଶ୍ରୀ ସାହୁ ଙ୍କ ସଭାପତିତ୍ୱ ରେ ଉଦଘାଟକ ରୂପେ ଡାକ୍ତର ଉମେଶ ରାୟ ଙ୍କ ଦ୍ୱାରା ଆରମ୍ଭ ହୋଇ ପୁରସ୍କାର ବିତରଣ କରାଯାଇଥିଲା । ଅପରାହ୍ନ ର କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୂପେ କଟକ ସାଂସଦ ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ, ମୁଖ୍ୟ ବକ୍ତା ମେୟର ସୁବାସ ସିଂ, ସମ୍ମାନୀୟ ଅତିଥି ରୂପେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, ଲେଫ୍ଟନାନ୍ଟ ଦେବ୍ୱବ୍ରତ ମୋଇତ୍ରୀ,ଉତ୍କଳ ସନ୍ତୋଷ କୁମାର ରାଉତ, କଟକ ଜିଲ୍ଲା ଶିକ୍ଷା ଅଧିକାରୀ, ବିଦ୍ୟାଳୟ ପ୍ରତିଷ୍ଠାତା ଶ୍ରୀଯୁକ୍ତ ଧନେଶ୍ୱର ଦାସ, ପୁରାତନ ବିଦ୍ୟାର୍ଥୀ ପରିଷଦର ସମ୍ପାଦକ ଶୁଭେନ୍ଦୁ ମହାନ୍ତିସ୍କୁଲ ସମସ୍ୟା ସମ୍ପର୍କ ରେ ଦୃଢ଼ ଦାବୀ ଉପସ୍ଥାପନ କରିଥିଲେ , ପୁରାତନ ବିଦ୍ୟାର୍ଥୀ ପରିଷଦ ସମ୍ପାଦକ, ମନୋରଞ୍ଜନ ଜେନା, କର୍ପୋରେଟର ଝିଲୀ ବିହାରୀ , ପଦ୍ମଜା ମହାନ୍ତି ଅତିଥି ରୂପେ ଯୋଗଦେଇ ଥିଲେ। ଏହି ଉତ୍ସବ ରେ ଅବସର ପ୍ରାପ୍ତ ଶିକ୍ଷକ, ଶିକ୍ଷୟତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ବିଦ୍ୟାଳୟ ର ବାର୍ଷିକ କ୍ରୀଡା ମହୋତ୍ସବ ର ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇ ଥିଲା । ଏହି ବାର୍ଷିକ ଉତ୍ସବକୁ ଅଲେଖ ଚନ୍ଦ୍ର ବେଗ,ମାଣିକେଶ୍ୱରୀ ଜେନା, ଅସୀମା ଶୁଭ ଦର୍ଶିନି, ଅରୁଣା ଶୁକ୍ଲା, ମଧୁସ୍ମିତା ଷଡ଼ଙ୍ଗୀ , ଅଜୟ କୁମାର ପ୍ରଧାନ, ତଥା ବିଦ୍ୟାର୍ଥୀ ପରିଷଦ କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ହୋତା, ଚଣ୍ଡୀ ପ୍ରସାଦ ମହାନ୍ତି, ଉଷାରାଣୀ ବେହେରା, ଶାରଳା ପ୍ରସାଦ ସ୍ୱାଇଁ,ପୂର୍ଣ୍ଣ ଚନ୍ଦ୍ର ସାହୁ, ସଂଯୁକ୍ତା ମହାପାତ୍ର, ସୁଜିତ୍ ସାହୁ ମଞ୍ଚ ପରିଚାଳନ କରୁଥିଲେ ଏବଂ ବିଦ୍ୟାଳୟ ର ସମର ଶିକ୍ଷାର୍ଥୀ ବାହିନୀ ଶାନ୍ତି ଶୃଙ୍ଖଳା ରକ୍ଷା ଦାୟିତ୍ୱ ରେ ଥିଲେ । ପୁରାତନ ବିଦ୍ୟାର୍ଥୀ ପରିଷଦର ଛାତ୍ର ଛାତ୍ରୀ ମାନେ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ବିଦ୍ୟାର୍ଥୀ ପରିଷଦର ଆବାହକ ଅମ୍ବିକା ପ୍ରସାଦ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ , ପ୍ରଧାନ ଶିକ୍ଷୟତ୍ରୀ ସଭା ସାଙ୍ଗ କରିଥଲେ ।

# ଶିମିଳିପାଳରୁ ଶିକାରୀ ଧରାଇଲା ଏଆଇ କ୍ୟାମେରା: ୨ ଗିରଫ

**ମୟୂରଭଞ୍ଜ,୨୮।୧(ସଂଚାର ବ୍ୟୁରୋ):** ଶିମିଳିପାଳରୁ ପୁଣି ଶିକାରୀ ଧରାଇଲା ଏଆଇ କ୍ୟାମେରା । ୫ ଶିକାରୀ ଠାବ ହୋଇଥିବାବେଳେ ୨ଜଣଙ୍କୁ ଗିରଫ କରିଛି ଦକ୍ଷିଣ ଶିମିଳିପାଳ ବନବିଭାଗ । ସେମାନଙ୍କ ଠାରୁ ୫ଟି ଦେଶୀ ବନ୍ଧୁକ, ଗୋଟିଏ ହରିଣ ଶିଙ୍ଘ ଓ ଗୋଟିଏ ସମ୍ବର ସିଙ୍ଘ ଜବତ ହୋଇଛି । ଗିରଫ ଦୁଇ ଅଭିଯୁକ୍ତ କପ୍ତିପଦା ଥାନା ଅଞ୍ଚଳର ରାଜକିଶୋର ନାୟକ ଓ କାଳୀଚରଣ ଦେହୁରୀ। ୫ଜଣିଆ ଶିକାରୀ ଦଳ ଶିକାର ପାଇଁ ମାରଣାସ୍ତ୍ର ଧରି ଜଙ୍ଗଲକୁ ପଶିଥିବା ବେଳର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ୨ଜଣ ଧରାପଡିଥିବାବେଳେ ୩ଜଣ ଖସି ପଳାଇଛନ୍ତି । ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି ଶିମିଳିପାଳ ଦକ୍ଷିଣ ବନଖଣ୍ଡ ଉପନିର୍ଦ୍ଦେଶକ ଡକ୍ଟର ସମ୍ରାଟ ଗୌଡ଼ । ସୂଚନା ଅନୁସାରେ ଗତ ଡିସେମ୍ବରରେ ଏଆଇ କ୍ୟାମେରା ସହାୟତାରେ ୧୩ ଜଣ ଶିକାରୀ ଧରା ପଡିଥିଲେ। ଶିକାରୀମାନଙ୍କ ନିକଟରୁ ଜନ୍ତୁ ଶିକାର ନିମନ୍ତେ ବ୍ୟବହୃତ ଗୋଟିଏ ଦେଶୀ ବନ୍ଧୁକ, ୧୩ଟି ଧନୁ, ୩୩ଟି ତୀର, ଏବଂ ଅନ୍ୟ ମାରାଣାସ୍ତ୍ର ଜବତ କରାଯାଇଥିଲା । ବନବିଭାଗ ପକ୍ଷୁ ମିଳିଥିବା ସୂଚନା ଅନୁସାରେ, ଶିକାରୀମାନେ ଗତ ଡିସେମ୍ବର ୨୪ ତାରିଖରେ ମାରାଣାସ୍ତ୍ର ଧରି ଶିମିଳିପାଳ ଅଭୟାରଣ୍ୟର କୋର ଅଞ୍ଚଳ ମଧ୍ୟକୁ ଶିକାର ଉଦ୍ଦେଶ୍ୟରେ ଅନୁପ୍ରବେଶ କରିଥିଲେ । ଆଉ ସେହି ସମୟରଫଟୋ କ୍ୟାମେରାରେ କ ଏ ଦ ହୋଇଥିଲା ।



# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଲାଲା ଲଜପତ ରାୟଙ୍କ ଜୟନ୍ତୀ ସମାରୋହ




**ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ):** ପୁଣ୍ୟଶ୍ଳୋକ ଓ ରାଷ୍ଟ୍ରଭକ୍ତ ଲାଲା ଲଜପତ ରାୟଙ୍କ ୧୬୦ତମ ଜୟନ୍ତୀ ସମାରୋହ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ପ୍ରଫେସର ନିଶାମଣି କର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଲାଲା ଲଜପତଙ୍କ ବହୁମୁଖୀ ପ୍ରତିଭା ଓ ତ୍ୟାଗପୂତ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ଲାଲା ଲଜପତ ଏକାଧାରରେ ଜଣେ ବହୁଭାଷୀ ବିଦ୍ୱାନ, ସ୍ୱାଧୀନତା ସଂଗ୍ରାମୀ ଓ ସମାଜ ସଂସ୍କାରକ ଭାବେ ଭାରତକୁ ଉପନିବେଶବାଦରୁ ମୁକ୍ତକରି ତତ୍କାଳୀନ ଭାରତରେ ଶିକ୍ଷାର ବିକାଶ ମାଧ୍ୟମରେ ଏକ ବିକଶିତ ଭାରତର ସ୍ୱପ୍ନ ଦେଖିଥିବା ଜଣେ ଅପ୍ରତିମ ବ୍ୟକ୍ତିତ୍ୱ ଥିଲେ। ତାଙ୍କ ରଚିତ 'ୟଙ୍ଗ୍ ଇଣ୍ଡିଆ' (ତରୁଣ ଭାରତ) ପୁସ୍ତକ ଭାରତୀୟ ସ୍ୱାଧୀନତା ସଂଗ୍ରାମ ଓ ସ୍ୱଦେଶୀ ଆନ୍ଦୋଳନକୁ ଏକ ବିଶେଷ ଗତି ଦେଇଥିଲା ବୋଲି ପ୍ରଫେସର କର ମତବ୍ୟକ୍ତ କରିଥିଲେ। ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ପଞ୍ଜାବ କେଶରୀ ଲାଲା ଲଜପତଙ୍କ ବିଶାଳ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋକପାତକରି ତାଙ୍କ ସ୍ୱାଧୀନତା ସଂଗ୍ରାମ, ସ୍ୱଦେଶୀ ଆନ୍ଦୋଳନ, ସମାଜ ସଂସ୍କାର, ସାମ୍ପ୍ରଦିକତା, ସାହିତ୍ୟ ରଚନା ଓ ଓକିଲାତି ସମ୍ପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ। ଲାଲା ଲଜପତଙ୍କ ଜାତୀୟତାବାଦ ଚେତନାରେ ଛାତ୍ରଛାତ୍ରୀମାନେ ଅନୁପ୍ରାଣିତ ହେବାକୁ ପ୍ରଫେସର ମହାପାତ୍ର ଆହ୍ୱାନ ଦେଇଥିଲେ। କୁଳସଚିବ ଶ୍ରୀମତୀ ଅନାମିକା ଅଧିକାରୀ ତାଙ୍କ ବକ୍ତବ୍ୟର ଲାଲା ଲଜପତ ରାୟଙ୍କ ଦେଶପାଇଁ ତ୍ୟାଗ, ସଂଘର୍ଷ ଓ ସାଧନା ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କ ଚିରସ୍ମରଣୀୟ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର, ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଧ୍ୟାପକ ଡ. ଜ୍ଞାନ ରଂଜନ ପଣ୍ଡା ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିବାବେଳେ ସହଯୋଗୀ ପ୍ରଫେସର ଡ. ଧୀରଜ କୁମାର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ କଣ୍ଠ ସଂଗୀତ ବିଭାଗର ଛାତ୍ରଛାତ୍ରୀମାନେ ଏହି ଅବସରରେ ଦେଶାତ୍ମବୋଧ ସଂଗୀତ ପରିବେଷଣ କରିଥିଲେ।

### ଦାଦନ ଦୁଃଖ

## ଶ୍ରମିକ ବଖାଣିଲେ ଯନ୍ତ୍ରଣାର କାହାଣୀ



**ବଲାଙ୍ଗୀର,୨୮।୧ (ସଂଚାର ବ୍ୟୁରୋ):** ଦାଦନ ପ୍ରବଣ ଜିଲ୍ଲା ବଲାଙ୍ଗୀର । ପେଟ ପାଟଣା ପାଇଁ ପ୍ରତିବର୍ଷ ଭିଟାମାଟି ଛାଡ଼ନ୍ତି ଲକ୍ଷଲକ୍ଷ ଶ୍ରମିକ । ଆଗୁଆ ଟଙ୍କା ଦେଇ ନେଇଯାଆନ୍ତି ଦାଦନ ସର୍ଦ୍ଦାର। ଘର ଛାଡ଼ି ପର ରାଜ୍ୟରେ ପାଦ ଦେବା ପରେ ଆରମ୍ଭ ହୁଏ ଯନ୍ତ୍ରଣାପୂର୍ଣ୍ଣ ଜୀବନ । ଯିଏ ଲୁଚି ଖସି ଆସନ୍ତି ସିଏ ବଞ୍ଚି ଯାଆନ୍ତି। ଆଉ ଯେଉଁମାନେ ରହିଯାନ୍ତି, ସେମାନଙ୍କ ଜୀବନ ଦୁର୍ବିସହ ହୋଇଯାଏ । ଅନେକ ତ ଶବ ହୋଇ ଫେରନ୍ତି। ସପ୍ତାହେ ଭିତରେ ପାଟଣାଗଡ଼ରୁ ୬ ଦାଦନ ଶ୍ରମିକଙ୍କ ମୃତ୍ୟୁ ଖବର ଆସିଛି । ବେଲପଡ଼ା ଥାନା ଅନ୍ତର୍ଗତ ଥୁଡ଼ିବାହାଲ ଗାଁର ନୁଆଦେଇ ନାଗଙ୍କ ଶବ ଗାଁରେ ପହଞ୍ଚିବା ପରେ ଭାଙ୍ଗି ପଡ଼ିଛନ୍ତି ପରିବାର ଲୋକ। ନୁଆଦେଇଙ୍କ ସମେତ ୫ ଜଣ ଶ୍ରମିକ ହାଇଦ୍ରାବାଦରେ କାମ କରୁଥିବା ବେଳେ ଝାଡ଼ାବାନ୍ତିରେ ତାଙ୍କ ମୃତ୍ୟୁ ହୋଇଛି । ସେମାନଙ୍କ ଶବ ଗାଁକୁ ଆସି ସାରିଛି । ଆଉ ଜଣେ ଅସ୍ୱାଭାବିକ ଭାବେ ମୃତ୍ୟୁବରଣ କରିଛନ୍ତି। ଅର୍ଥ ଅଭାବରୁ ତାଙ୍କ ଶବ ଘରକୁ ଆସିପାରୁନାହିଁ। ଦଲାଲଙ୍କ କବଳକୁ ଖସି ଆସିଥିବା ୨ଟି ଦାଦନ ପରିବାର କନକ ନ୍ୟୁଜରେ କହିଛନ୍ତି ଦାଦନର କରୁଣ କାହାଣୀ। ବଲାଙ୍ଗୀର ଜିଲ୍ଲାରେ ଦାଦନ ରୋକିବାକୁ ଟାସ୍କ ଫୋର୍ସ ଗଠନ କରାଯାଇଛି । କାଗଜ କଲମରେ ଟାସ୍କ ଫୋର୍ସ ଚାଲିଥିବା ବେଳେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ବେଲପଡାର ଦାଦନ ଶ୍ରମିକଙ୍କ ଶବ ଗାଁକୁ ଫେରୁଥିବା ବେଳେ ଗଣମାଧ୍ୟମରେ ଏ ସଂପର୍କରେ ମୁହଁ ଖୋଲୁନାହାନ୍ତି ଜିଲ୍ଲା ଶ୍ରମ ଅଧିକାରୀ ।

ଜୀବନ ଅମୃତ ଅନୁଚିନ୍ତା

ଶୂନ୍ୟ-ମୋତେ ଛାଡ଼ି ତୁମେ ଯେତେ
ଯାହା ସଂଗ୍ରହ କଲେ ବି ଦିନେ
ଦେଖିବ ତାହା ସବୁ ବରଫ ଭଳି
ତରଳି ଶୂନ୍ୟ ହୋଇଯାଇଛି।

SANCHAR
ସଞ୍ଚାର

୪ ବୁଧବାର ୨୯ ଜାନୁଆରୀ ୨୦୨୫, ଭୁବନେଶ୍ୱର
Wednesday 29 January 2025 Bhubaneswar


# ଓଡ଼ିଶାକୁ ପୁଞ୍ଜିନିବେଶର ସୁଅ

ମଙ୍ଗଳବାର ଭୁବନେଶ୍ୱରରେ ଆରମ୍ଭ ହୋଇଛି ଦୁଇ ଦିନିଆ ଉତ୍କର୍ଷ ଓଡ଼ିଶା କନକ୍ଲେଭ। ଏଥିରେ ଦେଶ ବିଦେଶର ବହୁ ବଡ଼ ବଡ଼ ଶିଳ୍ପପତି, ପୁଞ୍ଜିନିବେଶକାରୀ ଯୋଗ ଦେଉଛନ୍ତି। ଖୋଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କନକ୍ଲେଭରେ ଯୋଗ ଦେଇ ଓଡ଼ିଶାରେ ପୁଞ୍ଜିନିବେଶ ଲାଗି ନିବେଶକମାନଙ୍କୁ ଆହ୍ୱାନ ଏବଂ ପ୍ରୋତ୍ସାହନ ପ୍ରଦାନ କରିଛନ୍ତି। ଏହା ବହୁତ ବଡ଼ କଥା। ପୂର୍ବରୁ ମଧ ଓଡ଼ିଶାରେ ଅନେକ ଥର ଏଭଳି ନିବେଶକ ସମ୍ମିଳନୀ ବା ଇନଭେଷ୍ଟ ଓଡ଼ିଶା କନକ୍ଲେଭ ଆୟୋଜିତ ହୋଇଛି। ଅନେକ ନିବେଶକ ଆସିଛନ୍ତି ଏବଂ ନିବେଶର ପ୍ରତିଶ୍ରୁତି ଦେଇଛନ୍ତି। ଅନେକ ଏମଓୟୁ ମଧ କାର୍ଯ୍ୟକାରୀ ହୋଇଛି। କିନ୍ତୁ ଏଥର କନକ୍ଲେଭର ବାର୍ତ୍ତା ଭିନ୍ନ। ଏଥର ଓଡ଼ିଶାରେ ନିବେଶ ଲାଗି ଦେଶର ପ୍ରଧାନମନ୍ତ୍ରୀ ଆହ୍ୱାନ କରିଛନ୍ତି। ଅର୍ଥାତ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ନିବେଶକମାନଙ୍କ ପଛରେ ଠିଆ ହେଛନ୍ତି। ଏହା ହିଁ ଡବଲ ଇଞ୍ଜିନ। ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ଗୋଟିଏ ଦଳର ସରକାର ଚାଲିଛି। ତେଣୁ ଉଭୟ ସରକାର ସହଯୋଗର ହାତ ବଢ଼ାଇବେ। ଏଥିଲାଗି ଖୋଦ ପ୍ରଧାନମନ୍ତ୍ରୀ ଗ୍ୟାରେଣ୍ଟି ପ୍ରଦାନ କରିଛନ୍ତି। ତେଣୁ ଏହାର ପ୍ରଭାବ ନିଶ୍ଚିତ ଭାବେ ପଡ଼ିବ ଏବଂ ଓଡ଼ିଶାକୁ ପୁଞ୍ଜିର ସୁଅ ଛୁଟିବ ବୋଲି ଆଶା କରାଯାଇପାରେ। ପ୍ରଥମ ଦିନରୁ ଯାହା ଆକଳନ କରାଯାଇଛି ଓଡ଼ିଶାରେ ପ୍ରାୟ ୫ ଲକ୍ଷ କୋଟିର ନିବେଶ ଲାଗି ପ୍ରତିଶ୍ରୁତି ମିଳିଛି। ଶିଳ୍ପ ସଚିବ ହେମନ୍ତ ଶର୍ମା କହିଛନ୍ତି ଯେ, ଏଥର ଓଡ଼ିଶାକୁ ୪ରୁ ୪.୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଆସିବ ବୋଲି ଅନୁମାନ କରାଯାଉଛି। ଏହାର ଅଧା ଆସିଲେ ବି କନକ୍ଲେଭ ସଫଳ ହେଲା ବୋଲି କହିବାକୁ ପଡ଼ିବ। ପ୍ରଥମ ଦିନ ଏଥିଲାଗି ୫୪ଟି ଏମଓୟୁ ସ୍ୱାକ୍ଷରିତ ହୋଇଛି। ବେଦାନ୍ତ କମ୍ପାନୀ ମୁଖ୍ୟ ଅନିଲ ଅଗ୍ରୱାଲ ରାୟଗଡ଼ାରେ ଏକ ଆଲୁମିନିୟମ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଯୋଜନା କରିଛନ୍ତି। ଏ ବାବଦରେ ସେ ୨୦ ହଜାର କୋଟି ଟଙ୍କା ବିନିଯୋଗ କରିବେ ବୋଲି କହିଛନ୍ତି। ରାଷ୍ଟ୍ରାୟତ୍ତ ଇଣ୍ଡିଆନ ଅଏଲ କର୍ପୋରେସନ ବା ଆଇଓସିଏଲ ଓଡ଼ିଶାରେ ୭୦ ହଜାର କୋଟି ଟଙ୍କା ନିବେଶ ଯୋଜନା କରିଛି। ପାରାଦୀପ ଏବଂ ଭଦ୍ରକରେ ଏହି ନିବେଶ ହେବ। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପାରାଦୀପରେ ମେଗା ଷ୍ଟିଲ ପ୍ଲାଣ୍ଟ ନିର୍ମାଣ କରୁଛି। ଏହା ବ୍ୟତିତ କେନ୍ଦୁଝରରେ ୩୦ରୁ ୪୦ ହଜାର କୋଟି ଟଙ୍କା ବିନିଯୋଗରେ ଆଉ ଏକ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଯୋଜନା କରିଥିବା ସେ କହିଛନ୍ତି। ଏଥିରେ ପୋସ୍କୋର ସହାୟତା ନିଆଯିବ ଏବଂ ପୋସ୍କୋ ସହ ମିଳିତ ଭାବେ ଏହି ପ୍ରକଳ୍ପ ପ୍ରତିଷ୍ଠା ହେବ ବୋଲି ଜିନ୍ଦଲ ପକ୍ଷରୁ କୁହାଯାଇଛି। ଏହା ବ୍ୟତିତ ଅନ୍ୟାନ୍ୟ ବହୁ ବଡ଼ ବଡ଼ କମ୍ପାନୀ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ଜମି, ଜଳ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧା ଯୋଗାଇ ଦେଲେ ଏହା ସମ୍ଭବ ହୋଇପାରିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ତାଙ୍କ ସହଯୋଗୀ ମନ୍ତ୍ରୀ ମାନେ ଏଥିଲାଗି ନିର୍ଭର ପ୍ରତିଶ୍ରୁତ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମଧ କେନ୍ଦ୍ର ସରକାର ସବୁ ପ୍ରକାରର ସାହାଯ୍ୟ ସହଯୋଗ ପ୍ରଦାନ କରିବେ ବୋଲି କହିଛନ୍ତି। ତେବେ ଓଡ଼ିଶାରେ ନିବେଶ ଲାଗି ଯେତେ ପ୍ରସ୍ତାବ ରହିଛି ସେଥିରୁ ଅଧିକାଂଶ ବଡ଼ ପ୍ରସ୍ତାବ ହେଉଛି ଖଣି ଭିତ୍ତିକ ଶିଳ୍ପ ପ୍ରକଳ୍ପ। ଏହା ସ୍ୱାଭାବିକ। କାରଣ ଓଡ଼ିଶା ଏକ ଖଣି ସମୃଦ୍ଧ ରାଜ୍ୟ। କୋଇଲା, ଲୁହାପଥର,ମାଙ୍ଗାନିଜ, ବକ୍ସାଇଟ, ଡୋଲୋମାଇଟ ଆଦି ମୂଲ୍ୟବାନ ଖଣିଜ ସାମଗ୍ରୀ ଏଠାରେ ପ୍ରଚୁର ପରିମାଣରେ ଗଚ୍ଛିତ ରହିଛି। ତେଣୁ ସ୍ୱାଭାବିକ ଭାବେ ଏଠାରେ ଖଣି ଭିତ୍ତିକଶିଳ୍ପ ପ୍ରତିଷ୍ଠା ଲାଗି ଅଧିକ ପ୍ରସ୍ତାବ ଆସିବ। କିନ୍ତୁ କେବଳ ପ୍ରସ୍ତାବ ଆସିଲେ ବା ଏମଓୟୁ ସ୍ୱାକ୍ଷର ହୋଇଗଲେ ପ୍ରକଳ୍ପ କାର୍ଯ୍ୟକାରୀ ହୁଏନାହିଁ। ଏଥିଲାଗି ଅନେକ ସମସ୍ୟା ରହିଛି। ଜମି ଅଧିଗ୍ରହଣ ସବୁଠାରୁ ବଡ଼ ସମସ୍ୟା। ଯେଉଁଠାରେ ଶିଳ୍ପ ପ୍ରତିଷ୍ଠା ହେବ, ସେଠାରେ ଜନଶୁଣାଣୀ ହେବ। ସ୍ଥାନୀୟ ଲୋକଙ୍କ ସହମତି ବିନା ଜମି ଅଧିଗ୍ରହଣ ଅସମ୍ଭବ। ଏହା ବ୍ୟତିତ ଜଙ୍ଗଲ ଓ ପରିବେଶ ମଞ୍ଜୁରୀ ଆବଶ୍ୟକ। ଅତୀତରେ ଅନେକ ଶିଳ୍ପ ପ୍ରକଳ୍ପ ଏଥିଲାଗି ଓଡ଼ିଶାରୁ ଫେରିଯାଇଛି। ପୋସ୍କୋ ପ୍ରକଳ୍ପ ଓଡ଼ିଶା ଛାଡ଼ିବା ଏହାର ସବୁଠାରୁ ବଡ଼ ଉଦାହରଣ। ସ୍ଥାନୀୟ ଲୋକେ ନିଜ ଚାଷ ଜମି ଛାଡ଼ିବାକୁ ଅମଙ୍ଗ ହେବା ସ୍ୱାଭାବିକ। କିନ୍ତୁ ସରକାରୀ ଜମି ଅଧିଗ୍ରହଣକୁ ମଧ ସେମାନେ ବିରୋଧ କରି ଆନ୍ଦୋଳନ ଡାକରା ଦିଅନ୍ତି। ଗୋପାଳପୁରରେ ଟାଟା ପ୍ରକଳ୍ପ କିପରି ସମ୍ଭବ ହେଲା ନାହିଁ, ତାହା ସମସ୍ତେ ଜାଣନ୍ତି। କଳିଙ୍ଗ ନଗର ଗୁଳିକାଣ୍ଡ ଆଉ ଏକ ବଡ଼ ଉଦାହରଣ। ଲୋକଙ୍କୁ ଯେତେ କ୍ଷତିପୂରଣ ଦେଲେ ମଧ ସେମାନେ ଏଥିରେ ଅସନ୍ତୁଷ୍ଟ ହୁଅନ୍ତି। ଏହା ବ୍ୟତିତ ଯେଉଁମାନେ ଶିଳ୍ପ ପ୍ରତିଷ୍ଠା କରିବେ, ସେମାନେ ନିଜସ୍ୱ ଖଣି ଚାହାଁନ୍ତି। ଏଥିରେ ମଧ ସମସ୍ୟା ରହିଛି। ଅଧିକାଂଶ ଶିଳ୍ପ କାରକାନା ଲାଗି ନିଜସ୍ୱ ପାୱାର ପ୍ଲାଣ୍ଟର ଆବଶ୍ୟକତା ରହିଛି। ଏଥିପାଇଁ କୋଇଲା ଖଣି ଏବଂ ପରିବେଶ ମଞ୍ଜୁରୀ ନିହାତି ଆବଶ୍ୟକ। ସଡ଼କ ଓ ରେଳପଥରେ ଯୋଗାଯୋଗ ସହଜରେ ହୋଇପାରିବ। କିନ୍ତୁ ଜମି ଅଧିଗ୍ରହଣ, ପରିବେଶ ମଞ୍ଜୁରୀ, ଖଣି ଲିଜ ସମ୍ଭବ ନହେଲେ ସବୁ ଉଦ୍ୟମ ମୂଲ୍ୟହୀନ ହୋଇଯିବ। ଏ ସମ୍ପର୍କରେ ରାଜ୍ୟ ସରକାର ଭଲଭାବେ ଅବଗତ ଥିବେ ବୋଲି ଆଶା କରାଯାଉଛି। ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ଯୋଗ ଦେବା ଅବସରରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଶୀଘ୍ର ଓଡ଼ିଶା ଦେଶର ଶ୍ରେଷ୍ଠ ୫ଟି ଶିଳ୍ପ ସମୃଦ୍ଧ ରାଜ୍ୟରେ ପରିଣତ ହେବ। ପୂର୍ବୋଦୟ ବିକାଶରେ ଓଡ଼ିଶା ହେବ ମୁଖଶାଳା। ଓଡ଼ିଶା ବିକାଶର ଶିଖର ଛୁଇଁବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ଯାହା ବେଶ ଉଲ୍ଲେଖନୀୟ। ଦେଶର ପ୍ରଧାନମନ୍ତ୍ରୀ ସେ ପୁଣି ନରେନ୍ଦ୍ର ମୋଦି ଯେଉଁଠି ପ୍ରତିଶ୍ରୁତି ଦେଉଛନ୍ତି ତାହାକୁ ହାଲୁକା ଭାବେ ଧରାଯିବନି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୭ ମାସ ଭିତରେ ଓଡ଼ିଶଶକୁ ୫ଥର ଆସିଲେଣି। ଚଳିତ ମାସରେ ଏହାକୁ ମିଶାଇ ସେ ଦୁଇଥର ଓଡ଼ିଶା ଆସିଛନ୍ତି। ଏଥିରେ ମୋଦି ସରକାର ଓଡ଼ିଶାକୁ କେତେ ଗୁରୁତ୍ୱ ଦେଉଛନ୍ତି ତାହା ସହଜରେ ବୁଝି ହେଉଛି। ରାଜନୈତିକ ଦୃଷ୍ଟିରୁ ବିଜେପି ପାଇଁ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବା ରାଜ୍ୟ। ରାଜ୍ୟର ୨୧ ଲୋକସଭା ଆସନ ମଧ୍ୟରୁ ବିଜେପି ୨୦ଟିରେ ଜିତିଛି। ପୂର୍ବ ଏବଂ ଦକ୍ଷିଣ ଭାରତରେ ବିଜେପି ନିଜ ପ୍ରଭାବ ବିସ୍ତାର କରିବାକୁ ଚାହୁଁଛି। ଏହିସବୁ ରାଜ୍ୟ ମଧରେ ଓଡ଼ିଶା ବ୍ୟତିତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ତେଲେଙ୍ଗାନା ରହିଛି। ଓଡ଼ିଶାରେ ବିକାଶର ପରୀକ୍ଷଣ ସଫଳ ହେଲେ ତାହା ପଡ଼ୋଶର ରାଜ୍ୟମାନଙ୍କୁ ପ୍ରଭାବିତ କରିବ। ତେଣୁ ନରେନ୍ଦ୍ର ମୋଦି ସରକାର ଓଡ଼ିଶାକୁ ବିକାଶର ପରୀକ୍ଷାଗାର ବା ମଡେଲ କରିବାକୁ ଚାହୁଁଛନ୍ତି। ଏହା ରାଜ୍ୟ ପାଇଁ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଛି। ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ଲକ୍ଷ୍ୟ ରହିଛି। ଯଦି ଆଗାମୀ ୫ ବର୍ଷ ଭିତରେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଏଭଳି କାର୍ଯ୍ୟ କରେ ତେବେ ଏହା ନିଶ୍ଚିତ ଭାବେ ସଫଳ ହେବ। କିନ୍ତୁ କେବଳ ଖଣି ଭିତ୍ତିକ ଶିଳ୍ପ କଲେ ହେବ ନାହିଁ, ଓଡ଼ିଶାରେ କୃଷି ଭିତ୍ତିକ ଶିଳ୍ପ, ପର୍ଯ୍ୟଟନ ଶିଳ୍ପ ଏବଂ ଆଇଟି ଶିଳ୍ପର ବିକାଶ ଲାଗି ମଧ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଏହି ସୁଯୋଗର ସଦୁପଯୋଗ ହେବା ଉଚିତ। ପ୍ରଧାନମନ୍ତ୍ରୀ ମଧ ଏହି କଥା କହିଛନ୍ତି। ଓଡ଼ିଶାରେ ପ୍ରାୟ ୫୦୦ କିମି ଦୀର୍ଘ ଉପକୂଳ ରହିଛି। ଏହାର ୩୩% ଅଞ୍ଚଳ ଜଙ୍ଗଲ। ତେଣୁ ଏଠାରେ ପର୍ଯ୍ୟଟନ ଶିଳ୍ପ ସହ ବନ୍ଦର ପ୍ରତିଷ୍ଠା ପାଇଁ ଢେର ସୁଯୋଗ ରହିଛି। ଓଡ଼ିଶା ହେଉଛି ପ୍ରକୃତିର ଗନ୍ତାଘର। ଏହାର ଉପଯୋଗ ପାଇଁ ନିବେଶକମାନେ ଆଗେଇ ଆସିବା ଉଚିତ। ଏକଦା ଓଡ଼ିଶା ସାମୁଦ୍ରିକ ବାଣିଜ୍ୟର ଏକ ପ୍ରମୁଖ କେନ୍ଦ୍ର ଥିଲା। ଏହାର ପୁନରୁଦ୍ଧାର ନିମନ୍ତେ ଏବେ ସମୟ ଆସିଛି। ଏହାଠାରୁ ଭଲ ସମୟ ଆଉ କେବେ ଆସିବ କି ନାହିଁ ସନ୍ଦେହ। ଯଦି ନରେନ୍ଦ ମୋଦି ସରକାରଙ୍କ ସମୟରେ ଏହା ସମ୍ଭବ ନହୋଇପାରିବ,ତେବେ ଆଗାମୀ ବହୁ ବର୍ଷ ଭିତରେ ଏହା ହୋଇନପାରେ। ଓଡ଼ିଶାରେ ରେଳ ଭିତ୍ତିଭୂମି ଏବଂ ବିମାନ ସେବା ସମ୍ପ୍ରସାରିତ ହେଉଛି। କେନ୍ଦ୍ରରେ ଓଡ଼ିଶାର ୩ଜଣ କ୍ୟାବିନେଟ ମନ୍ତ୍ରୀ ଅଛନ୍ତି ସେମାନଙ୍କ ସହଯୋଗ ଏବଂ ଆଶୀର୍ବାଦ ମିଳିଲେ ଅସମ୍ଭବ ସମ୍ଭବ ହୋଇପାରିବ। ଓଡ଼ିଶାରେ ମୋହନ ମାଝୀଙ୍କ ନେତୃତ୍ୱରେ ଏକ ଦୃଢ଼ ସରକାର ଚାଲିଛି। ଏହି ସରକାର ସମୟରେ ବିକାଶ ଶିଖର ଛୁଇଁବ ବୋଲି ଆଶା କରିବା ଭୁଲ ହେବ ନାହିଁ।

# ଗଣତାନ୍ତ୍ରିକ ରାଷ୍ଟ୍ରରେ ମତଦାତାଙ୍କ ଭୂମିକା



**କିଶୋର ଚନ୍ଦ୍ର ବେହେରା**

ସମାଜରେ ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶ ପାଇଁ ଆବଶ୍ୟକ ହେଉଥିବା ଅବସ୍ଥା ପରିବେଶକୁ ଅଧିକାର କୁହାଯାଏ । ସେ ଅଧିକାର ସାମାଜିକ କିମ୍ବା ରାଜନୈତିକ ହେଉ। ସେହି ବ୍ୟକ୍ତି ବିଶେଷ ଯାହା ସାହାଯ୍ୟରେ କି ନିଜର ପ୍ରତିଭାକୁ ବିକଶିତ କରିଥାଏ। ଅଧିକାର ଗୁଡ଼ିକ ନାଗରିକର ପୂର୍ଣ୍ଣାଙ୍ଗ ବିକାଶରେ ସହାୟକ ହୋଇଥିବାରୁ ପୃଥିବୀର ସମସ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ସମ୍ବିଧାନ କେତେ ଗୁଡିଏ ଅଧିକାର ପ୍ରଦାନ କରିଥାନ୍ତି, ତନ୍ମଧରୁ ମତଦାନ ଅଧିକାର ଅନ୍ୟତମ। ଭାରତ ବର୍ଷ ହେଉଛି ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଏବଂ ଆମର ସମ୍ବିଧାନ ସର୍ବଶ୍ରେଷ୍ଠ ଅନ୍ୟ ରାଷ୍ଟ୍ର ତୁଳନାରେ। ସେ ରାଜା ହେଉ କି ପ୍ରଜା, ଧନୀ କି ନିର୍ଦ୍ଧନୀ କିମ୍ବା ସେ ପ୍ରଭାବଶାଳୀ ବ୍ୟକ୍ତି ହେଉ ପଛେ ସମ୍ବିଧାନର ଆଇନ, ନୀତି ଓ ନ୍ୟାୟିକ ବ୍ୟବସ୍ଥାକୁ ସମ୍ମାନ ଦେବାରେ ଅବହେଳା କରନ୍ତି ନାହିଁ। ପ୍ରତ୍ୟେକ ନାଗରିକ ଭିନ୍ନଭିନ୍ନ ତରିକା ଅବଲମ୍ବନ କରି ରାଷ୍ଟ୍ର ଶାସନରେ ଅଂଶ ଗ୍ରହଣ କରିବା ପାଇଁ ରାଜନୈତିକ ଅଧିକାରକୁ ଆପଣାଇବାରେ ପ୍ରଚେଷ୍ଟା ଜାରି ରଖିଥାନ୍ତି। ନିର୍ଦ୍ଦିଷ୍ଟ ବୟସରେ ଉପନୀତ ହୋଇଥିବା ପ୍ରତେକ ସାବାଳକ ନାଗରିକଙ୍କୁ ନିର୍ବାଚନରେ ମତଦାନ କରିବାର ସୁଯୋଗ ଆମ ସମ୍ବିଧାନରେ ବ୍ୟବସ୍ଥା ରହିଅଛି। ଜନସାଧାରଣଙ୍କ ମତଦାନ ଦ୍ୱାରା ପ୍ରତିନିଧିମାନେ ନିର୍ବାଚିତ ହୋଇ ରାଜ୍ୟ କିମ୍ବା କେନ୍ଦ୍ରରେ ସରକାର ଗଠନ ପ୍ରକ୍ରିୟା ଜାରି ରଖିଥାନ୍ତି। ଏହି ଅଧିକାର ଜନମତ ବିଧି ସଂଗତ ପରିପ୍ରକାଶ। ଗଣତାନ୍ତ୍ରିକ ରାଷ୍ଟ୍ର ଏବଂ ମୁକ୍ତ ସମାଜ ବ୍ୟବସ୍ଥାରେ କୌଣସି କୃତ୍ରିମ ଭେଦଭାବ ନରଖି ସମସ୍ତଙ୍କୁ ଏହି ଅଧିକାର ପ୍ରଦାନ କରାଯାଇଥାଏ। ସମସ୍ତ ସାବାଳକ ନାଗରିକ ମତଦାନ ଅଧିକାର ଲାଭ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ରାଜନୈତିକ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥାନ୍ତି। ଯେଉଁ ବ୍ୟକ୍ତି କିମ୍ବା ରାଜନୈତିକ ଦଳ ଜନମତର ପଚାଶ ଶତକଡ଼ାରୁ ଅଧିକ ଲାଭ କରିଥାନ୍ତି ସେ ବ୍ୟକ୍ତି ବିଶେଷ ବା ଦଳ ନିର୍ବାଚନ ବୈତରଣୀ ପାର ହୋଇ ସରକାର ଗଠନ କରିଥାନ୍ତି। ନାଗରିକ ମତଦାନ ଦ୍ୱାରା ଗୋଟିଏ ଜାତିର ଭାଗ୍ୟ ପରିବର୍ତ୍ତନଶୀଳ ହୋଇଯାଇଥାଏ। ଯଦି ଜଣେ ନାଗରିକ ନିଜର ମୂଲ୍ୟବାନ ଭୋଟ ଖଣ୍ଡିକ ସଙ୍କୋଚତା ସହକାରେ ଅଧିକାର ସାବ୍ୟସ୍ତ କରିପାରିବ ତେବେ ଏକ ସୁଦୃଢ଼ ସରକାର ଗଠନ କରିବା ସହ ରାଷ୍ଟ୍ରର ପ୍ରଗତି କ୍ଷେତ୍ରରେ ସହାୟକ ହୋଇଥାଏ, କାରଣ ଆମ୍ଭେମାନେ ହେଉଛେ ସ୍ୱାଧୀନ ଭାରତର ନାଗରିକ। ଆମର ସୁଦୃଢ଼ ମତଦାନ ସୁଶାସନର ପରିଚୟ ଏବଂ ପ୍ରଗତିଶୀଳ ରାଷ୍ଟ୍ରର ଅଂଶିଦାର।

ଭାରତ ସରକାରଙ୍କ ନିର୍ବାଚନ ଆୟୁକ୍ତ ପ୍ରତିଷ୍ଠା ଦିବସ ଜାନୁଆରୀ ୨୫ ତାରିଖକୁ "ଜାତୀୟ ମତ ଦାତା ଦିବସ" ରୂପେ ପାଳନ କରାଯାଏ। ୨୦୧୧ ମସିହାରେ ପ୍ରଥମଥର ପାଇଁ ଉକ୍ତ ଦିବସ ପାଳନ କରିବା ସହିତ ପ୍ରତେକ ବର୍ଷ ଭଳି ଚଳିତ ବର୍ଷ ପାଳନ କରିବାକୁ ଯାଉଛେ ୧୫ତମ ଉତ୍ସବ। ଏହି ଦିନଟିକୁ ନୂତନ ଯୁବ ଭୋଟର ମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଥାଏ । ଉକ୍ତ ଦିବସଟି ପାଳନ କରିବାର ଉଦେଶ୍ୟ ହେଉଛି ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାରେ ସାଧାରଣ ନାଗରିକ ବିଶେଷକରି ଯୁବ ମତଦାତା ଅଧିକରୁ ଅଧିକ ସଂଖ୍ୟକ ଅଂଶ ଗ୍ରହଣ କରି ନିରପେକ୍ଷତା ଅବଲମ୍ବନ କରି ସ୍ୱଚ୍ଛ ଓ ଅବାଧ ମୁକ୍ତ ଗଠନରେ ସହାୟକ ହୋଇପାରିବେ । ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଭାରତ ଏକ ସାର୍ବଭୌମ ଧର୍ମନିରପେକ୍ଷ ସାଧାରଣତନ୍ତ୍ର ରାଷ୍ଟ୍ର ଘୋଷିତ ହେଇଥିଲା। ଏହାର ଠିକ୍ ପୂର୍ବଦିନ ଅର୍ଥାତ ଜାନୁଆରୀ ୨୫ ତାରିଖ ଦିନ ସମ୍ବିଧାନର ୩୨୪ ଧାରା ଅନୁଯାୟୀ ଏକ ସ୍ୱାଧୀନ ନିର୍ବାଚନ କମିଶନର ପ୍ରତିଷ୍ଠା କରାଇଥିଲା। କମିସନର ନିଷ୍ପତ୍ତି ନେଇଥିଲେକି ୨୧ ବର୍ଷ ବୟସରୁ ଉର୍ଦ୍ଧ୍ୱ ନାଗରିକ ପୁରୁଷ ଅଥବା ମହିଳା ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଚୟନ କିମ୍ବ ନିର୍ବାଚନ କରିବାର ଅଧିକାର ମିଳିଥିଲା। ଅଠତିରିଷ ବର୍ଷ ପରେ ଅର୍ଥାତ ୧୯୮୮ ମସିହା ୬୧ ତମ



ସମ୍ବିଧାନ ସଂଶୋଧନ ବିଲ ଆଗତ କରାଯାଇ ମତ ଦାତାଙ୍କ ବୟସ ୨୧ ରୁ ୧୮ ବର୍ଷକୁ ହ୍ରାସ କରାଯାଇଥିଲା। ମତ ଦାତା ଦିବସ ପାଳନ କରିବାର ମୁଖ୍ୟ ଲକ୍ଷ୍ୟ ହେଲା କିଭଳି ଭାବରେ ସମସ୍ତ ନାଗରିକମାନେ ନିଜର ମୂଲ୍ୟବାନ ଭୋଟ ଖଣ୍ଡିକ ନିର୍ଭୟରେ ଓ ନିର୍ଦ୍ୱନ୍ଦରେ ନିଜର ମତ ସାବ୍ୟସ୍ତ କରିପାରିବେ ନିର୍ବାଚନ ଆୟୋଗଙ୍କର ଏକ ପ୍ରୟାସ। ୨୦୦୯ ମସିହା ୧୫ତମ ସାଧାରଣ ନିର୍ବାଚନରେ ଦେଖାଗଲା ମତ ଦାନ ସଂଖ୍ୟା ୫୮.୨୧ ଶତକଡା ପୂର୍ବ ନିର୍ବାଚନ ଠାରୁ ଅପେକ୍ଷାକୃତ ହ୍ରାସ ପାଇବା ସହ ମହିଳା ଭୋଟରଙ୍କ ସଂଖ୍ୟା ଆପାତତଃ ହ୍ରାସ ପାଇଥିଲା। ତେଣୁ କରି ଏହି ପରିପ୍ରେକ୍ଷୀରେ ନିର୍ବାଚନ ଆୟୋଗ ଚିନ୍ତାକଲେ ଯୁବ ବର୍ଗ ମାନଙ୍କ ମଧରେ ସଚେତନତା କାର୍ଯ୍ୟକ୍ରମ କରି ନିଜର ଜନପ୍ରତିନିଧି ବାଛିବାରେ ସମିଲ କରିବା । ମହାବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରିବା ସହ ୧୮ ବର୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନଙ୍କୁ ନେଇ "ଚୁନାଓ ପାଠ ଶାଳା" ପ୍ରତିଷ୍ଠା କରାଯାଇଛି। ମହିଳା ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ସହରାଞ୍ଚଳ ମାନଙ୍କରେ" ଗୋଲାପି ଭୋଟ କେନ୍ଦ୍ର" ଅସ୍ଥାୟୀ ବୁଥ ସ୍ଥାପନା କରାଯାଉଛି। ଏହି ସଚେତନତା ଫଳରେ ୨୦୧୪ ସାଧାରଣ ନିର୍ବାଚନରେ ମତ ଦାତା ସଂଖ୍ୟା ୬୬.୪୪ ଶତକଡା ହାରରେ ବୃଦ୍ଧି ପାଇଥିବା ବେଳେ ସତରତମ ସାଧାରଣ ନିର୍ବାଚନ ଅର୍ଥାତ ୨୦୧୯ରେ କ୍ରମାଗତ ଭାବେ ବୃଦ୍ଧି ପାଇ ୬୭.୪୦ ଶତକଡା ହାରରେ ପହଞ୍ଚିଥିଲା। ଗତ ଅଷ୍ଟାଦଶ ସାଧାରଣ ନିର୍ବାଚନ ୨୦୨୪ କ୍ଷେତ୍ରରେ ମତଦାତା ସମ୍ୟକ ହ୍ରାସ ହୋଇ ୬୬.୧୦ ଶତକଡାରେ ପହଞ୍ଚିଥିଲା ବେଳେ ୧୮ ରୁ ୧୯ ବର୍ଷ ବୟସର ଯୁବ ମତଦାତାଙ୍କ ମତଦାନ ସଂଖ୍ୟା ୧୮. ୫ ମିଲିୟନ ହୋଇଥିଲା ବେଳେ ୨୦ ରୁ ୨୯ ବର୍ଷ ଯୁବ ବର୍ଗଙ୍କ ସଂଖ୍ୟା ୧୯୭.୪ ମିଲିୟନ ଅର୍ଥାତ ୨୦.୩୮ ଶତକଡା ।

ବିକଶିତ ଭାରତ ପାଇଁ ଯୁବ ଯୁବ ମତଦାତା ଓ ଯୁବ ନେତୃତ୍ୱଙ୍କ ଯୁବଶକ୍ତି, ସେମାନଙ୍କ ସ୍ୱପ୍ନ, ଦକ୍ଷତା ଏବଂ ଆକାଂକ୍ଷାରେ ଦେଶର ପ୍ରଗତି ହୋଇ ପାରିବ ବୋଲି କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡ. ମନସୁଖ ମାଣ୍ଡଭୀୟ ଜାତୀୟ ଯୁବ ମହୋତ୍ସବ ୨୦୨୫ରେ ପରିପ୍ରକାଶ କରିଛନ୍ତି। "ବିକଶିତ ଭାରତ ଯୁବ ନେତା ବିତର୍କ" ଭଳି ପ୍ରଭାବଶାଳୀ ମଞ୍ଚ ଯୁବ ଭାରତୀୟମାନଙ୍କୁ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ଦିଗରେ ସେମାନଙ୍କର ବିଚାର ଏବଂ ଦୃଷ୍ଟିକୋଣକୁ ଯୋଗଦାନ କରିବାକୁ ପ୍ରଧାନମନ୍ତ୍ରୀ ଯୁବ ବର୍ଗଙ୍କୁ ଆହ୍ୱାନ କରିଛନ୍ତି। ରାଷ୍ଟ୍ରର ବିକାଶ ଦିଗରେ ନବାଗତ ମତଦାତାଙ୍କୁ ରାଜନୈତିକ କ୍ଷେତ୍ରରେ ଅଗ୍ରସର ନିମନ୍ତେ ଉପଯୁକ୍ତ ପଦକ୍ଷେପ ନେବା ସହ ସେମାନଙ୍କର ପରିକଳ୍ପନା ଓ ଦର୍ଶନ ତତ୍ତ୍ୱ ଉପରେ ଗୁରୁତ୍ୱ ଦିଆଗଲେ ଜାତୀୟ ମତଦାତା ଦିବସର ଅନୁଚିନ୍ତା ସଫଳ ହୋଇପାରିବ। ଏକ ଗଣତାନ୍ତ୍ରିକ ରାଷ୍ଟ୍ର ନିର୍ଭର କରେ ଦେଶର ଭୋଟର ମାନଙ୍କ ଉପରେ।ଗଣତନ୍ତ୍ର ରାଷ୍ଟ୍ରର ରାଜା ହେଉଛନ୍ତି ଜନତା, ସେଥିପାଇଁ ଜନତାଙ୍କୁ ଜନାର୍ଦ୍ଦନ ବୋଲି କୁହାଯାଏ। ଯଦି ଜନତା ସଚେତନ ହୋଇ ଉଚିତ୍ ଜନନାୟକଙ୍କୁ ଚୟନ କରିପାରିବେ ତେବେ ଏକ ରାଷ୍ଟ୍ର ସୁଶାସକଙ୍କ ହାତରେ ପରିଚାଳିତ ହୋଇପାରିବ। ସେଥିପାଇଁ ଜଣେ ସୁଶାସକଙ୍କୁ ନିର୍ଣ୍ଣୟ କରିବା ପାଇଁ ପ୍ରତିଟି ଭୋଟର୍ ବା ମତଦାତା ସଚେତନ ହେବା ନିହାତି ଆବଶ୍ୟକ। ସମସ୍ତ ନାଗରିକ ନିଜର ମୂଲ୍ୟବାନ ଭୋଟ ଖଣ୍ଡିକ ଉତମ ପ୍ରାର୍ଥୀ ଚୟନ କରି ରାଷ୍ଟ୍ର ନିର୍ମାଣରେ ସହଭାଗିତା ହେବା ପାଇଁ ନିର୍ବାଚନ ଆୟୁକ୍ତଙ୍କ ନିବେଦନ।


**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ**
**ମୋବାଇଲ୍: ୯୪୩୭୯୫୫୫୬୮**


# ସମକାଳୀନ ରାଜନୀତି ଓ ସାଧୁ ସନ୍ଥ



**ଗୋପାଳ ମହାପାତ୍ର**

ଆଜିକାଲି ପ୍ରିଣ୍ଟ ଏବଂ ଟିଭି ମିଡିଆରେ ସାଧୁ, ସନ୍ଥ ଏବଂ ଯୋଗୀମାନେ ଭାରତର ରାଜନୀତି ଉପରେ ଚର୍ଚ୍ଚା କରୁଛନ୍ତି। ପ୍ରିଣ୍ଟ ମିଡିଆରେ ବିବୃତି ଦେଉଛନ୍ତି ଓ ଟିଭିରେ ବଡ଼ ବଡ଼ କଥା ମଧ କହୁଛନ୍ତି। ଭାରତର ସମ୍ବିଧାନ ଅନୁସାରେ ସାଧୁ, ସନ୍ଥ ଓ ଯୋଗୀ ମାନେ ନିର୍ବାଚନୀ ରାଜନୀତି କରିପାରିବେ। ନିର୍ବାଚନ ଲଢ଼ିବା ନାଗରିକ ମାନଙ୍କ ଅଧିକାର। ସମାଜର ଏହି ସମ୍ମାନୀତ ଶ୍ରେଣୀର ବ୍ୟକ୍ତି ମାନେ ନିର୍ବାଚନର ରାଜନୀତି କରିବା ପାଇଁ ସେମାନଙ୍କୁ ସାମ୍ବିଧାନିକ ଅଧିକାର ମିଳିଛି। ଏଣୁ ଏମାନେ କାହିଁକି ରାଜନୀତି କରୁଛନ୍ତି ବୋଲି ପ୍ରଶ୍ନ ଉଠାଇବା ଠିକ୍ ନୁହେଁ। କିନ୍ତୁ ପ୍ରଶ୍ନ ଉଠିପାରେ ଯେ କ'ଣ ଏଇ ସମ୍ମାନୀତ ଶ୍ରେଣୀର ବୋଲି କୁହାଯାଉଥିବା ବ୍ୟକ୍ତିବିଶେଷ ଯେଉଁମାନେ ରାଜନୀତି କରୁଛନ୍ତି ସେମାନଙ୍କ ଆଚରଣ, ବ୍ୟବହାର ସାଧୁ-ସନ୍ଥ-ଯୋଗୀ ମାନଙ୍କର ଶାସ୍ତ୍ରୋକ୍ତ ଗୁଣ- ବ୍ୟବହାର - ଦୃଷ୍ଟି (ଭିଜନ)ର ଅନୁ•ପ କି? ଏକଥା ମଧ ଶୁଣାଯାଏ ଯେ ଧର୍ମ ବିନା ରାଜନୀତି କରାଯାଇ ପାରିବ ନାହିଁ। ଜଣେ ସାଧାରଣ ଲୋକର ଦୃଷ୍ଟିରେ ଏଇ ଚର୍ଚ୍ଚା - ପରିଚର୍ଚ୍ଚାକୁ ଆମେ ବୁଝିବାକୁ ପ୍ରୟାସ କରିବା ଉଚିତ୍। ସାଧାରଣ ଭାବେ ସବୁଧର୍ମ ଯଥା – ହିନ୍ଦୁ, ଖ୍ରୀଷ୍ଟିଆନ, ଇସଲାମ, ଜୈନ, ଶିଖ, ବୌଦ୍ଧ ଧର୍ମରେ ସନ୍ଥ, ମହାତ୍ମା, ଯୋଗୀଙ୍କ କର୍ତ୍ତବ୍ୟ, ଗୁଣ ଆଦି ଉପରେ ସମ୍ବନ୍ଧିତ ଶାସ୍ତ୍ର ମାନଙ୍କରେ ଉଲ୍ଲେଖ ରହିଛି। ଦୈନିକ ଜୀବନରେ ମଧ ପ୍ରତ୍ୟେକ୍ଷ ଋପରେ ଶାସ୍ତ୍ରୋକ୍ତ କଥା ମଧ ଦେଖାଯିବା କଥା। ହିନ୍ଦୁ ଧର୍ମରେ ସମାଜର ଏଇ ସମ୍ମାନୀତ ଶ୍ରେଣୀର ଲୋକଙ୍କୁ ସାଧୁ, ସନ୍ଥ, ଯୋଗୀ ଆଦି ନାମ ଦିଆଯାଇଥାଏ। ଇସଲାମ ଧର୍ମରେ ଏଭଳି ଲୋକଙ୍କୁ ପୀର, ଓଲିଆ, ଦରବେଶ ଆଦି କୁହାଯାଏ ଓ ଖ୍ରୀଷ୍ଟ ଧର୍ମରେ ଏଭଳି ଲୋକଙ୍କୁ ମୁଖ୍ୟତଃ ସନ୍ଥର ନାମ ଦିଆଯାଇଥାଏ।

ହିନ୍ଦୁ ଧର୍ମରେ ସାଧୁ, ସନ୍ଥ ଓ ଯୋଗୀ ତିନି ଭିନ୍ନ ଭିନ୍ନ ଶ୍ରେଣୀର ବ୍ୟକ୍ତି ଅଛନ୍ତି। ସାଧୁଙ୍କ ପରିଚୟ- ସବୁ ମଣିଷଙ୍କ ପ୍ରତି ସାଧୁଙ୍କ ବ୍ୟବହାରରେ ଶାନ୍ତି ଓ ସମତା, ନମ୍ରତା, ସଦ୍‌ବ୍ୟବହାର ଦେଖାଯାଇଥାଏ। ସାଧୁଙ୍କ ଆଚରଣ- ବ୍ୟବହାର- ବାର୍ତ୍ତାଳାପ ସତ୍ୟ ଉପରେ ଆଧାରିତ ହେବା ଉଚିତ୍। ସାଧୁମାନଙ୍କ ମଧରେ ସହନଶୀଳତା, ଜୀବମାତ୍ର ପ୍ରତି ଦୟା ରହିଥାଏ। ସାଧୁଙ୍କର କେହି ଶତ୍ରୁ ନଥାନ୍ତି। ସେମାନେ ତାଙ୍କ ନିଜ ଶରୀର ଉପରେ ଓ ମନ ଉପରେ ସଂପୂର୍ଣ୍ଣ ନିୟନ୍ତ୍ରଣ ରଖିପାରିଥାନ୍ତି। ସଚ୍ଚା ସାଧୁଙ୍କ ମୁହଁରୁ ଅନ୍ୟ ଧର୍ମ, ବ୍ୟକ୍ତିଙ୍କ ପାଇଁ ନିନ୍ଦା ବା ଅପଶବ୍ଦ ବାହାରି ନଥାଏ। କଥାବାର୍ତ୍ତା ବା ଭାଷାରେ ସାଧାରଣ ଲୋକେ ସାଧୁଙ୍କ ବ୍ୟବହାର- ଆଚରଣରେ ଏଭଳି କଥା ଦେଖିବାକୁ ଚାହିଁଥାନ୍ତି। ସେମାନଙ୍କ ମନରେ ମୋହ, ମାୟାର, ବିକାର ଉତ୍ପନ୍ନ ହୋଇନଥାଏ। ଅଧିକ ସରଳତାରେ ସାଧୁଙ୍କ ପ୍ରସିଦ୍ଧି ହେଉଛି ସେମାନେ ସମ, ସଦ୍‌ବ୍ୟବହାରୀ ଓ ଜ୍ଞାନୀ ହୋଇଥାନ୍ତି। କିନ୍ତୁ ଏଭଳି ସାଧୁ ଦୁର୍ଲଭ। ଏମାନେ କେବଳ ସମାଜକୁ ଜ୍ଞାନ ବାଣ୍ଟିଥାନ୍ତି, ରାଜନୀତି ନୁହେଁ। କୁହାଯାଏ – "ଜାତ ନ ପୁଛୋ। ସାଧୁକି ପୁଛ ଲିଜିଏ ଜ୍ଞାନ, ମୋଲ କରେ ତଲବାର କା ଆଦିରହଣ ଦୋ ମ୍ୟାନ" - ଅର୍ଥାତ୍ ସାଧୁଙ୍କୁ ଜାତି ପଚାରିବା ଅନାବଶ୍ୟକ କାରଣ ତାଙ୍କ ଜାତି ହେଉଛି ଜ୍ଞାନ- କେଉଁ ପରିବାର, ଧର୍ମ, ଜାତିରେ ସେ ଜନ୍ମଗ୍ରହଣ କରିଛନ୍ତି ତାହା ସମତ୍ୱହୀନ ଅଟେ।" ସନ୍ଥ ହେବା ପାଇଁ ସେହିମାନଙ୍କର ଯୋଗ୍ୟତା ରହିଛି ଯେଉଁମାନେ ସତ୍ୟବାଦୀ ଓ ଆତ୍ମଜ୍ଞାନୀ। ଏହି ଗୁଣ



ସନ୍ଥଙ୍କ ବ୍ୟବହାର, ଆଚରଣରେ ଦେଖାଯାଇଥାଏ। ଅନେକ ପ୍ରସିଦ୍ଧ ଗୃହସ୍ଥ ମଧ ସନ୍ଥ ହୋଇପାରିଛନ୍ତି। ସେମାନଙ୍କ ମଧରୁ କବୀରଦାସ ଅନ୍ୟତମ। କବୀରଦାସଙ୍କ ଭଳି ଅନେକ ମଧ ଅଛନ୍ତି। ସନ୍ଥ ଶବ୍ଦରେ ସାଧୁ, ସନ୍ୟାସୀ ଓ ତ୍ୟାଗୀ ସାମିଲ ଅଛନ୍ତି।

ଜଣେ ସଚ୍ଚା ଯୋଗୀ ତାଙ୍କର ଜ୍ଞାନକୁ ଠିକଭାବରେ ଜନହିତରେ ସଦୁପଯୋଗ କରିଥାନ୍ତି। ଏମାନେ ନିଜ ଶରୀରକୁ ଈଶ୍ୱରୀୟ କାର୍ଯ୍ୟ ପୁରଣ କରିବାର ସାଧନ ବୋଲି ମାନିଥାନ୍ତି। ମନ ଏବଂ ଇନ୍ଦ୍ରିୟ ଉପରେ ସେମାନଙ୍କର ପୁର୍ଣ୍ଣ ନିୟନ୍ତ୍ରଣ ଥାଏ, ସେମାନଙ୍କର କୌଣସି ଅଭିମାନ ନଥାଏ। ଯୋଗୀ ଅପରିଗ୍ରହୀ ହୋଇଥାନ୍ତି ଅର୍ଥାତ୍ ଏମାନେ ଅନାବଶ୍ୟକ ଧନଦୌଲତ- ସାଧନର ସଂଗ୍ରହଣ କରିଥାନ୍ତି। ଯୋଗୀ ମାନଙ୍କର ଏକ ପ୍ରମୁଖ ଲକ୍ଷଣ ହେଉଛି "ଆତ୍ମବତ୍ ସର୍ବଭୁତେସୁ" ଅର୍ଥାତ୍ ସର୍ବତ୍ର ଏବଂ ସମସ୍ତଙ୍କ ମଧରେ ଈଶ୍ୱରୀୟ ସତ୍ତାକୁ ସେମାନେ ଦେଖିଥାନ୍ତି। ଯୋଗୀ ମାନଙ୍କର ଅହଂକାର ନଥାଏ ଓ ଏମାନେ ନିଜର ମାନବୀୟ ମୂଲ୍ୟକୁ ନିସଙ୍କୋଚରେ ସ୍ୱୀକାର କରିଥାନ୍ତି। ସମ-ବିଷମ ସବୁ ପରିସ୍ଥିତିକୁ ସମାନ ଭାବରେ ଦେଖିଥାନ୍ତି। ଯୋଗୀଙ୍କ ବ୍ୟବହାର - ଆଚରଣ- ବାଣୀ- କର୍ମରେ ସର୍ବତ୍ର- ସଦୈବ ପରହିତର ଭାବନା ଥାଏ। ସାମାଜିକ ଓ ଧାର୍ମିକ ଦୃଷ୍ଟିରେ ଏଭଳି ଅତି ମର୍ଯ୍ୟଦାପୂର୍ଣ୍ଣ ପଦବୀର ଧାରକ ରାଜନୀତିରେ ସେମାନଙ୍କ ଆଚରଣ ଏବଂ ଗୁଣକୁ ପଦବୀର ଅନୁରୂପ ରଖି ପାରିଛନ୍ତି ନା ନାହିଁ ସେ କଥା ଦେଖିବା ଦରକାର। ଏକଥା ମଧ ଜାଣିବା ଦରକାର ଯେ ରାଜନୀତିକୁ ଆସିବାପରେ ଏମାନେ କ'ଣ ଠିକ୍ ଅର୍ଥରେ ଏହି ପଦବୀର ପାତ୍ର ନା ନାହିଁ? ପ୍ରାୟତଃ ଦେଖାଯାଇଥାଏ ଯେ ଏହି ଶ୍ରେଣୀର କିଛି ରାଜନୈତିଙ୍କ ଅତ୍ୟନ୍ତ ଦ୍ୱେଷପୁର୍ଣ୍ଣ ଓ ମନୁଷ୍ୟଙ୍କ ମଧରେ ଭେଦଭାବ କରିବା ଭଳି ଭାଷା ପ୍ରୟୋଗ କରୁଛନ୍ତି। ଏଣୁ ଏମାନେ ସନ୍ଥ, ସାଧୁ ବା ଯୋଗୀ ଭଳି ଗରିମାମୟ ପଦବୀକୁ କେମିତି ଧାରଣ କରିପାରିବେ? ଏମାନେ ସନ୍ଥ, ସାଧୁ ଓ ଯୋଗୀ ପଦବାଚ୍ୟ କି? ସାଧାରଣତଃ ଦେଖାଯାଇଥାଏ ଯେ ଅନେକ ବ୍ୟକ୍ତି ସାଧୁ, ସାଧ୍ୱୀ, ସନ୍ଥ, ଯୋଗୀ ଭଳି ଅତ୍ୟନ୍ତ ସମ୍ମାନୀତ ପଦବୀର ବ୍ୟବହାର କରି ରାଜନୀତି କରୁଛନ୍ତି କିନ୍ତୁ ସେମାନଙ୍କ ଆଚରଣ ସେମାନଙ୍କ ପଦବୀର ଅନୁରୂପ ନୁହେଁ।

ସାଧୁସନ୍ଥଙ୍କ ବ୍ୟତୀତ ରହିଛନ୍ତି କଥାବାଚକ। ଏମାନଙ୍କ ଦୁନିଆ ବଡ଼ ଅଦ୍‌ଭୁତ। ଏମାନଙ୍କ ନାମ ସହ ବଡ଼ ବଡ଼ ଧାର୍ମିକ ପଦବୀ ଯୋଡି ଦିଆଯାଇଛି। ସମାଜରେ ଓ ରାଜନୀତିରେ ମଧ ଏମାନଙ୍କର ପ୍ରଭାବ ରହିଛି। ଆଜିକାଲି ଏମାନେ ଆକ୍ରୋଷିତ ଭାଷାରେ ରାତିଦିନ ସେମାନଙ୍କର ବକ୍ତବ୍ୟ ଦେବାରେ ଲାଗିଛନ୍ତି। କେହି ଏମିତି ନିସ୍ୱାର୍ଥ ଭାବରେ ବା ବିନା ଅର୍ଥରେ କରୁଛନ୍ତି ଓ ଅନେକ ମଧ କଥାବାଚନ ପାଇଁ ଫିସ ମଧ ନେଉଛନ୍ତି। ଏମାନେ ଯେ ପରୋପକାର ପାଇଁ ଏଭଳି କରୁଛନ୍ତି ସେକଥା କୁହାଯାଇ ପାରିବ ନାହିଁ। ଅନେକ ଲୋକ ସେମାନଙ୍କ ବ୍ୟବସାୟ, ଦୋକାନ ଏବଂ ଉତ୍ପାଦକୁ ଦେବୀ-ଦେବତା, ଭଗବାନଙ୍କ ଅବତାର ନାମରେ ନାମିତ କରୁଛନ୍ତି, ଏହା କ'ଣ ଉଚିତ୍ କି? ସାର୍ବଜନିକ ସ୍ଥଳ ଓ ଭୂମିରେ ମନ୍ଦିର ମସଜିଦ ନିର୍ମାଣ କରାଯାଉଛି। ଏହାଦ୍ୱାରା ସାଧାରଣ ଲୋକଙ୍କ ମନରେ ଧର୍ମକୁ ନେଇ ପ୍ରଭାବ ପଡୁଛି, ହିନ୍ଦୁ ଓ ମୁସଲିମ୍ ଧର୍ମର କଥାବାଚକ ମାନଙ୍କର ଲୋକଙ୍କ ଉପରେ ପ୍ରଭାବ ରହିଛି, ଏମାନେ ତାଙ୍କ ଅନୁଗାମୀ/ଭକ୍ତ ମାନଙ୍କୁ ସତ୍‌ମାର୍ଗ ଦେଖାଇବା ଉଚିତ୍। ଏବେମ ଧର୍ମ ଧର୍ମ ମଧରେ ବିଦ୍ୱେଷଭାବେ ଅଧିକ ହେବାରେ ଲାଗିଛି। ସବୁ ଧର୍ମର ସମ୍ମାନୀୟ ମାନେ ଧାର୍ମିକ ବିଦ୍ୱେଷକୁ ଦୂର କରିବା ଦିଗରେ ପ୍ରଚେଷ୍ଟା କରିବା ପରିବର୍ତ୍ତେ ବିଦ୍ୱେଷକୁ ବହୁଗୁଣିତ କରିବା ପାଇଁ ଚେଷ୍ଟା କରୁଛନ୍ତି ଯାହା ମାନବ ସମାଜ ପାଇଁ ଚିନ୍ତାଜନ ପରିସ୍ଥିତି ସୃଷ୍ଟି କରିବାରେ ଲାଗିଛି। ଏହା ଦୂର ହେବା ସର୍ବାଦୌ ଆବଶ୍ୟକ ଅନ୍ୟଥା।


**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**


# ବ୍ୟାଙ୍କିଙ୍ଗ୍‌ରେ ସାଇବର ସୁରକ୍ଷା



**ଡକ୍ଟର ତପନ କୁମାର ପାଳ**

ବର୍ତ୍ତମାନ ବ୍ୟାଙ୍କିଂ କ୍ଷେତ୍ରରେ ସାଇବର ସିକ୍ୟୁରିଟିର ଆବଶ୍ୟକତା ବହୁତ ବେଶି। କାରଣ ଏବେ ଲୋକମାନେ ସମୟ ଅଭାବରୁ ଅନଲାଇନ ମାଧମରେ ବ୍ୟାଙ୍କ କାରବାର କରୁଛନ୍ତି। ଆଉ ସାଇବର ଠକେଇ ବି ବଢ଼ିଯାଇଛି। ଏଥିପାଇଁ ସାଇବର ସିକ୍ୟୁରିଟି ବିଷୟରେ ଜାଣିବା ଜଣେ ଖାତାଧାରକ ଲାଗି ଜରୁରୀ ହୋଇପଡ଼ିଛି। ସର୍ବପ୍ରଥମେ ଆସନ୍ତୁ ଜାଣିବା ବ୍ୟାଙ୍କିଂ ସାଇବର ସୁରକ୍ଷା କ'ଣ : ସଫ୍ଟୱୟାର ପରିଚାଳିତ ବିଭିନ୍ନ ତନଖି ବ୍ୟବସ୍ଥା ଦ୍ୱାରା ବ୍ୟାଙ୍କ ତାର ଗ୍ରାହକଙ୍କ ଖାତା ଓ କାରବାରକୁ ସୁରକ୍ଷିତ କରିଥାଏ। ପ୍ରତି ଆର୍ଥିକ ପ୍ରତିଷ୍ଠାନ ସେମାନଙ୍କ ଗ୍ରାହକଙ୍କୁ ସାଇବର ଠକେଇରୁ ରକ୍ଷା କରିବା ଲାଗ ଏହି ବ୍ୟବସ୍ଥା ଗ୍ରହଣ କରୁଛନ୍ତି। ଖାତାଧାରକଙ୍କ ଜରୁରୀ ତଥ୍ୟ, କାରବାର ଓ ବ୍ୟକ୍ତିଗତ ସୂଚନାକୁ ସୁରକ୍ଷିତ ରଖିବା ଏହାର ମୂଳ ଲକ୍ଷ୍ୟ। ବର୍ତ୍ତମାନ ସମୟରେ ସାଇବର ସୁରକ୍ଷା କାହିଁକି ଜରୁରୀ : ବ୍ୟାଙ୍କ ଗ୍ରାହକଙ୍କ ବ୍ୟକ୍ତିଗତ ପରିଚୟ ବିବରଣୀ ଓ ଆର୍ଥିକ ସୂଚନା ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରଖିଥାଏ। ସାଇବର ସିକ୍ୟୁରିଟି ନରହିଲେ ବ୍ୟକ୍ତିଗତ ତଥ୍ୟ ଚୋରି ହୋଇପାରେ ଏବଂ ଏହା ସହିତ ଆର୍ଥିକ କ୍ଷତି ମଧ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ ଭାବେ ବିଶ୍ୱାସ ବଜାୟ ରଖନ୍ତୁ : ସାଇବର ସୁରକ୍ଷା ବ୍ୟବସ୍ଥା ଦ୍ୱାରା ବ୍ୟାଙ୍କ ସେମାନଙ୍କର ଟଙ୍କା ଓ ବ୍ୟକ୍ତିଗତ ସୂଚନାକୁ ସୁରକ୍ଷା ଦେଇପାରିବ ବୋଲି ଗ୍ରାହକମାନେ ଆସ୍ଥା ରଖନ୍ତି। ସାମଗ୍ରିକ ଓ ସମସ୍ତ ନିୟାମକ ଅନୁପାଳନ : ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ତଥ୍ୟ ସୁରକ୍ଷା ସମ୍ବନ୍ଧରେ କଠୋର ନିୟମ ମାନିବା ଆବଶ୍ୟକ। ଏଥିରେ ବିଫଳ ହେଲେ ପ୍ରତିଷ୍ଠାନ ଗୁଡ଼ିକ କଠୋର ଦଣ୍ଡର ସମ୍ମୁଖୀନ ହେବା ସହିତ ସେମାନେ ପ୍ରତିଷ୍ଠା ହରାଇପାରନ୍ତି। ଆର୍ଥିକ କ୍ଷତି ରୋକିବା : ସାଇବର ଆକ୍ରମଣ ଦ୍ୱାରା ବ୍ୟାଙ୍କ ଓ ଖାତାଧାରକଙ୍କ ପାଇଁ ସିଧାସଳଖ ଆର୍ଥିକ କ୍ଷତି ହୋଇପାରେ। ପ୍ରଭାବଶାଳୀ ସାଇବର ସୁରକ୍ଷା ଏହି ବିପଦକୁ କମ କରିଥାଏ।

ସାଇବର ଠକେଇରୁ କିପରି ବର୍ତ୍ତିବେ : ଶକ୍ତିଶାଳୀ ପାସୱାର୍ଡ଼ - ଅକ୍ଷର, ସଂଖ୍ୟା ଓ ଚିହ୍ନ ବ୍ୟବହାର କରି ଜଟିଳ ପାସୱାର୍ଡ଼ ତିଆରି କରନ୍ତୁ। ଜନ୍ମଦିନ କିମ୍ବା ସାଧାରଣ ଶବ୍ଦ ପରି ସହଜରେ ଅନୁମାନଯୋଗ୍ୟ ତଥ୍ୟ ବ୍ୟବହାର କରି ପାସୱାର୍ଡ଼ ଗଠନରୁ ଦୂରେଇ ରୁହନ୍ତୁ। ମଲ୍ଟି-ଫ୍ୟାକ୍ଟର ଅଥେଣ୍ଟିକେସନ : ଏମଏଫଏ ଆପଣଙ୍କ ପାସୱାର୍ଡ଼ ବ୍ୟତୀତ ଭେରିଫିକେସନ ଅନ୍ୟ ଦିଗ ମଧ ଯାଞ୍ଚ କରିଥାଏ। ଏହାଦ୍ୱାରା ହ୍ୟାକିଂର ଆଶଙ୍କା କମିଯାଏ। ସୂଚନା ପ୍ରଦାନରେ ସତର୍କତା : ବ୍ୟକ୍ତିଗତ ସୂଚନା ମାଗୁଥିବା ଅବାଞ୍ଛିତ ଇମେଲ, ଫୋନ କଲ କିମ୍ବା ବାର୍ତ୍ତା ପ୍ରତି ସତର୍କ ରହନ୍ତୁ। କୌଣସି ବିବରଣୀ ପ୍ରଦାନ କରିବା ପୂର୍ବରୁ ସର୍ବଦା ତାହାର ଉତ୍ସ ଯାଞ୍ଚ କରନ୍ତୁ। ନିୟମିତ ସଫ୍ଟୱେୟାର ଅପଡେଟ : ଠକେଇରୁ ରକ୍ଷା ପାଇବା ପାଇଁ ଆପଣଙ୍କ କମ୍ପ୍ୟୁଟର ଓ ଫୋନର ଅପରେଟିଂ ସିଷ୍ଟମ, ବ୍ରାଉଜର ଓ ବ୍ୟାଙ୍କିଂ ଆପକୁ ନିୟମିତ ଅପଡେଟ କରନ୍ତୁ। ନିୟମିତ ଆକାଉଣ୍ଟ ଯାଞ୍ଚ : କୌଣସି ଅନଧିକୃତ କାରବାର ସମ୍ପର୍କରେ ଜାଣିବା ଲାଗି ନିୟମିତ ଭାବେ ବ୍ୟାଙ୍କ ଷ୍ଟେଟମେଣ୍ଟ ଓ ଆକାଉଣ୍ଟ କାର୍ଯ୍ୟଳାପକୁ ଯାଞ୍ଚ କରନ୍ତୁ। ଡିଭାଇସ ସୁରକ୍ଷା : ଆପଣଙ୍କ ଡିଭାଇସକୁ ମାଲୱେରରୁ ରକ୍ଷା କରିବା ପାଇଁ ଆଣ୍ଟିଭାଇରସ ସଫ୍ଟୱେୟାର ଓ ଫାୟାରୱାଲ ବ୍ୟବହାର କରନ୍ତୁ। ବ୍ୟାଙ୍କିଂ କାରବାର ପାଇଁ ସର୍ବସାଧାରଣ ୱାଇ-ଫାଇ ବ୍ୟବହାର କରନ୍ତୁ ନାହିଁ।

ଏସବୁ ଛଡ଼ା ସାଧାରଣ ସାଇବର ବିପଦକୁ କିପରି ଚିହ୍ନିହେବ ସେ ବିଷୟରେ ସର୍ବଦା ଅବଗତ ରହିବା ଜରୁରୀ। ଗ୍ରାହକମାନଙ୍କୁ ଅନଲାଇନ କାରବାରରେ ସଚେତନ ରହିବାକୁ ଅନେକ ବ୍ୟାଙ୍କ ତାଲିମ ଦେଇଥାନ୍ତି। ତଥାପି ହ୍ୟାକରମାନେ ଲୋକମାନଙ୍କୁ ଠକିବାର ନୂଆ ନୂଆ କୌଶଳ ଆପଣାନ୍ତି। ସେ ସବୁକୁ ପ୍ରତିହତ କରିବା ପାଇଁ ନିଜର ଗୁରୁତ୍ୱପୂର୍ଣ୍ଣ ତଥ୍ୟ କାହାକୁ ଜଣାଇବା ଅନୁଚିତ। ନିଜେ ସଚେତନ ରହିଲେ ହିଁ ଏପରି ବିପଦକୁ ଏଡ଼ାଇ ପାରିବେ। ବର୍ତ୍ତମାନ ସମୟରେ ଦିନକୁ ଦିନ ବ୍ୟାଙ୍କିଂ ସେବା ପ୍ରଭାବି ଓ ଟେକ୍ନୋଲୋଜିକୁ ଦେଖି ଅତ୍ୟାଧୁନିକ ବ୍ୟବସ୍ଥା ମାଧମରେ ପରିଚାଳିତ ହେଉଛି। ଆପଣଙ୍କର ବ୍ୟାଙ୍କିଂ ସମ୍ବନ୍ଧୀୟ କୌଣସି ତଥ୍ୟ ଅଜଣା ବ୍ୟକ୍ତିଙ୍କୁ ଦିଅନ୍ତୁ ନାହିଁ। ବ୍ୟାଙ୍କିଂ ଓ ଆର୍ଥିକ କାରବାର ପ୍ରସଙ୍ଗରେ କୌଣସି ସମସ୍ୟା ଦେଖାଯିବା ମାତ୍ରେ ଆପଣ ତୁରନ୍ତ ନିକଟସ୍ଥ ବ୍ୟାଙ୍କ କିମ୍ବା ଆପଣଙ୍କ ପାସବୁକ ରହିଥିବା ଶାଖା ସହ ଯୋଗାଯୋଗ ରଖନ୍ତୁ। ଆପଣଙ୍କର ସତର୍କତା ଓ ସଚେତନତା କେବଳ ଆପଣଙ୍କର ନୁହେଁ ବ୍ୟାଙ୍କ ସହିତ ଆମ ଜାତୀୟ ଅର୍ଥନୀତିର ଏକ ସୁରକ୍ଷିତ ଦିଗ ପ୍ରତି ଆପଣ ଯେ ଯତ୍ନବାନ ଏହା ମଧ ପ୍ରମାଣିତ ହୋଇପାରିବ।


**ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ତୁଳସୀପୁର, କଟକ,**
**ମୋବାଇଲ୍: ୯୯୩୭୬୫୮୩୬୨**

# ପୁନର୍ବାର ଆରମ୍ଭ ହେବ କୈଳାସ ମାନସରୋବର ଯାତ୍ରା



**ବେଜିଂ, ୨୮।୧:** ଚାଇନା ଭାରତ ସହିତ ଏହାର ସମ୍ପର୍କ ସୁଧାରିବାକୁ ଏବଂ ଶାନ୍ତି ପ୍ରତିଷ୍ଠା କରିବାକୁ ଆଉ ଗୋଟିଏ ପାଦ ବଢେଇଛି। ଭାରତର ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ କୈଳାସ ମାନସରୋବର ଯାତ୍ରା ପୁନର୍ବାର ଆରମ୍ଭ ହେବ। ଗୋଟିଏ ପଟେ ପ୍ରୟାଗରାଜରେ ମହାକୁମ୍ଭ ୨୦୨୫ ଚାଲିଥିବା ବେଳେ ଅନ୍ୟପଟେ ଭକ୍ତମାନଙ୍କ ପାଇଁ ଆଉ ଏକ ଖୁସି ଖବର, ୨୭ ଜାନୁଆରୀ, ୨୦୨୫ ସୋମବାର ବୈଦେଶିକ ମନ୍ତ୍ରଣାଳୟ ଏହି ସୂଚନା ଦେଇଛି। ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଭାରତ ଏବଂ ଚୀନ୍ ମଧ୍ୟରେ ବୈଦେଶିକ ସଚିବ-ଉପବୈଦେଶିକ ମନ୍ତ୍ରୀ ବୈଠକ ପାଇଁ ବୈଦେଶିକ ସଚିବ ବିକ୍ରମ ମିଶ୍ରୀ ଜାନୁଆରୀ ୨୬-୨୭ରେ ବେଜିଂ ଗସ୍ତ କରିଥିଲେ। ଏହି ସମୟ ମଧ୍ୟରେ ଉଭୟ ଦଳ କୈଳାସ ମାନସରୋବର ଯାତ୍ରା ପୁଣି ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଦୁଇ ଦେଶ ମଧ୍ୟରେ ସିଧାସଳଖ ବିମାନ ସେବା ପୁଣିଥରେ ଆରମ୍ଭ କରିବାକୁ ସହମତି ପ୍ରକାଶ ପାଇଛି। ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ଭାରତ ଏବଂ ଚାଇନା ଲୋକଙ୍କ ମଧ୍ୟରେ ସମ୍ପର୍କକୁ ଆହୁରି ପ୍ରୋତ୍ସାହିତ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ରାଜି ହୋଇଛନ୍ତି।

୨୦୨୫ ଗ୍ରୀଷ୍ମ ଋତୁରେ କୈଳାସ ମାନସରୋବର ଯାତ୍ରା ପୁନର୍ବାର ଆରମ୍ଭ ହେବ। ଜୁନ୍ ୨୦୨୦ରେ ଗାଲୱାନରେ ହୋଇଥିବା ହିଂସାତ୍ମକ ସଂଘର୍ଷ ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଖରାପ ହୋଇଯାଇଥିଲା। ଡୋକଲାମରେ ବିବାଦ ପରେ ଏହି ଗସ୍ତକୁ ବନ୍ଦ କରାଯାଇଥିଲା। କୈଳାସ ମାନସରୋବର ଯାତ୍ରା ବନ୍ଦ ହେବା ପରେ, ଉତ୍ତରାଖଣ୍ଡର ବ୍ୟାସ ଉପତ୍ୟକାରୁ ଶ୍ରଦ୍ଧାଳୁମାନେ କୈଳାସ ପର୍ବତକୁ ଯାଉଥିଲେ। ବୈଦେଶିକ ମନ୍ତ୍ରଣାଳୟ କହିଛି, "ଅକ୍ଟୋବରରେ କାଜାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ମଧ୍ୟରେ ହୋଇଥିବା ବୈଠକରେ ସହମତି ଅନୁଯାୟୀ, ଉଭୟ ପକ୍ଷ ଭାରତ-ଚୀନ୍ ଦ୍ୱିପାକ୍ଷିକ ସମ୍ପର୍କର ସ୍ଥିତି ସମୀକ୍ଷା କରିଥିଲେ ଏବଂ ସମ୍ପର୍କକୁ ସ୍ଥିର ଏବଂ ସୁଦୃଢ଼ କରିବା ପାଇଁ ଉପାୟଗୁଡ଼ିକ ଉପରେ ଆଲୋଚନା କରିଥିଲେ।" "ସମ୍ପର୍କ ପୁନଃସ୍ଥାପିତ କରିବା ପାଇଁ ଦୁଇ ପକ୍ଷ ଲୋକ-କୈନ୍ଦ୍ରିକ ପଦକ୍ଷେପ ନେବାକୁ ସହମତ ହୋଇଛି।" ମନ୍ତ୍ରଣାଳୟ ଆହୁରି କହିଛି, "ଏହି ପରିପ୍ରେକ୍ଷୀରେ ଉଭୟ ପକ୍ଷ ୨୦୨୫ ଗ୍ରୀଷ୍ମ ଋତୁରେ କୈଳାସ ମାନସରୋବର ଯାତ୍ରା ପୁନଃ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି।" ଚୀନ୍ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ୱାଙ୍ଗ୍ କହିଛନ୍ତି, ଉଭୟ ପକ୍ଷ ଏହି ସୁଯୋଗର ଫାଇଦା ଉଠାଇବା, ପରସ୍ପରକୁ ଭେଟିବା, ଅଧିକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବା ଏବଂ ପାରସ୍ପରିକ ବୁଝାମଣା, ପାରସ୍ପରିକ ସମର୍ଥନ ଓ ପାରସ୍ପରିକ ସଫଳତା ପାଇଁ ପ୍ରତିଶ୍ରୁତିବଦ୍ଧ ହେବା ଉଚିତ।

ସୁଚନା ଅନୁଯାୟୀ ଭାରତ ଏବଂ ଚୀନ୍ ମଧ୍ୟରେ ବୈଠକ ପାଇଁ ବୈଦେଶିକ ସଚିବ ବିକ୍ରମ ମିଶ୍ରୀ ଦୁଇ ଦିନିଆ ବେଜିଂ ଗସ୍ତରେ ଯାଇଥିଲେ। ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ବେଜିଂରେ ଭାରତୀୟ ବୈଦେଶିକ ସଚିବ ବିକ୍ରମ ମିଶ୍ରଙ୍କ ସହ ସାକ୍ଷାତ ସମୟରେ ଗୁରୁତ୍ୱାରୋପ କରିଥିଲେ ଯେ ଚୀନ୍-ଭାରତ ସମ୍ପର୍କରେ ଉନ୍ନତିର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ତାଙ୍କ ମତରେ ଗତ ବର୍ଷ କାଜାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସାକ୍ଷାତ ପରଠାରୁ ସମସ୍ତ ସ୍ତରରେ ସକାରାତ୍ମକ ଆଲୋଚନା ହୋଇଛି। ବୈଠକ ପରେ ଚୀନ୍ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ 'ଦୁଇ ଦେଶର ନେତାଙ୍କ ମଧ୍ୟରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ସହମତିକୁ ଉଭୟ ପକ୍ଷ ଆନ୍ତରିକ ଭାବରେ କାର୍ଯ୍ୟକାରୀ କରିଛନ୍ତି।



## ଧାର୍ମିକ ସମାରୋହରେ ଅଘଟଣ, ୬ ମୃତ, ୫୦ରୁ ଅଧିକ ଆହତ

**ବାଗପତ (ୟୁପି) ୨୮।୧:** ଉତ୍ତର ପ୍ରଦେଶର ବାଗପତରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ଏକ ଧାର୍ମିକ ସମାରୋହରେ ଅଘଟଣ ଘଟି ପ୍ରାୟ ୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଧାର୍ମିକ ସମାରୋହରେ ବନ୍ଧା ଯାଇଥିବା ବାଉଁଶ ଭାଡ଼ି ଖସି ପଡ଼ିବା ପରେ ଏପରି ଅଘଟଣା ଘଟିଛି। ଲୋକେ ସମାରୋହରେ ଥିବା ବେଳେ ବାଉଁଶ ନିର୍ମିତ ମଞ୍ଚଟି ସେମାନଙ୍କ ଉପରେ ଭୁଶୁଡ଼ି ପଡ଼ିଥିଲା। ପୁଲିସ ସୂଚନା ଅନୁଯାୟୀ, ଆଜି ବରୌଟରେ ଜୈନ ସମ୍ପ୍ରଦାୟ ଏକ 'ଲଡ୍ଡୁ ମହୋତ୍ସବ' ଆୟୋଜନ କରିଥିଲେ ଏବଂ ଶହ ଶହ ଲୋକ ଲଡ୍ଡୁ ପ୍ରଦାନ କରିବା ପାଇଁ ଏକ ମନ୍ଦିରରେ ପହଞ୍ଚିଥିଲେ। ଭକ୍ତମାନଙ୍କ ପାଇଁ ସେଠାରେ ଏକ ବାଉଁଶ ମଞ୍ଚ ନିର୍ମାଣ କରାଯାଇଥିଲା। ଲୋକଙ୍କ ଭାରରେ ଏହି ମଞ୍ଚଟି ଭୁଶୁଡ଼ି ପଡ଼ିଥିଲା। ବାଗପତ ପୁଲିସ ମୁଖ୍ୟ ଅର୍ପିତ ବିଜୟବର୍ଗୀୟ କହିଛନ୍ତି ଯେ ଘଟଣା ପରେ ପୁଲିସ ଏବଂ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚିବା ସହ ଆହତମାନଙ୍କୁ ଡାକ୍ତରଖାନାକୁ ନିଆଯାଇଛି। ସାମାନ୍ୟ ଆଘାତ ପାଇଥିବା ଲୋକଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ ଘରକୁ ପଠାଯାଇଥିବା ବେଳେ, ଅଧିକ ଗୁରୁତର ଆଘାତ ପାଇଥିବା ଅନ୍ୟମାନଙ୍କୁ ଚିକିତ୍ସା କରାଯାଉଛି। ଜିଲ୍ଲା ମାଜିଷ୍ଟ୍ରେଟ୍ କହିଛନ୍ତି କି ସ୍ଥାନୀୟ ଜୈନ ସମ୍ପ୍ରଦାୟ ୩୦ ବର୍ଷ ଧରି ପ୍ରତିବର୍ଷ 'ଲଡ୍ଡୁ ମହୋତ୍ସବ' ପାଳନ କରିଆସୁଛନ୍ତି।



## ପାରୋଲ୍‌ରେ ଜେଲ୍‌ରୁ ବାହାରିଲେ ଗୁରମିତ

**ନୂଆଦିଲ୍ଲୀ, ୨୮।୧:** ଦୁଷ୍କର୍ମ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ଜେଲ୍ ଦଣ୍ଡାଦେଶ ଭୋଗୁଥିବା ରାମ ରହିମଙ୍କୁ ୨୦ ଦିନର ପାରୋଲ୍ ମିଳିଛି। ଆତ୍ମଘୋଷିତ ବାବା ରାମ ରହିମ ଆଜି ସକାଳ ପ୍ରାୟ ୫.୨୬ରେ ଜେଲ୍‌ରୁ ମୁକ୍ତ ହୋଇଛନ୍ତି ବୋଲି ସୂଚନା ରହିଛି। ଅନୁମାନ କରାଯାଉଛି ଯେ ଗୁରମିତ୍ ରାମ ରହିମ ଏଥର ହରିଆଣାର ସିର୍ସାରେ ଥିବା ଡେରା ଆଶ୍ରମରେ ରହିବେ। ରିପୋର୍ଟ ଅନୁଯାୟୀ, ୨୦୧୭ ମସିହା ପରଠାରୁ ଏହାକୁ ମିଶାଇ ରାମ୍ ରହିମ ୧୨ ଥର ଜେଲ୍‌ରୁ ବାହାରି ସାରିଲେଣି। ଡେରା ସଚ୍ଚା ସୌଦା ମୁଖ୍ୟ ଗୁରମିତ୍ ରାମ ରହିମ ସିଂହଙ୍କୁ ୨୦୧୭ ମସିହାରେ ତାଙ୍କର ଦୁଇ ଶିଷ୍ୟାଙ୍କୁ ଦୁଷ୍କର୍ମ କରିଥିବା ମାମଲାରେ ଦଣ୍ଡ ଦିଆଯାଇଥିଲା। ସେ ୨୦ ବର୍ଷର ଜେଲ ଦଣ୍ଡ ଭୋଗୁଛନ୍ତି ଏବଂ ହରିଆଣାର ରୋହତକ ଜିଲ୍ଲାର ସୁନାରିଆ ଜେଲରେ ବନ୍ଦୀ ଅଛନ୍ତି।

୨୦୧୯ ମସିହାରେ, ଡେରା ମୁଖ୍ୟ ଏବଂ ଅନ୍ୟ ତିନି ଜଣଙ୍କୁ ୧୬ ବର୍ଷ ତଳେ ଜଣେ ସାମ୍ବାଦିକଙ୍କ ହତ୍ୟା କରିଥିବା ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା।

## ତ୍ରିବେଣୀ ସଙ୍ଗମରେ ସପତ୍ନୀକ ସ୍ନାନ କଲେ ଅରୁଣ ଗୋଭିଲ୍



**ପ୍ରୟାଗରାଜ, ୨୮।୧:** 'ରାମାୟଣ'ରେ ରାମ ଭୂମିକାରେ ଲୋକଙ୍କ ମନରେ ରାଜ୍ କରୁଥିବା ଅରୁଣ ଗୋଭିଲଙ୍କୁ ସମସ୍ତେ ଜାଣନ୍ତି। ୧୯୮୭ ମସିହାରେ ରାମାନନ୍ଦ ସାଗରଙ୍କ 'ରାମାୟଣ'ରେ ମୁଖ୍ୟ ଭୂମିକା ନିଭାଇ ସେ ଘରେ ଘରେ ପରିଚିତ ପାଲଟିଥିଲେ। ଦର୍ଶକଙ୍କ ମନରେ ଆଜି ବି ସେ ଭଗବାନ ରାମଙ୍କ ପରିଚୟ ନେଇ ରହିଛନ୍ତି। ସେଥିପାଇଁ ସେ ଯୁଆଡ଼େ ବି ଯାହାନ୍ତି ତାଙ୍କୁ ରାମଙ୍କ ନାମରେ ଲୋକେ ସମ୍ବୋଧନ କରନ୍ତି। ନିକଟରେ ଅରୁଣ ଗୋଭିଲ ତାଙ୍କ ପତ୍ନୀ ଓ ପରିବାର ସହ ମହାକୁମ୍ଭ ୨୦୨୫ରେ ପହଞ୍ଚିଛନ୍ତି।

## ଭାରତର ଫାଇଟର୍ ଜେଟ୍‌କୁ ନେଇ ଚିନ୍ତାରେ ଚୀନ, ଆମେରିକା



**ନୂଆଦିଲ୍ଲୀ, ୨୮।୧:** ମହାଶକ୍ତି ତାଲିକାରେ ୪ନମ୍ବରରେ ଥିବା ଭାରତ ଲଗାତାର ତାର ପ୍ରତିରକ୍ଷା କ୍ଷମତାକୁ ବଢାଇବାରେ ଲାଗିଛି। ଭାରତ ତାର ଡିଫେନ୍ସ ସିଷ୍ଟମକୁ ମଜବୁତ କରୁଛି। ଏଥିପାଇଁ ସେନାରେ ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର ସାମିଲ କରୁଛି। ସବୁଠୁ ବଡକଥା ହେଉଛି ଭାରତ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ପାଇଁ ଆଉ ଅନ୍ୟ ଉପରେ ନିର୍ଭର ହୋଇ ରହୁନାହିଁ। ସ୍ୱଦେଶୀ ଅସ୍ତ୍ରଶସ୍ତ୍ରକୁ ପ୍ରାଧାନ୍ୟ ଦେଉଛି ଭାରତ। ଏହି କ୍ରମରେ ଭାରତ ଏପରି ଏକ ଫାଇଟର୍ ଜେଟ୍ ତିଆରି କରିଛି, ଯାହାକୁ ନେଇ ଶତ୍ରୁ ରାଷ୍ଟ୍ର ପାକିସ୍ତାନ ଓ ଚୀନ୍ ଭୟଭୀତ ହୋଇଉଠିଛନ୍ତି । ଭାରତକୁ ନେଇ ଚୀନ୍ ପାକିସ୍ତାନ ତ ସବୁବେଳେ ଭୟରେ ରହିଆସିଛନ୍ତି କିନ୍ତୁ ଏବେ ଆମେରିକାରବି ଟେନସନ ବଢ଼ିଯାଇଛି।

## ଶ୍ରୀଲଙ୍କା ନୌସେନା ଗୁଳିମାଡରେ ପାଞ୍ଚ ଭାରତୀୟ ମତ୍ସ୍ୟଜୀବୀ ଆହତ

### ଦ୍ୱୀପ ଉଚ୍ଚାୟୁକ୍ତଙ୍କୁ ସମନ ଜାରି କଲା ଭାରତ

**ନୂଆଦିଲ୍ଲୀ, ୨୮।୧:** ମଙ୍ଗଳବାର ଡେଲଫ୍ଟ ଦ୍ୱୀପ ନିକଟରେ ଶ୍ରୀଲଙ୍କା ନୌସେନା ଗୁଳିମାଡରେ ପାଞ୍ଚ ଜଣ ମତ୍ସ୍ୟଜୀବୀ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ତେବେ ଏହି ଗୁଳିମାଡ଼ ଉପରେ ଭାରତ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି ଏବଂ ଦ୍ୱୀପର ଉଚ୍ଚାୟୁକ୍ତଙ୍କୁ ସମନ ଜାରି କରିଛି। ବୈଦେଶିକ ମନ୍ତ୍ରଣାଳୟ ଦ୍ୱୀପର କାର୍ଯ୍ୟକାରୀ ଉଚ୍ଚାୟୁକ୍ତଙ୍କୁ ସମନ କରିଛି ଏବଂ ତାଙ୍କ ବରିଷ୍ଠ କୂଟନୀତିଜ୍ଞଙ୍କ ନିକଟରେ କଡ଼ା ଆପତ୍ତି ଜଣାଇଛି। କଡ଼ା ପ୍ରତିକ୍ରିୟା ପ୍ରକାଶ କରି ଭାରତ କହିଛି ଯେ, କୌଣସି ପରିସ୍ଥିତିରେ ବଳପ୍ରୟୋଗ ଗ୍ରହଣୀୟ ନୁହେଁ। ଏହି ପ୍ରସଙ୍ଗରେ ମନ୍ତ୍ରଣାଳୟ କହିଛି ଯେ,"ମଙ୍ଗଳବାର ସକାଳେ, ଡେଲଫ୍ଟ ଦ୍ୱୀପରୁ ୧୩ ଜଣ ଭାରତୀୟ ମତ୍ସ୍ୟଜୀବୀଙ୍କୁ ଧରିବା ପାଇଁ ଶ୍ରୀଲଙ୍କା ନୌସେନା ପକ୍ଷରୁ ଗୁଳିଚାଳନା କରାଯାଇଥିବା ସୂଚନା ମିଳିଥିଲା। ମାଛ ଧରିବା ଡଙ୍ଗାରେ ୧୩ ଜଣ ଥିଲେ, ସେମାନଙ୍କ ମଧ୍ୟରୁ ଦୁଇଜଣ ଗୁରୁତର ଆହତ ହୋଇଥିଲେ ଏବଂ ମତ୍ସ୍ୟଜୀବୀ ମାନେ ଜାଫନା ଟିଚିଂ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

## ମାନହାନି ମାମଲାରେ ଆତିଶୀଙ୍କୁ ବଡ଼ ଆଶ୍ୱସ୍ତି



**ନୂଆଦିଲ୍ଲୀ, ୨୮।୧:** ଦିଲ୍ଲୀ ନିର୍ବାଚନ ଭିତରେ ବିଜେପି ନେତା ପ୍ରବୀଣ ଶଙ୍କର କପୁରଙ୍କ ପକ୍ଷରୁ ଦାଖଲ ମାନହାନି ମାମଲାରେ ମୁଖ୍ୟମନ୍ତ୍ରୀ ଆତିଶୀଙ୍କୁ ଏକ ବଡ଼ ଆଶ୍ୱସ୍ତି ମିଳିଛି। ରାଉଜ୍ ଆଭେନ୍ୟୁ କୋର୍ଟ ସେସନ୍ସ କୋର୍ଟ ମାନହାନି ମାମଲାରେ ଅତିରିକ୍ତ ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଦିଆଯାଇଥିବା ସମନ ଆଦେଶକୁ ରଦ୍ଦ କରିଛନ୍ତି। ତେବେ ତଥାପି, ଏହି ମାନହାନି ମାମଲା ଜାରି ରହିବ।

ସିଏମ୍ ଆତିଶୀ ସମନକୁ ଚ୍ୟାଲେଞ୍ଜ କରି ରାଉଜ୍ ଆଭେନ୍ୟୁ କୋର୍ଟରେ ଏକ ପୁନର୍ବିଚାର ଆବେଦନ ଦାଖଲ କରିଥିଲେ, ଯାହା ଉପରେ ନିଷ୍ପତ୍ତି ସଂରକ୍ଷିତ ରଖାଯାଇଥିଲା। ୨୮ ଜାନୁଆରୀ ରାଉଜ୍ ଆଭେନ୍ୟୁ କୋର୍ଟ ସେସନ୍ସ କୋର୍ଟ ମାନହାନି ମାମଲାରେ ଅତିରିକ୍ତ ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଦିଆଯାଇଥିବା ସମନ ଆଦେଶକୁ ବାତିଲ କରିଛନ୍ତି। ତେବେ ମାନହାନି ମାମଲାରେ ଜାରି ହୋଇଥିବା ସମନ ବିରୋଧରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନକୁ କୋର୍ଟ ଗ୍ରହଣ କରିଛନ୍ତି। କୋର୍ଟ କହିଛନ୍ତି ଯେ, ଯଦି ପ୍ରବୀଣ ଶଙ୍କର କପୁରଙ୍କ ଯୁକ୍ତିକୁ ଗ୍ରହଣ କରାଯାଏ, ତେବେ ଏହା ଭାରତର ପ୍ରାୟ ପ୍ରତ୍ୟେକ ରାଜନୈତିକ ଦଳର ନେତାଙ୍କ ବିରୁଦ୍ଧରେ ପ୍ରତି ସପ୍ତାହରେ ମାନହାନି ମାମଲା ରୁଜୁ କରିବାର ଏକ ଆଧାର ହୋଇଯିବ। ବିଜେପି ନେତା ପ୍ରବୀଣ ଶଙ୍କର କପୁର ଅଭିଯୋଗ କରିଛନ୍ତି ଯେ, ଆତିଶୀଙ୍କ ବୟାନ ତାଙ୍କୁ ଏବଂ ତାଙ୍କ ଦଳର ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଇଛି। ଆତିଶୀ କହିଥିଲେ ଯେ ବିଜେପି ଆମ ଆଦମୀ ପାର୍ଟି ବିଧାୟକ ମାନଙ୍କୁ ଘୋଡା ବେପାର କରିବାରେ ବ୍ୟସ୍ତ। ଆତିଶୀ ଦାବି କରିଥିଲେ ଯେ ବିଜେପି ତାଙ୍କର ଜଣେ ନିକଟତର ସହଯୋଗୀଙ୍କ ମାଧ୍ୟମରେ ତାଙ୍କ ସହିତ ଯୋଗାଯୋଗ କରିଥିଲା ଏବଂ ତାଙ୍କୁ ସେମାନଙ୍କ ଦଳରେ ଯୋଗଦେବାକୁ ଅନୁରୋଧ କରିଥିଲା। ସେ ଏହା ମଧ୍ୟ କହିଥିଲେ ଯେ ଯଦି ସେ ଏପରି ନ କରନ୍ତି, ତେବେ ତାଙ୍କୁ ଗୋଟିଏ ମାସ ମଧ୍ୟରେ ଇଡି ଦ୍ୱାରା ଗିରଫ କରାଯିବ।

## ଦିଲ୍ଲୀ ଦଙ୍ଗା ଅଭିଯୁକ୍ତ ତାହିର ହୁସେନଙ୍କୁ ପାରୋଲ୍

**ନୂଆଦିଲ୍ଲୀ, ୨୮।୧:** ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏଆଇଏମଆଇଏମ ପ୍ରାର୍ଥୀ ତାହିର ହୁସେନଙ୍କୁ ସୁପ୍ରିମକୋର୍ଟ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଜଷ୍ଟିସ ଦୀପଙ୍କର ଦତ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ତିନି ଜଣିଆ ଖଣ୍ଡପୀଠ ୨୦୨୦ ଦିଲ୍ଲୀ ଦଙ୍ଗା ମାମଲାର ଅଭିଯୁକ୍ତ ତାହିର ହୁସେନଙ୍କୁ ଜାମିନ ପ୍ରଦାନ କରିଛନ୍ତି। ନିର୍ବାଚନରେ ସେ ପ୍ରଚାର କରିପାରିବେ। ଜାନୁଆରୀ ୨୯ରୁ ଫେବୃଆରି ୩ ତାରିଖ ପର୍ଯ୍ୟନ୍ତ ତାଙ୍କୁ ରିମାଣ୍ଡରେ ପାରୋଲ ମିଳିଛି। ଦିଲ୍ଲୀ ପୁଲିସ ପକ୍ଷରୁ ପକ୍ଷ ରଖିଥିବା ଏସ୍ ଭି ରାଜୁ ଏହି ଆବେଦନକୁ ବିରୋଧ କରିଥିଲେ। ଯଦି ପ୍ରଚାର ପାଇଁ ସୁପ୍ରିମ୍ କୋର୍ଟଙ୍କ ଦ୍ୱାରା ଜାମିନ ମଞ୍ଜୁର କରାଯାଏ, ତେବେ ଏହା ଏକ ଉଦାହରଣ ପାଲଟିବ ଏବଂ ପ୍ରଚାର ପାଇଁ କଏଦୀମାନଙ୍କୁ ଜାମିନ ଦେବା ପାଇଁ ଧାଡ଼ି ଅଦାଲତରେ ଉଠିବ ବୋଲି ସେ କହିଥିଲେ।

ତାହିର ହୁସେନ ହେଉଛନ୍ତି ମୁସ୍ତାଫାବାଦରୁ ଏଆଇଏମଆଇଏମ୍ ପ୍ରାର୍ଥୀ। ପୂର୍ବରୁ ଦିଲ୍ଲୀ ଦଙ୍ଗା ସମୟରେ ସେ ଆମ୍ ଆଦମୀ ପାର୍ଟିରେ ଥିଲେ। ସେତେବେଳେ ତାହିର ଜଣେ କାଉନସିଲର ଥିଲେ। କୋର୍ଟଙ୍କ ସର୍ତ୍ତ ଅନୁଯାୟୀ ତାହିର ହୁସେନ ସମସ୍ତ ପ୍ରତିଶ୍ରୁତି ପାଳନ କରିବେ। ଜେଲ୍ ମାନୁଆଲର ସମୟ ଅନୁଯାୟୀ ଚାର୍ଟରେ ଦର୍ଶାଯାଇଥିବା ଖର୍ଚ୍ଚର ଅଧା ଜମା କଲେ ତାଙ୍କୁ ୨୯ ଜାନୁଆରିରୁ ୦୩ ଫେବ୍ରୁଆରି ପର୍ଯ୍ୟନ୍ତ ମୁକ୍ତ କରାଯିବ। ସର୍ତ୍ତ ଅନୁଯାୟୀ



ସାର୍ବଜନୀନ ବୟାନରେ ସେ ନିଜ ମାମଲା ସମ୍ପର୍କରେ କିଛି କହିବେ ନାହିଁ।ଏହି ଆଦେଶକୁ ଏକ ଉଦାହରଣ ଭାବରେ ଗ୍ରହଣ କରାଯିବା ଉଚିତ ନୁହେଁ ବୋଲି କୋର୍ଟ କହିଛନ୍ତି । ଦିଲ୍ଲୀ ପୁଲିସ ପକ୍ଷରୁ ପକ୍ଷ ରଖିଥିବା ଏସ୍ ଭି ରାଜୁ ଏହି ଆବେଦନକୁ ବିରୋଧ କରିଥିଲେ। ଯଦି ପ୍ରଚାର ପାଇଁ ସୁପ୍ରିମ୍ କୋର୍ଟଙ୍କ ଦ୍ୱାରା ଜାମିନ ମଞ୍ଜୁର କରାଯାଏ, ତେବେ ଏହା ଏକ ଉଦାହରଣ ପାଲଟିବ ଏବଂ ପ୍ରଚାର ପାଇଁ କଏଦୀମାନଙ୍କୁ ଜାମିନ ଦେବା ପାଇଁ ଧାଡ଼ି ଅଦାଲତରେ ଉଠିବ ବୋଲି ସେ କହିଥିଲେ। ତେବେ ଏହାକୁ କୋର୍ଟ ଗ୍ରହଣ କରିନଥିଲେ ।

ଦିଲ୍ଲୀରେ ଫେବ୍ରୁଆରି ୫ରେ ମତଦାନ ହେବ ଏବଂ ଫେବ୍ରୁଆରି ୩ତାରିଖରୁ ପ୍ରଚାର ବନ୍ଦ ରହିବ। ଫେବ୍ରୁଆରି ୮ତାରିଖରେ ଫଳାଫଳ ପ୍ରକାଶ ପାଇବ।



## ଆମେରିକାକୁ କ୍ଷତି ପହଞ୍ଚାଉଛନ୍ତି ଭାରତ-ଚୀନ୍: ଟ୍ରମ୍ପ୍

**ୱାଶିଂଟନ୍, ୨୮।୧:** ଆମେରିକାର ସ୍ୱାର୍ଥକୁ ଗୁରୁତ୍ୱ ପ୍ରଦାନ କରି ଅନ୍ୟ ଦେଶ ଉପରେ ଶୁଳ୍କ ଲାଗୁ କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି। ଆମେରିକାର ସ୍ୱାର୍ଥକୁ କ୍ଷତି ପହଞ୍ଚାଉଥିବା ଦେଶ ମଧ୍ୟରେ ସେ ଚୀନ୍, ଭାରତ ଏବଂ ବ୍ରାଜିଲର ନାମ ନେଇଛନ୍ତି। ଫ୍ଲୋରିଡାସ୍ଥିତ ହାଉସ୍ ରିପବ୍ଲିକାନ୍ସଙ୍କ ଏକ କାର୍ଯ୍ୟକ୍ରମ ଅବସରରେ ଟ୍ରମ୍ପ ତାଙ୍କର 'ଆମେରିକା ପ୍ରଥମ' ଅର୍ଥନୈତିକ ଏଜେଣ୍ଡା ଉପରେ ଗୁରୁତ୍ୱାରୋପ କରିଥିଲେ।

ଟ୍ରମ୍ପ କହିଛନ୍ତି ଯେ, ଆମେ ଏପରି ଦେଶ ତଥା ସଂସ୍ଥା ଉପରେ ଶୁଳ୍କ ଲାଗୁ କରିବାକୁ ଯାଉଛୁ ଯାହା ଆମକୁ କ୍ଷତି ପହଞ୍ଚାଇବାକୁ ଚାହୁଁଛି। ସେମାନେ ଆମ ଖର୍ଚ୍ଚରେ ନିଜ ଦେଶକୁ ମଜବୁତ କରିବାକୁ ଚାହୁଁଛନ୍ତି, କିନ୍ତୁ ଆମେ ତାହା ଆଉ ହେବାକୁ ଦେବୁ ନାହିଁ। ଚୀନ୍, ଭାରତ ଏବଂ ବ୍ରାଜିଲ ଭଳି ଦେଶକୁ ଟ୍ରମ୍ପ ଟାର୍ଗେଟ କରି କହିଛନ୍ତି ଯେ, ସେମାନେ ଆମେରିକା ବିରୋଧରେ ଅନ୍ୟାୟରେ ଶୁଳ୍କ ଲଗାଇଛନ୍ତି। ସେ କହିଥିଲେ, ଅନ୍ୟମାନେ କଣ କରୁଛନ୍ତି ଦେଖନ୍ତୁ। ଚୀନ୍ ଏକ ଜବରଦସ୍ତ ଶୁଳ୍କ ନିର୍ମାତା ଏବଂ ଭାରତ ଏବଂ ବ୍ରାଜିଲ ତଥା ଅନ୍ୟାନ୍ୟ ଦେଶ ମଧ ସେହିପରି କାର୍ଯ୍ୟ କରୁଛନ୍ତି। ସେଥିପାଇଁ ଆମେ ଏହା ଆଉ ଘଟିବାକୁ ଦେବୁ ନାହିଁ କାରଣ ଆମେ ଆମେରିକାକୁ ପ୍ରଥମ ସ୍ଥାନ ଦେବୁ। ସେ ଏକ ନ୍ୟାୟପୂର୍ଣ୍ଣ ବ୍ୟବସ୍ଥା ପ୍ରତିଷ୍ଠା ପାଇଁ ଯୋଜନା ବିଷୟରେ କହିଥିଲେ। ସେ କହିଛନ୍ତି ଯେ, ଏହା ଆମେରିକାର ଟ୍ରେଜେରୀକୁ ଟଙ୍କା ଆଣିବ ଏବଂ ଦେଶ ପୁଣି ଧନୀ ହେବ। ଏହା ଖୁବ ଶୀଘ୍ର ଘଟିବ ବୋଲି ଟ୍ରମ୍ପ କହିଛନ୍ତି। ଉଚ୍ଚ ଶୁଳ୍କରୁ ବଞ୍ଚିବା ପାଇଁ ଆମେରିକାରେ ଉତ୍ପାଦନ କାରଖାନା ସ୍ଥାପନ କରିବାକୁ ଆମେରିକାର ରାଷ୍ଟ୍ରପତିମାନେ ବଡ଼ ବଡ଼ କମ୍ପାନିଙ୍କୁ ମଧ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ, ଯଦି ଆପଣ ଟିକସ କିମ୍ବା ଶୁଳ୍କ ଦେବା ବନ୍ଦ କରିବାକୁ ଚାହାନ୍ତି, ତେବେ ଆପଣଙ୍କୁ ଆମେରିକାରେ ଆପଣଙ୍କ ପ୍ଲାଣ୍ଟ ନିର୍ମାଣ କରିବାକୁ ପଡିବ। ଏହା ରେକର୍ଡ ସ୍ତରରେ ଘଟିବାକୁ ଯାଉଛି। ଆମେ ଆଗାମୀ ସ୍ୱଳ୍ପ ସମୟ ମଧ୍ୟରେ ଅଧିକ ପ୍ଲାଣ୍ଟ ନିର୍ମାଣ କରିବାକୁ ଯାଉଛୁ। ଏହି ପଦକ୍ଷେପକୁ ସମର୍ଥନ କରିବାକୁ ଟ୍ରମ୍ପ ଫାର୍ମାସ୍ୟୁଟିକାଲ୍ସ, ସେମିକଣ୍ଡକ୍ଟର ଏବଂ ଷ୍ଟିଲ ଭଳି ଜଟିଳ ଶିଳ୍ପରେ କାର୍ଯ୍ୟ କରୁଥିବା କମ୍ପାନିଗୁଡିକୁ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାପୂର୍ବରୁ ଟ୍ରମ୍ପ ଭାରତ ସମେତ ବ୍ରିକ୍ସ ବ୍ଲକରେ 'ଶତପ୍ରତିଶତ ଶୁଳ୍କ' ଲାଗୁ କରିବାକୁ ଇଙ୍ଗିତ କରିଥିଲେ, ଯାହାଫଳରେ ସେ ଉଦୀୟମାନ ଅର୍ଥନୀତିର ଗୋଷ୍ଠୀ ସହ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ।

## ମହାକୁମ୍ଭରେ ମାଳି ବିକି ମୋଟା ଅଙ୍କର ରୋଜଗାର କଲେ ମୋନାଲିସା



**ପ୍ରୟାଗରାଜ, ୨୮।୧:** ମହାକୁମ୍ଭରେ ମାଳି ବିକୁଥିବା ମୋନାଲିସା ନିଜ ସୁନ୍ଦରତା ଏବଂ ପୋଟଳଚିରା ଆଖିର ଚାହାଣୀ ପାଇଁ ରାତାରାତି ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ବେଳେ ଏବେ ତାଙ୍କ ରୋଜଗାରକୁ ନେଇ ଆଉ ଏକ ଚର୍ଚ୍ଚା ଖବରର ଶିରୋନାମା ପାଲଟିଛି। ମୋନାଲିସା ମହାକୁମ୍ଭରେ କେତେ ଟଙ୍କା ରୋଜଗାର କରିଛନ୍ତି, ରୁଦ୍ରାକ୍ଷ ଏବଂ ମାଳି ବିକି ମାତ୍ର ୧୦ ଦିନରେ ସେ କେତେ କମେଇଛନ୍ତି ତାକୁ ନେଇ ସୋସିଆଲ ମିଡିଆରେ ପୁଣି ଚର୍ଚ୍ଚା ଆଲୋଚନା ଚାଲିଥିବା ବେଳେ ମୋନାଲିସା କାଳେ ମାତ୍ର ୧୦ ଦିନରେ ୧୦ କୋଟି ଟଙ୍କା ରୋଜଗାର କରିଛନ୍ତି ବୋଲି ସ୍ଥାନୀୟ ଅଞ୍ଚଳରେ ଲୋକେ ଆଲୋଚନା କରୁଥିବା ଏବେ ସୋସିଆଲ ମିଡିଆରେ ଜୋରରେ ଭାଇରାଲ ହେଉଛି। ନିଜ ସୁନ୍ଦରତାକୁ ଆୟୁଧ କରି ସେ ମାତ୍ର ୧୦ ଦିନରେ କୋଟି କୋଟି ଟଙ୍କାର ବ୍ୟବସାୟ କରିଥିବା କୁହାଯାଉଥିବା ବେଳେ ମୋନାଲିସା କିନ୍ତୁ ଏପରି ଉଡା କଥାକୁ ଖଣ୍ଡନ କରିଛନ୍ତି ଆଉ କହିଛନ୍ତି ଏହା ଗୁଜବ। ଆଉ କହିଛନ୍ତି, ଯଦି ମୁଁ ଏତେ ଟଙ୍କା ରୋଜଗାର କରିଥାନ୍ତି ତାହାଲେ କଣ ପାଇଁ ଏଠି ପଡିରହିଛି ଆଉ କଣ ପାଇଁ ଆଜି ଯାଏଁ ମାଳି ବିକୁଛି। ସେପଟେ ମୋନାଲିସାଙ୍କ ବାପା ଆଉ ଏକ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। କହିଛନ୍ତି ନିଜ ସୁନ୍ଦରତା ପାଇଁ ଝିଅ ରାତାରାତି ଭାଇରାଲ ହେବା ଆମ ପାଇଁ କାଳ ସାଜିଛି। ୧୦ ଦିନରେ ୧୦ କୋଟି ନୁହେଁ ବରଂ ବ୍ୟବସାୟ ପ୍ରଭାବିତ ହୋଇଛି, ମାଳି ବିକି ଯେତିକି ରୋଜଗାର କରି ହୋଇଥାନ୍ତା ତାହା ହୋଇପାରିନି। ମାଳମାଳ ଲୋକଙ୍କ ସହ ସେଲ୍ଫି, ୟୁଟୁବରଙ୍କ ଭିଡିଓ ଏବଂ ସାମ୍ବାଦିକଙ୍କ ଗହଳି ବେପାରରେ ବାଧା ଦେଇଛି ତେଣୁ ବ୍ୟବସାୟ ହୋଇପାରିନି। ତେବେ ପ୍ରୟାଗରାଜ ଯିଏ ଯାଉଛି ସିଏ ବାବାଙ୍କୁ ଭେଟିବା ସହ ଭାଇରାଲ ଗାର୍ଲ ମୋନାଲିସାଙ୍କୁ ଭେଟୁଛି। ତାଙ୍କ ପାଖରେ ସବୁଦିନ ହଜାର ହଜାର ଲୋକଙ୍କ ଭିଡ ଜମୁଛି ତେଣୁ ତାଙ୍କୁ ବାଧ ହୋଇ ଘରେ ରହିବାକୁ ପଡିଛି। ନିଜର ଏବଂ ତାଙ୍କ ପରିବାରର ସୁରକ୍ଷା ପାଇଁ ସେ ଫେରିଯାଇଥିବା କହି ତାଙ୍କ ପ୍ରଶଂସକଙ୍କୁ ହୃଦୟରୁ ଧନ୍ୟବାଦ ଜଣାଇଛନ୍ତି ମୋନାଲିସା।

### ୟୁନୁସ ସରକାରଙ୍କ ପାଇଁ ବଡ଼ ସମସ୍ୟା ଆଣିଛନ୍ତି ରେଳବାଇ କର୍ମଚାରୀ

## ପ୍ରତିବାଦରେ ବାଂଲାଦେଶରେ ରେଳରୋକ

**ଢ଼ାକା,୨୮।୧:** ବାଂଲାଦେଶର ୟୁନୁସ୍ ସରକାର ଏପର୍ଯ୍ୟନ୍ତ ଦେଶକୁ ପୁଣିଥରେ ଟ୍ରାକକୁ ଫେରିବାରେ ସଫଳ ହୋଇନାହାନ୍ତି। ଚୀନ୍, ପାକିସ୍ତାନ ଏବଂ ଆମେରିକା ଭଳି ଦେଶ ସହିତ ସମ୍ପର୍କକୁ ଆହୁରି ଗଭୀର କରିବାକୁ ଆଗ୍ରହୀ ମହମ୍ମଦ ୟୁନୁସ୍ ବାଂଲାଦେଶ ଭିତରେ ନିଜ ଦେଶବାସୀଙ୍କ ସମସ୍ୟାର ସମାଧାନ କରିପାରୁ ନାହାଁନ୍ତି।

ମଙ୍ଗଳବାର ଦିନ ରେଳ କର୍ମଚାରୀମାନେ ଧର୍ମଘଟ କରିଥିବାରୁ ସାରା ଦେଶରେ ଟ୍ରେନ୍ ସେବା ବାଧାପ୍ରାପ୍ତ ହୋଇଥିଲା। ପେନସନ ଏବଂ ଗ୍ରାଚ୍ୟୁଟି ଲାଭ ସମ୍ପର୍କିତ ସମସ୍ୟା ଯୋଗୁଁ ବାଂଲାଦେଶ ରେଳବାଇ ରନିଂ ଷ୍ଟାଫ୍ ଆଣ୍ଡ୍ ୱାର୍କର୍ସ ଆସୋସିଏସନ୍ ଧର୍ମଘଟରେ ଅଛନ୍ତି ଏବଂ ସେମାନେ ଦାବି କରୁଛନ୍ତି ଯେ ରନିଂ ଭତ୍ତା ମଧ ସେମାନଙ୍କ ମୂଳ ଦରମାରେ ସାମିଲ



କରାଯିବା ଉଚିତ। ଧର୍ମଘଟ ଯୋଗୁଁ ଯାତ୍ରୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଜି ସକାଳ ଠାରୁ ଦେଶର ବିଭିନ୍ନ ରେଳ ଷ୍ଟେସନରେ ଯାତ୍ରୀମାନଙ୍କର ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା, ଯେଉଁମାନେ ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପାଇଁ ଟ୍ରେନଗୁଡ଼ିକୁ ଅପେକ୍ଷା କରିଥିଲେ। ବାଂଲାଦେଶ ରେଳବାଇ ରନିଂ ଷ୍ଟାଫ୍ ଆଣ୍ଡ୍ ୱାର୍କର୍ସ ଆସୋସିଏସନର ସାଧାରଣ ସମ୍ପାଦକ ମହମ୍ମଦ ମୁଜିବୁର ରହମାନ କହିଛନ୍ତି, "ଆମେ, ରନିଂ ଷ୍ଟାଫ୍, ମଧରାତ୍ରିରୁ ଧର୍ମଘଟରେ ଅଛୁ। ଫଳସ୍ୱରୂପ, ସାରା ଦେଶରେ ଟ୍ରେନ ସେବା ସ୍ଥଗିତ ରଖାଯାଇଛି, ଆମର ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆମର ଧର୍ମଘଟ ଜାରି ରହିବ।

ନିୟମ ଅନୁଯାୟୀ, ଜଣେ ରନିଂ ଷ୍ଟାଫ୍ ସଦସ୍ୟ ତାଙ୍କ ମୁଖ୍ୟାଳୟକୁ ଫେରିବା ପରେ ୧୨ ଘଣ୍ଟା କିମ୍ବା ବାହାରେ ପୋଷ୍ଟିଂ ସମୟରେ ୮ ଘଣ୍ଟା ବିଶ୍ରାମ ନେବାର ଅଧିକାର ପାଇପାରିବେ। ଯଦି ରେଳବାଇ କାର୍ଯ୍ୟର ଲାଭ ପାଇଁ ବିଶ୍ରାମ ସମୟରେ କାମ କରିବା ଆବଶ୍ୟକ ହୁଏ, ତେବେ ଆମକୁ ଓଭରଟାଇମ ଟଙ୍କା ମିଳେ। ତଥାପି, ଅର୍ଥ ମନ୍ତ୍ରଣାଳୟର ଆପତ୍ତି ଯୋଗୁଁ ରନିଂ ଷ୍ଟାଫ୍‌ଙ୍କୁ ଏହି ଟଙ୍କା ପ୍ରଦାନ କରିବାକୁ ମନା କରାଯାଇଛି ବୋଲି ଜଣାପଡ଼ିଛି, ଯାହା ବିବାଦର କେନ୍ଦ୍ରବିନ୍ଦୁ ପାଲଟିଛି। ରାତି ୧ଟାରୁ ବାଂଲାଦେଶରେ କୌଣସି ଟ୍ରେନ୍ ଚଳାଚଳ କରୁନାହିଁ, ଯାହା ଫଳରେ ଯାତ୍ରୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତଥାପି, ରେଳବାଇ ସୂଚନା ଦେଇଛି ଯେ ଟିକେଟ୍ ବୁକ୍ କରିଥିବା ଯାତ୍ରୀମାନଙ୍କ ଟଙ୍କା ଫେରସ୍ତ କରାଯିବ।

## ତୃତୀୟ ଟି-୨୦: ଡକେଟ୍‌ଙ୍କ ୫୧, ବରୁନ୍‌ଙ୍କୁ ୫ ୱିକେଟ

# ହାରିଲା ଭାରତ, ସିରିଜ୍‌କୁ ଫେରିଲା ଇଂଲଣ୍ଡ



ରାଜକୋଟ,୨୮।୧: ଚଳିତ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ୍‌ର ତୃତୀୟ ମ୍ୟାଚ୍‌ରେ ଘରୋଇ ଭାରତ ତା’ର ବିଜୟ ଧାରାକୁ ଜାରି ରଖିବାରେ ବିଫଳ ହୋଇଛି। ପ୍ରଥମ ଦୁଇଟି ମ୍ୟାଚ୍‌କୁ ସହଜରେ ଜିତି ୨-୦ରେ ଆଗୁଆ ରହିଥିବା ଭାରତ ଆଜି ତୃତୀୟ ଟି-୨୦ରେ ... ରନ୍‌ରେ ପରାସ୍ତ ହୋଇଛି। ଫଳରେ ଭ୍ରମଣକାରୀ ଦଳ ସିରିଜ୍‌କୁ ପ୍ରତ୍ୟାବର୍ତ୍ତନ କରିଛି। ସିରିଜ୍‌ରେ କ୍ରମାଗତ ତୃତୀୟ ଥର ପାଇଁ ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଟସ୍ ଜିତି ପୁଣିଥରେ ଫିଲ୍ଡିଂ ନେଇଥିଲେ। ବ୍ୟାଟିଂ ପାଇଥିବା ଇଂଲଣ୍ଡ ୯ ୱିକେଟ୍‌ରେ ୧୭୧ ରନ୍ କରିଥିଲା। ଏହାର ଜବାବରେ ଭାରତ ନିର୍ଦ୍ଧାରିତ ଓଭର୍‌ରେ ୯ ୱିକେଟ୍ ହରାଇ ୧୪୫ ରନ୍ କରି ୨୬ ରନ୍‌ରେ ପରାସ୍ତ ହୋଇଛି। ତେବେ ଦଳ ପରାସ୍ତ ହୋଇଥିଲେ ମଧ୍ୟ ୫ ୱିକେଟ୍‌ର ସଫଳତା ପାଇଥିବା ଭାରତୀୟ ସ୍ପିନର୍ ବରୁନ୍ ଚକ୍ରବର୍ତ୍ତୀ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଇଂଲଣ୍ଡ ପକ୍ଷରୁ ଗତ ଦୁଇଟି ମ୍ୟାଚ୍‌ରେ ବିଫଳ ରହିଥିବା ଓପନର ବେନ୍ ଡକେଟ୍ ସର୍ବାଧିକ ୫୧ ରନ୍ କରିଥିଲେ। ସେ ଏହି ରନ୍ ମାତ୍ର ୨୮ଟି ବଲ୍‌ରେ କରିଥିବା ବେଳେ ତାଙ୍କ ଏହି ଇନିଂସରେ ୭ଟି ଚୌକା ଓ ୨ଟି ଛକା ଲଗାଇଥିଲେ। ଗତ ଦୁଇଟି ମ୍ୟାଚ୍‌ରେ ପ୍ରଭାବଶାଳୀ ପ୍ରଦର୍ଶନ କରିଥିବା ଅଧିନାୟକ ଜୋସ୍ ବଟଲର୍ ୨୨ ବଲ୍‌ରେ ଗୋଟିଏ ଲେଖାଏଁ ଚୌକା ଓ ଛକା ଜରିଆରେ ୨୪ ରନ୍ କରିଥିଲେ। ଏଥିସହ ଉଭୟଙ୍କ ମଧ୍ୟରେ ଦ୍ୱିତୀୟ ୱିକେଟ୍‌ରେ ଉପଯୋଗୀ ୭୬ ରନ୍‌ର ଭାଗୀଦାରୀ ମଧ୍ୟ ହୋଇଥିଲା। ଏହାଛଡ଼ା ଲିଆମ୍ ଲିଭିଙ୍ଗ୍‌ଷ୍ଟୋନ୍ ମାତ୍ର ୨୪ ବଲ୍‌ରେ ଗୋଟିଏ ଚୌକା ଓ ୫ଟି ଛକା ମାଧ୍ୟମରେ ୪୩ ରନ୍ କରି ଦଳୀୟ ସ୍କୋର୍‌କୁ ଦ୍ରୁତତା ପ୍ରଦାନ କରିଥିଲେ। ଭାରତ ପକ୍ଷରୁ ବରୁନ୍ ୪ ଓଭର୍‌ରେ ୨୪ ରନ୍ ବ୍ୟୟ କରି ୫ଟି ୱିକେଟ୍ ଦଖଲ ପୂର୍ବକ ଟି-୨୦ କ୍ୟାରିଅର୍‌ରେ ସର୍ବଶ୍ରେଷ୍ଠ ସଫଳତା ଅର୍ଜନ କରିଥିଲେ। ଏହାଛଡ଼ା ହାର୍ଦ୍ଦିକ ପାଣ୍ଡ୍ୟା ୨ଟି ଏବଂ ରବି ବିଷ୍ଣୋଇ ଓ ଅକ୍ଷର ପଟେଲ୍ ଗୋଟିଏ ଲେଖାଏଁ ୱିକେଟ୍ ପାଇଥିଲେ। ଭାରତର ବ୍ୟାଟିଂ ଗତ ଦୁଇ ମ୍ୟାଚ୍ ତୁଳନାରେ ଯଥେଷ୍ଟ ଦୁର୍ବଳ ରହିଥିଲା। ଦଳ କ୍ରମାଗତ ୱିକେଟ୍ ହରାଇବା ଫଳରେ ଇଂଲଣ୍ଡର ବିଜୟ ସହଜ ହୋଇଥିଲା। ପାଣ୍ଡ୍ୟା ସର୍ବାଧିକ ଗୋଟିଏ ଚୌକା ଓ ୨ଟି ଛକା ମାଧ୍ୟମରେ ୪୦ ରନ୍, ଓପନର ଅଭିଷେକ ଶର୍ମା ୫ ଚୌକା ସହ ୨୪, ତିଲକ ବର୍ମା ଗୋଟିଏ ଲେଖାଏଁ ଚୌକା ଓ ଛକା ସହ ୧୮, ଅକ୍ଷର ୨ଟି ଚୌକା ସହ ୧୫ ରନ୍ କରିଥିଲେ। ଇଂଲଣ୍ଡ ପାଇଁ ଜେମି ଓଭର୍ଟନ୍ ୩ଟି, ଜୋଫ୍ରା ଆର୍ଚର୍ ଓ ବ୍ରାଇଡନ୍ କାର୍ସ ୨ଟି ଲେଖାଏଁ ଏବଂ ମାର୍କ ଉଡ୍ ଓ ଆଦିଲ୍ ରଶିଦ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।



## ରଣଜୀ ଅଭ୍ୟାସ ପାଇଁ ଅରୁଣ ଜେଟଲୀ ଷ୍ଟାଡିୟମରେ କିଙ୍ଗ କୋହଲି

**ନୂଆଦିଲ୍ଲୀ, ୨୮।୧:** ରଣଜୀକୁ କିଙ୍ଗ କୋହଲିଙ୍କ କମବ୍ୟାକ୍। ୧୨ ବର୍ଷ ପରେ ରଣଜୀ ମଇଦାନକୁ ଓହ୍ଲାଇବେ କିଙ୍ଗ କୋହଲି। ଏଥିପାଇଁ କୋହଲି ରଣଜୀ ମ୍ୟାଚ୍ ପୂର୍ବରୁ ଅଭ୍ୟାସ ପାଇଁ ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ପହଞ୍ଚିଛନ୍ତି। କୋହଲି ଦିଲ୍ଲୀ ଦଳ ସହ ଅଭ୍ୟାସ ଆରମ୍ଭ କରିଥିବା ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବିରାଟ ଜାନୁଆରି ୩୦ରୁ ଦିଲ୍ଲୀ ତରଫରୁ ରେଲୱେ ବିପକ୍ଷରେ ଅନ୍ତିମ ଗ୍ରୁପ୍ ମ୍ୟାଚ୍ ଖେଳିବେ। ଆୟୁଷ ବଦୋନୀ ଦିଲ୍ଲୀ ଦଳର ନେତୃତ୍ୱ ନେଉଛନ୍ତି। ଆପଣଙ୍କୁ ଜଣାଇଦେଉଛୁ ଯେ, କୋହଲି ୧୨ ବର୍ଷ ପରେ ରଣଜୀ ମ୍ୟାଚ୍ ଖେଳିବାକୁ ଯାଉଛନ୍ତି। ଏହାପୂର୍ବରୁ ସେ ଗାଜିଆବାଦର ମୋହନ ନଗରରେ ୨୦୧୨ରେ ଉତ୍ତରପ୍ରଦେଶ ବିପକ୍ଷରେ ଦିଲ୍ଲୀ ପାଇଁ ରଣଜୀ ମ୍ୟାଚ୍ ଖେଳିଥିଲେ। ବର୍ତ୍ତମାନ ବିରାଟ ରେଲଓ୍ୱେ ବିପକ୍ଷରେ ଖେଳିବେ ବୋଲି ନିଶ୍ଚିତ ହୋଇଛି। ସୂଚନାଯୋଗ୍ୟ ଯେ, କୋହଲି ତାଙ୍କ କ୍ରିକେଟ କ୍ୟାରିୟରରେ ଏପର୍ଯ୍ୟନ୍ତ ୨୩ଟି ରଣଜୀ ମ୍ୟାଚ୍ ଖେଳିଛନ୍ତି। ଏହି ୨୩ଟି ରୁ ୫୦.୭୭ ହାରାହାରିରେ ୧୫୭୪ ରନ୍ କରିଛନ୍ତି ବିରାଟ ଯେଉଁଥିରେ ୫ଟି ଶତକ ସାମିଲ ଅଛି। ନିକଟରେ ଖେଳାଯାଇଥିବା ବର୍ଡର ଗାଭାସ୍କର ଟ୍ରଫିରେ ଟିମ୍ ଇଣ୍ଡିଆ ୩-୧ରେ ପରାଜୟର ସାମ୍ନା କରିଥିଲା। ଏହି ପୂରା ସିରିଜରେ ବିରାଟଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା। କେବଳ ପ୍ରଥମ ଟେଷ୍ଟରେ ଶତକୀୟ ଇନିଂସ ଖେଳିଥିବା ବେଳେ ଅନ୍ୟ ମ୍ୟାଚ୍ ଗୁଡ଼ିକରେ ଫ୍ଲପ୍ ହୋଇଥିଲେ ବିରାଟ। ରନ୍ ମେସିନଙ୍କ ବ୍ୟାଟରୁ ସେଭଳି ବଡ଼ ଇନିଂସ ଦେଖିବାକୁ ମିଳିନଥିଲା।

# ଇତିହାସ ରଚିଲେ ବୁମ୍‌ରା

**ଦୁବାଇ, ୨୮।୧:** ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ନିଜ ଜାଜ୍ୱଲ୍ୟମାନ କ୍ରିକେଟ୍ ଜୀବନରେ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିଛନ୍ତି। ୩୧ବର୍ଷୀୟ ବୁମ୍‌ରା ସୋମବାର ୨୦୨୪ ମସିହା ପାଇଁ ଆଇସିସିର ଶ୍ରେଷ୍ଠ ଟେଷ୍ଟ କ୍ରିକେଟର୍ ଘୋଷିତ ହୋଇଛନ୍ତି। ଏହି ପୁରସ୍କାର ପାଇବାରେ ସେ ପ୍ରଥମ ଭାରତୀୟ ଦ୍ରୁତ ବୋଲର ଏବଂ ମୋଟ ଉପରେ ଷଷ୍ଠ ଭାରତୀୟ କ୍ରିକେଟର୍ ହୋଇଛନ୍ତି। ତାଙ୍କ ପୂର୍ବରୁ କେବଳ ‘ଦ ୱାଲ୍’ ରାହୁଲ ଦ୍ରାବିଡ଼ (୨୦୦୪), ଗୌତମ ଗମ୍ଭୀର (୨୦୦୯), ବୀରେନ୍ଦ୍ର ସେହବାଗ (୨୦୧୦), ରବିଚନ୍ଦ୍ରନ୍ ଅଶ୍ୱିନ (୨୦୧୬) ଓ ବିରାଟ କୋହଲି (୨୦୧୮) ଏହି ସମ୍ମାନଜନକ ପୁରସ୍କାର ଲାଭ କରିଛନ୍ତି। ଅତୁଳନୀୟ ପ୍ରତ୍ୟାବର୍ତ୍ତନର ଅସାଧାରଣ ଉଦାହରଣ ସୃଷ୍ଟି କରି ବୁମ୍‌ରା ଗତବର୍ଷ ୧୩ ମ୍ୟାଚ୍ ଖେଳି ୭୧ ୱିକେଟ୍ କରାୟତ୍ତ କରିଛନ୍ତି। ୨୦୨୪ରେ ବର୍ଡର-ଗାଭାସ୍କର ଟ୍ରଫି ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ସହ ଭାରତର ଇଂଲଣ୍ଡ, ବାଂଲାଦେଶ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ଶୃଙ୍ଖଳା ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ସେ।

ଭାରତୀୟ କ୍ରିକେଟ୍ ପାଇଁ ଆଉ ଏକ ଖୁସି ଖବର କ୍ରମରେ ଓପନର୍ ସ୍ମୃତି ମନ୍ଧାନା ଆଇସିସି ମହିଳା ଦିନିକିଆ କ୍ରିକେଟର୍ ଘୋଷିତ ହୋଇଛନ୍ତି। ଭାରତୀୟ ମହିଳା କ୍ରିକେଟ୍ ଦଳର ଉପଅଧିନାୟିକା ମନ୍ଧାନା ଗତବର୍ଷ ଖେଳିଥିବା ୧୩ ପାଳିରୁ ୫୭.୮୬ ହାର ଏବଂ ୯୫.୧୪ ଷ୍ଟ୍ରାଇକ୍ ରେଟ୍‌ରେ ୭୪୭ ରନ୍ ଅମଳ କରିଛନ୍ତି। ଯାହା ହେଉଛି ମହିଳା କ୍ରିକେଟ୍‌ରେ



ସର୍ବାଧିକ। ଏହା ପୂର୍ବରୁ ମନ୍ଧାନା ୨୦୧୮ ମସିହାରେ ମଧ ଏହି ସମ୍ମାନଜନକ ପୁରସ୍କାର କରାୟତ୍ତ କରିଥିଲେ। ବାମହାତୀ ବ୍ୟାଟର୍ ମନ୍ଧାନା ୨୦୨୪ରେ ଚାରିଟି ଶତକ ଅର୍ଜନ କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଲଗାତାର ଦୁଇଟି ଶତକ ହାସଲ କରିବା ପରେ ତୃତୀୟ ଦିନିକିଆରେ ଅଳ୍ପକେ ଶତକରୁ ବଞ୍ଚିତ (୯୦ ରନ୍) ହୋଇଥିଲେ ସେ। ସେହିଭଳି ଅହମଦାବାଦଠାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ତୃତୀୟ ଶତକ ହାସଲ କରିବା ପରେ ପର୍ଥରେ ଅଷ୍ଟ୍ରେଲିଆ ବିପକ୍ଷରେ ଚତୁର୍ଥ ଶତକ ଛୁଇଁଥିଲେ। ସେହିଭଳି ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଦୁଇଟି ଅର୍ଦ୍ଧଶତକ ହାସଲ କରିଥିଲେ।

ଏହି ଅତୁଳନୀୟ ପ୍ରଦର୍ଶନ ଭିତରେ ବୁମ୍‌ରା ମଧ ଅନେକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। କ୍ୟାରିୟର୍ ଶ୍ରେଷ୍ଠ ପ୍ରଦର୍ଶନ ସହ ଆଧୁନିକ କ୍ରିକେଟ୍‌ର ଅନ୍ୟତମ ମହାନ ଦ୍ରୁତ ବୋଲର ଭାବେ ନିଜକୁ ସ୍ଥାପିତ କରିପାରିଛନ୍ତି। ୨୦୨୪ କ୍ୟାଲେଣ୍ଡର୍ ବର୍ଷ ସାରା ବୁମ୍‌ରା ଉଭୟ ଘରୋଇ ଓ ବିଦେଶରେ ବହୁ ବ୍ୟାଟର୍‌ଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଛନ୍ତି। ଦକ୍ଷିଣ ଆଫ୍ରିକାର କେପ୍‌ଟାଉନ୍ ହେଉ କି ଅଷ୍ଟ୍ରେଲିଆର ପର୍ଥ ସବୁଠି ନିଜ ଅଲିଭା ଛାପ ଛାଡ଼ିଛନ୍ତି। ଗତବର୍ଷ ସେ କେବଳ ସର୍ବାଧିକ ୱିକେଟ୍ ନେଇ ନାହାନ୍ତି ୧୪.୯୨ ହାରରେ ଏବଂ ୩୦.୧ ଷ୍ଟ୍ରାଇକ୍ ରେଟ୍‌ରେ ୱିକେଟ୍ ନେଇ ବ୍ୟାଟର୍‌ଙ୍କ ବନ୍ଧୁ ପାଲଟିଥିବା ଆଧୁନିକ କ୍ରିକେଟ୍‌ରେ ନିଜ ଦବଦବା କାୟମ ରଖିଛନ୍ତି। ଏହିବର୍ଷ ବୁମ୍‌ରା କ୍ରିକେଟ୍ ଇତିହାସରେ ସବୁଠାରୁ କମ୍ ହାର (୧୪.୪)ରେ ୨୦୦ ଟେଷ୍ଟ ୱିକେଟ୍‌ର ମାଇଲ୍‌ଖୁଣ୍ଟ ଛୁଇଁଛନ୍ତି। ବର୍ଡର-ଗାଭାସ୍କର ଟ୍ରଫିରେ ସର୍ବାଧିକ ୩୨ ୱିକେଟ୍ ଅକ୍ତିଆର କରି ନୂଆ କୀର୍ତ୍ତିମାନ କରିଥିଲେ ସେ। ଶ୍ରେଷ୍ଠ ଟେଷ୍ଟ କ୍ରିକେଟର୍ ପୁରସ୍କାର ପାଇବା ବାଟରେ ବୁମ୍‌ରା ୨୦୨୪ର ସର୍ବାଧିକ ରନ୍ ସଂଗ୍ରହକାରୀ ଇଂଲଣ୍ଡର ଜୋ ରୁଟ୍, ଇଂଲଣ୍ଡର ତାରକା ବ୍ୟାଟର୍ ହ୍ୟାରି ବ୍ରୁକ୍ ଓ ଶ୍ରୀଲଙ୍କାର କାମିନ୍ଦୁ ମେଣ୍ଡିସ୍‌ଙ୍କ ଭଳି ଖେଳାଳିଙ୍କୁ ପଛରେ ପକାଇଥିଲେ। ଏହା ପୂର୍ବରୁ ବାମହାତୀ ବୋଲର ଅର୍ଶଦୀପ ସିଂହ ଆଇସିସିର ଶ୍ରେଷ୍ଠ ଟ୍ୱେଣ୍ଟି-୨୦ ବୋଲର ଘୋଷିତ ହୋଇଥିବାରୁ ଭାରତୀୟ କ୍ରିକେଟ୍ ପାଇଁ ଏହି ଖବର ଯୁଗଳ ଖୁସି ନେଇ ଆସିଛି। ଆଇସିସି ‘ଏକ୍ସ’ରେ ବୁମ୍‌ରାଙ୍କୁ ଭୂୟସୀ ପ୍ରଶଂସା କରିବା ସହ ତାଙ୍କୁ ଶୁଭକାମନା ଜଣାଇଛି। ବୁମ୍‌ରା ମଧ ଏହି ପୁରସ୍କାର ଲାଗି ଆଇସିସି, ବିସିସିଆଇ, ସାଥୀ ଖେଳାଳି ଓ ପ୍ରଶଂସକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିକାଶ ଶିଖର...

ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପୂର୍ବ ଭାରତ ଦେଶର ପ୍ରଗତିର ଏକ ଅଭିବୃଦ୍ଧି ଇଞ୍ଜିନ୍ ହୋଇଛି ଓ ଏଥିରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଐତିହାସିକ ତଥ୍ୟାନୁଯାୟୀ, ବିଶ୍ୱ ବିକାଶରେ ଯେତେବେଳେ ଭାରତ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା, ସେତେବେଳେ ଏ କ୍ଷେତ୍ରରେ ପୂର୍ବ ଭାରତର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା। ପୂର୍ବ ଭାରତରେ ବୃହତ ଶିଳ୍ପ କେନ୍ଦ୍ର, ବନ୍ଦର ଏବଂ ବାଣିଜ୍ୟ କେନ୍ଦ୍ର ରହିଛି, ଯେଉଁଥିରେ ଓଡ଼ିଶାର ଅବଦାନ ଉଲ୍ଲେଖନୀୟ। ଦକ୍ଷିଣ-ପୂର୍ବ ଏସୀୟ ବାଣିଜ୍ୟ ପାଇଁ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଥିଲା ଓ ରାଜ୍ୟର ବନ୍ଦରଗୁଡ଼ିକ ଭାରତର ପ୍ରବେଶ ଦ୍ୱାର ଥିଲା। ଓଡ଼ିଶାରେ ଆଜି ବି ବାଲିଯାତ୍ରା ପାଳିତ ହେଉଛି। ନିକଟରେ ଭାରତ ଗସ୍ତରେ ଆସିଥିବା ଇଣ୍ଡୋନେସିଆ ରାଷ୍ଟ୍ରପତି ତାଙ୍କ ଡିଏନଏରେ ଓଡ଼ିଶାର ଚିହ୍ନ ଥାଇପାରେ ବୋଲି କହିଥିବା ମୋଦି ମନେ ପକାଇଛନ୍ତି। ତାଙ୍କ କହିବା କଥା ଯେ ଦକ୍ଷିଣ-ପୂର୍ବ ଏସିଆ ସହ ଜଡ଼ିତ ଓଡ଼ିଶା ଏହାର ଐତିହ୍ୟକୁ ପାଳନ କରିଆସିଛି। ଓଡ଼ିଶା ଏବେ ଏକବିଂଶ ଶତାବ୍ଦୀର ଗୌରବମୟ ପରମ୍ପରାକୁ ପୁନର୍ଜୀବିତ କରିବା ଆରମ୍ଭ କରିଛି। ନିକଟରେ ସିଙ୍ଗାପୁର ରାଷ୍ଟ୍ରପତି ଓଡ଼ିଶା ଗସ୍ତରେ ଆସିଥିବା ବେଳେ ସିଙ୍ଗାପୁର ଓଡ଼ିଶା ସହ ସମ୍ପର୍କକୁ ନେଇ ବେଶ୍ ଉତ୍ସାହିତ ଥିବା ପ୍ରକାଶ କରିଥିଲେ। ଓଡ଼ିଶା ସହ ବାଣିଜ୍ୟ ଓ ପାରମ୍ପରିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଆସିଆନ୍ ରାଷ୍ଟ୍ରଗୁଡ଼ିକ ମଧ୍ୟ ଆଗ୍ରହୀ ବୋଲି ସେ ଆଲୋକପାତ କରିଥିଲେ। ସ୍ୱାଧୀନତା ପରଠାରୁ ଏହି ଅଞ୍ଚଳରେ ପୂର୍ବାପେକ୍ଷା ଅଧିକ ସୁଯୋଗ ସୃଷ୍ଟି ହେଉଛି। ଓଡ଼ିଶାର ବିକାଶ ଯାତ୍ରାରେ ପୁଞ୍ଜିନିବେଶ କରିବା ପାଇଁ ଏହା ଉପଯୁକ୍ତ ସମୟ ଓ ସେମାନଙ୍କ ନିବେଶ ସଫଳତାର ନୂତନ ଶିଖରରେ ପହଞ୍ଚାଇବ ବୋଲି ସେ ଆଶ୍ୱାସନା ଦେଇଥିଲେ।

କୋଟି କୋଟି ଲୋକଙ୍କ ଆକାଂକ୍ଷା ଦ୍ୱାରା ପରିଚାଳିତ ଭାରତ ଏକ ଅଭିବୃଦ୍ଧି ପଥରେ ଗତି କରୁଛି ବୋଲି ଉଲ୍ଲେଖ କରି ଶ୍ରୀ ମୋଦି କହିଥିଲେ ଯେ ଏଆଇର ଦୁଇଟି ଅର୍ଥ ରହିଛି- ଗୋଟିଏ ହେଉଛି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ଅନ୍ୟଟି ହେଉଛି ଆସ୍ପିରେସନ ଅଫ ଇଣ୍ଡିଆ, ଯାହାକି ଭାରତର ଶକ୍ତି। ଲୋକଙ୍କ ଚାହିଦା ପୂରଣ ହେଲେ ଆକାଂକ୍ଷା ବଢ଼େ। ଗତ ଦଶନ୍ଧି ଦେଶ ପାଇଁ ଲାଭଦାୟକ ହୋଇଛି ଓ କୋଟି କୋଟି ଲୋକଙ୍କୁ ସଶକ୍ତ କରିଛି। ଓଡ଼ିଶା ଏହି ଆକାଂକ୍ଷାକୁ ପ୍ରତିଫଳିତ କରୁଛି। ଓଡ଼ିଶା ସ୍ୱତନ୍ତ୍ର ଓ ଏହା ନୂତନ ଭାରତର ସକାରାତ୍ମକତା ଏବଂ ମୌଳିକତାର ପ୍ରତୀକ। ଏଠାରେ ଅଗଣିତ ସୁଯୋଗ ରହିଛି ଓ ଏହା ନୂଆ ନୂଆ ସୁଯୋଗ ସୃଷ୍ଟି କରିବା ସହ ଖୁବ୍‌ଶୀଘ୍ର ରାଜ୍ୟ ବିକାଶର ଅଭୂତପୂର୍ବ ଶୀର୍ଷ ଛୁଇଁବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଖାଦ୍ୟ ପ୍ରକ୍ରିୟାକରଣ, ପେଟ୍ରୋକେମିକାଲ୍ସ, ବନ୍ଦର ଭିତ୍ତିକ ବିକାଶ, ମତ୍ସ୍ୟ ଚାଷ, ସୂଚନା ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ବୟନଶିଳ୍ପ, ପର୍ଯ୍ୟଟନ, ଖଣି, ଅକ୍ଷୟ ଶକ୍ତି ଇତ୍ୟାଦି ବିଭିନ୍ନ ଶିଳ୍ପରେ ଓଡ଼ିଶା ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହେଉଛି। ଓଡ଼ିଶାରେ ସମ୍ବଳ ସମ୍ବନ୍ଧୀୟ ଶିଳ୍ପ ଗୁଡ଼ିକ ଯେପରି ରାଜ୍ୟ ଭିତରେ ପ୍ରତିଷ୍ଠା ହୋଇପାରିବ ସେଥିପାଇଁ ସରକାର କାର୍ଯ୍ୟ କରୁଛନ୍ତି। ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍-୨୦୨୫ ଏହି ସ୍ୱପ୍ନକୁ ସାକାର କରିବାର ଏକ ମାଧ୍ୟମ। ଓଡ଼ିଶାରେ ଅକ୍ଷୟ ଶକ୍ତି ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ନୀତିଗତ ନିଷ୍ପତ୍ତି ନିଆଯାଉଛି ଏବଂ ହାଇଡ୍ରୋଜେନ ଶକ୍ତି ଉତ୍ପାଦନ ପାଇଁ ଅନେକ ପଦକ୍ଷେପ ନିଆଯାଉଛି ବୋଲି ମୋଦି କହିଛନ୍ତି। ସବୁଜ ଶକ୍ତି ସହ ଓଡ଼ିଶାରେ ପେଟ୍ରୋ ଓ ପେଟ୍ରୋକେମିକାଲ କ୍ଷେତ୍ରର ସମ୍ପ୍ରସାରଣ ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି। ପାରାଦୀପ ଓ ଗୋପାଳପୁରରେ ଉତ୍ସର୍ଗୀକୃତ ଶିଳ୍ପ ପାର୍କ ଏବଂ ନିବେଶ ଜୋନ୍ ବିକଶିତ କରାଯାଉଛି, ଯାହା ଏହି ଅଞ୍ଚଳରେ ପୁଞ୍ଜିନିବେଶର ଯଥେଷ୍ଟ ସମ୍ଭାବନାକୁ ଦର୍ଶାଉଛି। ରାଜ୍ୟର ବିଭିନ୍ନ ଅଞ୍ଚଳର ସମ୍ଭାବନାକୁ ଦୃଷ୍ଟିରେ ରଖି ତ୍ୱରିତ ନିଷ୍ପତ୍ତି ନେବା ସହ ଏକ ନୂତନ ଇକୋସିଷ୍ଟମ ବିକଶିତ କରିଥିବାରୁ ପ୍ରଧାନମନ୍ତ୍ରୀ ଓଡ଼ିଶା ସରକାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶାର ଆକାଂକ୍ଷା ଅନୁଯାୟୀ ଏକ ଆଧୁନିକ ଇକୋସିଷ୍ଟମ ସୃଷ୍ଟି କରିବା ଦିଗରେ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ଶିଳ୍ପ ସହଯୋଗୀ ଓ ଓଡ଼ିଶା ସରକାର ମିଳିତ ଭାବେ କାର୍ଯ୍ୟ କରିବାକୁ ଶ୍ରୀ ମୋଦି ଆହ୍ୱାନ ଦେଇଛନ୍ତି।

ସେହିପରି ଭାରତରେ ସମ୍ମିଳନୀ ପର୍ଯ୍ୟଟନର ଗୁରୁତ୍ୱପୂର୍ଣ୍ଣ ସମ୍ଭାବନା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଦିଲ୍ଲୀର ଭାରତ ମଣ୍ଡପମ୍ ଏବଂ ଯଶୋଭୂମି ଭଳି ସ୍ଥାନ ଏହି କ୍ଷେତ୍ର ପାଇଁ ଗୋଟିଏ ଗୋଟିଏ ପ୍ରମୁଖ ହବ୍ ପାଲଟିଛି। ଭାରତରେ ସଙ୍ଗୀତ, ନୃତ୍ୟ ଏବଂ କାହାଣୀର ସମୃଦ୍ଧ ଐତିହ୍ୟ ରହିଛି ଏବଂ ବହୁ ସଂଖ୍ୟକ ଯୁବ ସଙ୍ଗୀତ ଦର୍ଶକ ଅଛନ୍ତି ଯେଉଁମାନଙ୍କର କନସର୍ଟ ଅର୍ଥନୀତି ପାଇଁ ବିପୁଳ ସମ୍ଭାବନା ରହିଛି। ଗତ ଦଶନ୍ଧି ମଧ୍ୟରେ ଲାଇଭ୍ ସୋ’ର ଟ୍ରେଣ୍ଡ ଏବଂ ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଇଛି, ଯାହାର ପ୍ରମୁଖ ଉଦାହରଣ ମୁମ୍ବାଇ ଓ ଅହମ୍ମଦାବାଦରେ ଆୟୋଜିତ କୋଲ୍ଡପ୍ଲେ କନସର୍ଟ। ଆସନ୍ତା ମାସରେ ଭାରତ ପ୍ରଥମ ଥର ପାଇଁ ବିଶ୍ୱ ଅଡିଓଭିଜୁଆଲ ଏବଂ ମନୋରଞ୍ଜନ ଶିଖର ସମ୍ମିଳନୀ (ୱେଭ୍ସ) ଆୟୋଜନ କରିବ। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ବିଶ୍ୱକୁ ଭାରତର ସୃଜନଶୀଳ ଶକ୍ତି ଦେଖାଇବ ବୋଲି ସେ ଉଲ୍ଲେଖ କରିଥିଲେ।

କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

### ଓଡ଼ିଶା ପୂର୍ବୋଦୟର...

ଓଡିଶାରେ ପର୍ଯ୍ୟାପ୍ତ ସୁଯୋଗ ଓ ଭିତ୍ତିଭୂମି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଦିଲ୍ଲୀ, ମୁମ୍ବାଇ ଓ ସିଙ୍ଗାପୁରରେ ରୋଡ ଶୋ’ ପରେ ରାଜ୍ୟରେ ପୁଞ୍ଜିନିବେଶ ପାଇଁ ନିବେଶକ ଯେଉଁ ଭରସା ପାଇଛନ୍ତି, ତାହା ଆଜିର ଏହି ସମ୍ମିଳନୀରୁ ପ୍ରମାଣିତ ହେଉଛି। ସପ୍ତାହେ ପୂର୍ବେ ଓଡିଶା ଗସ୍ତରେ ଆସିଥିବା ସିଙ୍ଗାପୁର ରାଷ୍ଟ୍ରପତି ରାଜ୍ୟରେ ୮ଟି କ୍ଷେତ୍ର ପାଇଁ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ ଓଡିଶା ନିଜର ଦକ୍ଷତା ପ୍ରତିପାଦିତ କରିବ। ରାଜ୍ୟରେ ପୁଞ୍ଜିନିବେଶ ପାଇଁ ଆଗ୍ରହୀ ନିବେଶକଙ୍କ ପାଇଁ ସିଙ୍ଗଲ-ୱିଣ୍ଡୋ ବ୍ୟବସ୍ଥା ରହିଛି। ନିବେଶକ ଅଧାପାଦ ଚାଲିଲେ ରାଜ୍ୟ ସରକାର ତିନି ପାଦ ଚାଲିବେ, ଏହି ପ୍ରତିଶ୍ରୁତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ।

ରାଜ୍ୟରେ ବିଶ୍ୱସ୍ତରୀୟ ଶିଳ୍ପ ଭିତ୍ତିଭୂମୀ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ଶିଳ୍ପ ପାର୍କ ପାଇଁ ବିଦେଶୀ ପୁଂଜିନିବେଶ ଠାରୁ ଆରମ୍ଭ କରି ସବୁ ଜିଲ୍ଲାରେ ବୟନ, ଖାଦ୍ୟପ୍ରକ୍ରିୟାକରଣ ଓ ଏମଏସଏମଇ ପାର୍କ ପ୍ରତିଷ୍ଠା କରାଯିବ ବୋଲି ସେ କହିଛନ୍ତି। କିଛି ନିର୍ଦ୍ଦିଷ୍ଟ ଜିଲ୍ଲାରେ ଶିଳ୍ପ ବିକାଶକୁ ସୀମିତ ନରଖି ଚିରାଚରିତ ଭାବେ ଅବହେଳିତ ମାଲକାନଗିରି, ରାୟଗଡା ଓ କେନ୍ଦୁଝର ପରି ଜିଲ୍ଲାରେ ପହଁଚିବ ଶିଳ୍ପାୟନର ଇଂଜିନ। ଏହିସବୁ ଜିଲ୍ଲାରେ ଅକ୍ଷୟ ଶକ୍ତି, ଖାଦ୍ୟ ପ୍ରକ୍ରିୟାକରଣ ଓ ବୟନ ଶିଳ୍ପର ବିକାଶ କରାଯିବ। କେବଳ ଖଣି ଭିତ୍ତିକ ଶିଳ୍ପ ନୁହେଁ, ପେଟ୍ରୋକେମିକାଲ, ଗ୍ରୀନ ହାଇଡ୍ରୋଜେନ, ଆଇଟି, ଫାର୍ମାସ୍ୟୁଟିକାଲ, ଭଳି ଶିଳ୍ପକୁ ମଧ୍ୟ ସମାନ ଗୁରୁତ୍ୱ ଦେଉଛନ୍ତି ସରକାର। ସେହିଭଳି ନିବେଶକଙ୍କ ପାଇଁ ଆବଶ୍ୟକ ଦକ୍ଷ ମାନବ ସମ୍ବଳ ଯୋଗାଇଦେବାକୁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ସ୍କିଲଡ ଇନ ଓଡିଶା କାର୍ଯ୍ୟକ୍ରମ। ସେମିକଣ୍ଡକ୍ଟର, ଆଇ ଓ ଆଇଟିଇଏସ ଭଳି ଆଧୁନିକ ଯୁଗର ଆବଶ୍ୟକତାକୁ ଦେଖି ମାନବ ସମ୍ବଳର ବିକାଶ କରାଯାଉଛି।

ସମସ୍ତଙ୍କ ସମର୍ଥନ ଓ ଦୂରଦୃଷ୍ଟିକୁ ପାଥେୟ କରି ୨୦୩୬ ସୁଦ୍ଧା ଆମେ ଓଡିଶାକୁ ସମୃଦ୍ଧ କରିବୁ। ଭାରତକୁ ବିଶ୍ୱର ତୃତୀୟ ସବୁଠାରୁ ବଡ଼ ଅର୍ଥ ବ୍ୟବସ୍ଥା ଭାବେ ବିକଶିତ କରିବା ପାଇଁ ଆପଣଙ୍କ ଯେଉଁ ସଂକଳ୍ପ ରହିଛି, ସେଥିରେ ଓଡିଶାର ବିଶେଷ ଯୋଗଦାନ ରହିବ। ଓଡିଶାର ଶିଳ୍ପ ବିକାଶ କେବଳ ଆମ ରାଜ୍ୟ ପାଇଁ ନୁହେଁ, ସାରା ଭାରତ ପାଇଁ ପ୍ରଗତି ଓ ବିକାଶର ଏକ ମଡେଲ ଭାବେ କାର୍ଯ୍ୟ କରିବ।

### ପୂର୍ବତନ ରାଜ୍ୟପାଳ...

ଭୁବନେଶ୍ୱରରୁ ହାଇଦ୍ରାବାଦ ଏୟାରଲିଫ୍ଟ କରାଯାଇଥିବା ଜଣାପଡ଼ିଛି। ନିକଟରେ ମଧ୍ୟ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାରୁ ଶ୍ରୀ ହରିଚନ୍ଦନଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। କିଛି ଦିନ ଚିକିତ୍ସିତ ହେବା ପରେ ସେ ସୁସ୍ଥ ହୋଇ ଫେରିଥିଲେ। କିନ୍ତୁ ଏବେ ପୁନର୍ବାର ଶ୍ରୀ ହରିଚନ୍ଦନ ଅସୁସ୍ଥ ହୋଇଛନ୍ତି।

ସୂଚନାଯୋଗ୍ୟ ଯେ ୮୪ ବର୍ଷୀୟ ଶ୍ରୀ ହରିଚନ୍ଦନ ଦେଶର ଜରୁରୀକାଳୀନ ପରିସ୍ଥିତି ସମୟରେ ଗୃହବନ୍ଦୀ ହୋଇଥିଲେ। ୧୯୭୭ରେ ଜନତା ପାର୍ଟି ପକ୍ଷରୁ ସେ ପ୍ରଥମ ଥର ପାଇଁ ବିଧାନସଭାକୁ ଚିଲିକା ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ। ୧୯୯୬ରେ ବିଜେପିରେ ସାମିଲ୍ ହେବା ପରେ ଭୁବନେଶ୍ୱରରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ ନବୀନ ପଟ୍ଟନାୟକଙ୍କ କ୍ୟାବିନେଟ୍‌ରେ ଆଇନ, ଅବକାରୀ ମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି। ପରବର୍ତ୍ତୀ ସମୟରେ ସେ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ରାଜ୍ୟପାଳ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି।

### ଛାତ୍ରୀ ଅସଦାଚରଣ...

ଦପ୍ତରର ଦୁଇ ଜଣ ଅଧିକାରୀଙ୍କୁ କଲେଜକୁ ପଠାଇ ଘଟଣା ସଂକ୍ରାନ୍ତରେ ଅଧ୍ୟକ୍ଷାଙ୍କୁ ଅବଗତ କରିଥିଲେ। ଅଧ୍ୟକ୍ଷା ଏହା ଜାଣିବା ପରେ ଇଗ୍ନୋ ପରୀକ୍ଷା ଦାୟିତ୍ୱ ତୁଲାଉଥିବା ସମସ୍ତଙ୍କୁ ଧାଡ଼ିକରି ଛିଡା କରାଇ ଅଧ୍ୟକ୍ଷା ଦୁର୍ବ୍ୟବହାର କରିଥିବା ଅଧ୍ୟାପକଙ୍କୁ ଚିହ୍ନିବାକୁ ଛାତ୍ରୀ ଜଣଙ୍କୁ କହିଥିଲେ। ତୁରନ୍ତ ଛାତ୍ରୀ ଜଣଙ୍କ ସମ୍ପୃକ୍ତ ଅଧ୍ୟାପକଙ୍କୁ ଚିହ୍ନଟ କରିଥିଲେ।

ଏତେ ସବୁ ପରେ ବି କଲେଜ କର୍ତ୍ତୃପକ୍ଷ ଘଟଣାକୁ ଚାପିବାକୁ ସବୁ ପ୍ରକାର ଉଦ୍ୟମ କରିଥିଲେ। ହେଲେ ଏହା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ କଲେଜର କିଛି ପୁରାତନ ଛାତ୍ର ଏଥିରେ ହସ୍ତକ୍ଷେପ କରିବା ପରେ ମାମଲା ଭିନ୍ନ ମୋଡ଼ ନେଇଛି। ସୂଚନାନୁଯାୟୀ ଅଧ୍ୟକ୍ଷା ବାଧ୍ୟ ହୋଇ ଘଟଣାର ତଦନ୍ତ ପାଇଁ ତିନିଜଣିଆ କମିଟି ଗଠନ କରିଛନ୍ତି। ଏହି କମିଟିର ସଦସ୍ୟମାନେ ସବୁ ଜାଣିଥିବାରୁ ତାଙ୍କ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ନାକ୍ ଟିମ୍ ସମୟରେ ରିପୋର୍ଟ ଦାଖଲ କଲେ କାଳେ କିଛି ଅଘଟଣ ଘଟିବ, ସେଥିପାଇଁ ଟିମ୍ ଯିବା ପରେ ହିଁ ଏହି ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

### କେନ୍ଦୁଝରରେ...

ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏହି କନ୍‌କ୍ଲେଭରେ ଏଲ୍.ଏନ୍. ମିତ୍ତଲ, କୁମାର ମଙ୍ଗଳମ୍ ବିର୍ଲା, ଅନିଲ ଅଗ୍ରୱାଲ, ସଜ୍ଜନ ଜିନ୍ଦଲ, ନବୀନ ଜିନ୍ଦଲ, କରଣ ଆଦାନୀ, ଟି.ଭି. ନରେନ୍ଦ୍ରନଙ୍କ ଭଳି ଦେଶର ବଡ଼ ବଡ଼ ଶିଳ୍ପପତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାଛଡ଼ା ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭରେ ୧୦୦ରୁ ଉର୍ଦ୍ଧ୍ୱ ଶିଳ୍ପପତିଙ୍କ ସହ ଏମ୍‌ଓୟୁ ସ୍ୱାକ୍ଷର ପାଇଁ ରାଜ୍ୟ ସରକାର ଯୋଜନା କରିଛନ୍ତି। ଶିଳ୍ପ, ଆଇଟି, ଖାଦ୍ୟ ପ୍ରକ୍ରିୟାକରଣ, ପେଟ୍ରୋକେମିକାଲ୍ସ, ଏମ୍‌ଏସ୍‌ଏମ୍‌ଇ, ସେମିକଣ୍ଡକ୍ଟର ଭଳି ବିଭିନ୍ନ କ୍ଷେତ୍ରରେ ବ୍ୟାପକ ପୁଞ୍ଜି ନିବେଶ ପାଇଁ ନିବେଶକାରୀଙ୍କ ସହ ଆଲୋଚନା କରି ରାଜ୍ୟ ସରକାର ଆଗକୁ ବଢ଼ିବେ।

ଗଣମାଧ୍ୟମକୁ ସୂଚନା ଦେଇ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ ଏକ ଐତିହାସିକ ଓ ଯୁଗାନ୍ତକାରୀ ପଦକ୍ଷେପ ହେବ। ଏହି କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ। ଆଗାମୀ ଦିନରେ ଓଡ଼ିଶା ଶିଳ୍ପ ଅଗ୍ରଣୀ ରାଜ୍ୟରେ ପରିଣତ ହେବ। ପୂର୍ବ ସରକାର ସମୟରେ ଦୁଇ ଦଶନ୍ଧି ଧରି ସବୁପ୍ରକାର ସମ୍ଭାବନା ଥାଇ ବି ଓଡ଼ିଶା ଶିଳ୍ପର ମରୁଭୂମି ପାଲଟିଥିଲା। ଶିଳ୍ପ କ୍ଷେତ୍ରରେ ଓଡ଼ିଶା ବହୁତ ଆଗକୁ ଯିବ। ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ସହ ଶିଳ୍ପର ଇକୋ ହବ୍ କରିବା ସରକାରଙ୍କ ଲକ୍ଷ୍ୟ ରହିଛି। ଓଡ଼ିଶାର ପ୍ରତ୍ୟେକ ଜିଲା କିଭଳି ଶିଳ୍ପ କ୍ଷେତ୍ରରେ ଆଗକୁ ଯିବ ତାହା ସରକାରଙ୍କ ପରିକଳ୍ପନା। ମେକ୍ ଇନ୍ ଇଣ୍ଡିଆ ପ୍ରଧାନମନ୍ତ୍ରୀଙ୍କର ବ୍ରେନ୍ ଚାଇଲ୍ଡ ଥିଲା। ଦେଶ ବିଦେଶରୁ ବଡ଼ ବଡ଼ ନିବେଶକମାନେ ଆସିଥିଲେ ଏବଂ ଭାରତର ବିଭିନ୍ନ ସ୍ଥାନରେ ପୁଞ୍ଜି ନିବେଶ କରିଥିଲେ। ସେହିପରି ଓଡ଼ିଶାର ପ୍ରତ୍ୟେକ ଜିଲାରେ ନିବେଶକମାନେ ନିବେଶ କରିବେ।

### ନିରଞ୍ଜନଙ୍କ...

ନିଜ କ୍ୟାବିନେଟ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଭଳି ସମ୍ବେଦନଶୀଳ ଘଟଣାକୁ ନେଇ ରାଜନୀତି ନକରିବାକୁ ବିରୋଧୀ ଦଳକୁ ବିଧାନସଭାରେ ପରାମର୍ଶ ଦେଉଥିଲେ ନବୀନ। ସେହି ନବୀନ ଆଜି ନିରଞ୍ଜନଙ୍କ ଘରୁ ଚୋରି ଘଟଣାକୁ ନେଇ ରାଜନୀତି କରିବା କେବଳ ତାଙ୍କୁ ଚର୍ଚ୍ଚାର ବଳୟକୁ ଟାଣିନାହିଁ, ବରଂ ଲୋକହସା କରିବାରେ ଲାଗିଛି। ନବୀନଙ୍କ ପରାମର୍ଶଦାତାମାନେ ଯେଭଳି ତାଙ୍କୁ ଚୋରି ମାମଲାର ବିବାଦ ଭିତରକୁ ଟାଣୁଛନ୍ତି ତାହା ଆଗାମୀ ଦିନରେ ବିଜେଡି ପାଇଁ କାଳ ହେବ ବୋଲି ଦଳୀୟ କର୍ମୀମାନେ ଖୋଲାଖୋଲି ଭାବେ କହୁଛନ୍ତି।

### ବିଜେଡି ଷ୍ଟାଇଲ୍‌ରେ...

ରାଜ୍ୟ ବିଜେଡି ସଂଗଠନ ସମ୍ପାଦକଙ୍କ ଖାସ୍ ଲୋକ ଥିବାରୁ ତାଙ୍କୁ ରାଜଧାନୀକୁ ଆଣି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଦିଆଯାଇଛି। ସାମ୍ବାଦିକମାନଙ୍କ ସହିତ ସମ୍ପର୍କ ଯୋଡ଼ିବା ବଦଳରେ କିଭଳି କଟିବ ସିଏ ସେହି କାର୍ଯ୍ୟଟିକୁ ସୁଚାରୁ ରୂପେ କରୁଥିବା ନେଇ ଆଲୋଚନା ହେଉଛି। ସେହିଭଳି ବିଭାଗରେ ଆଉ କିଛି ବାବୁ, ଯେଉଁମାନେ ଦୀର୍ଘଦିନ ହେଲା ରାଜଧାନୀରେ ଆସ୍ଥାନ ଜମାଇଛନ୍ତି ସେମାନେ ବି ପୁରୁଣା ଷ୍ଟାଇଲରେ କାର୍ଯ୍ୟ କରୁଛନ୍ତି। ଏଭଳି କାର୍ଯ୍ୟଦ୍ୱାରା ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାର କେବଳ ଅପବାଦ ପାଉଥିବା କୁହାଯାଉଛି।

ତେଣୁ ମୁଖ୍ୟମନ୍ତ୍ରୀ ତୁରନ୍ତ ନିଜ ହାତରେ ରଖିଥିବା ଏହି ବିଭାଗ ସମୀକ୍ଷା କରିବା ସହିତ ଗଣମାଧ୍ୟମ ପ୍ରତି ପୂର୍ବ ସରକାର ଷ୍ଟାଇଲରେ ମନୋଭାବ ପୋଷଣ କରୁଥିବା ବାବୁଙ୍କୁ ତାଗିଦା କରିବାକୁ ମତ ପ୍ରକାଶ ପାଉଛି । ନହେଲେ ଯେତେ ଯାହା ଭଲ କାମ ହାତକୁ ନେଲେ ବି ତାହାକୁ ଏହି ବାବୁମାନେ ଭଣ୍ଡୁର କରିବାକୁ ବେଶିଦିନ ଲାଗିବ ନାହିଁ।

### ପ୍ରଥମ ଦିନରେ...

ଅଧ୍ୟକ୍ଷ ନବୀନ ଜିନ୍ଦଲ ମଧ୍ୟ କେନ୍ଦୁଝରରେ ଷ୍ଟିଲ ପ୍ଲାଣ୍ଟ ବସାଇବାକୁ ଇଚ୍ଛା ପ୍ରକାଶ କରିଛନ୍ତି ।

ଉତ୍କର୍ଷ ଓଡ଼ିଶା କନକ୍ଲେଭ ସରିବା ବେଳକୁ ମୁଖ୍ୟମନ୍ତ୍ରୀ ଯେଉଁ ପୁଞ୍ଜିନିବେଶ ଲକ୍ଷ୍ୟ ରଖିଛନ୍ତି, ତାହା ପୂରଣ ହୋଇପାରିବ ବୋଲି ଆଶା। ସେହିପରି ପାରାଦୀପରେ ୧୨ ମିଲିୟନ୍ ଟନ୍ ଷ୍ଟିଲ୍ ପ୍ଲାଣ୍ଟ କାମ ଆରମ୍ଭ ହୋଇଛି। ଝାରସୁଗୁଡ଼ାରେ ପ୍ଲାଣ୍ଟର ସମ୍ପ୍ରସାରଣ କରିବ ଜେଏସଡବ୍ଲୁ। ଓଡ଼ିଶାରେ କୁମାର ମଙ୍ଗଳମ୍ ବିର୍ଲାଙ୍କ କମ୍ପାନୀ ୫୦ ହଜାର କୋଟି ନିବେଶ କରିବାକୁ ଯୋଜନା ରଖିଛି। ବିଶେଷ କରି ଆଲୁମିନିୟମ୍ ରିଫାଇନାରୀ ଓ ଆଲୁମିନିୟମ୍ ସ୍ମେଲଟିଂ କରିବ ବିର୍ଲା ଗ୍ରୁପ୍। ବେଦାନ୍ତ ରାୟଗଡ଼ାରେ ୩୦ ଲକ୍ଷ ଟନ୍ ଆଲୁମିନିୟମ୍ ପ୍ଲାଣ୍ଟ କରିବାକୁ ଯୋଜନା ରଖିଛି।

ଏନେଇ ସୂଚନା ଦେଇଛନ୍ତି ଅନୀଲ ଅଗ୍ରୱାଲ୍। ଆଇଓସିଏଲ ୭୦ ହଜାର କୋଟିର ପୁଞ୍ଜିନିବେଶ ପାଇଁ ଆଗ୍ରହ ଦେଖାଇଛି। ପାରାଦୀପ ଓ ଭଦ୍ରକରେ ପେଟ୍ରୋକେମିକାଲ୍ କ୍ଷେତ୍ରରେ ନିବେଶ ଯୋଜନା କରିଛି ଆଇଓସିଏଲ। ସେହିପରି ଆବାଡ଼ା ଗ୍ରୁପ୍-୨୦ ହଜାର କୋଟିର ପୁଞ୍ଜି ନିବେଶ କରିବ। ଗୋପାଳପୁର ସହ ପାରାଦୀପରେ ପ୍ରକଳ୍ପ ଆରମ୍ଭ ହେବ। ଏମାନଙ୍କ ବ୍ୟତୀତ ବହୁ ଶିଳ୍ପପତି ଓ ପୁଞ୍ଜିପତି ବି ଓଡ଼ିଶାରେ ନିବେଶ ନେଇ ଆଗ୍ରହ ପ୍ରକାଶ କରିଥିବା ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ଜଣାଇଛନ୍ତି।

### ଛାତ୍ରୀ ଅସଦାଚରଣ...

ଷ୍ଟାର୍ଟଅପ ଦୃଶ୍ୟପଟ୍ଟରେ ଓଡ଼ିଶାର ଅଭ୍ୟୁଦୟ’ କଥାବସ୍ତୁରେ କେନ୍ଦ୍ରମନ୍ତ୍ରୀ ତାଙ୍କ ମତ ଉପସ୍ଥାପନ କରିଛନ୍ତି। ଏପରି ଏକ ମେଗା ଇଭେଣ୍ଟ ଆୟୋଜନ କରିଥିବାରୁ ସେ ରାଜ୍ୟ ସରକାରଙ୍କୁ ଅଭିନନ୍ଦନ ଜଣାଇବା ସହ ଉତ୍କର୍ଷ ଓଡ଼ିଶା କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ଏହା ‘ପୂର୍ବୋଦୟ’ର ଗର୍ବ ଓ ଗୌରବ ଏବଂ ପୂର୍ବୋଦୟ ମିଶନକୁ ସଫଳ କରିବା ପାଇଁ ଏହି ଉତ୍କର୍ଷ ଓଡ଼ିଶାର ଆୟୋଜନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଛନ୍ତି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଆମ ରାଜ୍ୟର ବାଣିଜ୍ୟ, ଉଦ୍ଭାବନ ଓ ଶିଳ୍ପର ପରମ୍ପରା ରହିଛି ଏବଂ ଶିଳ୍ପ ବିପ୍ଳବ ୪.୦ରେ ଓଡ଼ିଶାର ନେତୃତ୍ୱ ନେବାର ଉଭୟ ଆକାଂକ୍ଷା ଓ ଦାୟିତ୍ୱ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାକୁ ସବୁବେଳେ ପ୍ରାଥମିକତା ଦେଇଆସିଛନ୍ତି। ମୋଦି ସରକାରଙ୍କ ଯୋଜନା, ନୀତି ଓ ସଂସ୍କାରରେ ଓଡ଼ିଶା ସବୁଠୁ ଅଧିକ ଲାଭବାନ ହୋଇଛି। ଭାରତକୁ ବୁଝିବା ପାଇଁ ହେଲେ ଓଡ଼ିଶାକୁ ବୁଝିବାକୁ ହେବ। ଓଡ଼ିଶାର ବିକାଶ ନ ହେଲେ ପୂର୍ବ ଭାରତର ବିକାଶ ହୋଇପାରିବ ନାହିଁ। ଓଡ଼ିଶାର ସାମଗ୍ରିକ ବିକାଶକୁ ଅଗ୍ରାଧିକାର ଦେଇ ପ୍ରଧାନମନ୍ତ୍ରୀ ଏଠାରେ ପୁଞ୍ଜିନିବେଶ କରିବା ପାଇଁ ସମସ୍ତ ନିବେଶକଙ୍କୁ ଆହ୍ୱାନ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଉତ୍କର୍ଷ ଓଡ଼ିଶାରେ ଅନେକ କ୍ଷୁଦ୍ର, ମଧ୍ୟମ ଓ ବୃହତ ଶିଳ୍ପର ନିବେଶକମାନେ ସାମିଲ ହୋଇଛନ୍ତି । ଉତ୍କର୍ଷ ଓଡ଼ିଶାକୁ ନେଇ ଓଡ଼ିଆ ପିଲାମାନଙ୍କ ମଧ୍ୟରେ ଅଭୁତପୂର୍ବ ଉତ୍ସାହ ବଢ଼ିଛି। ନୂଆ ଷ୍ଟାର୍ଟଅପ୍ ପରିସଂସ୍ଥାନ ଓ ନୂଆ ପୁଞ୍ଜି ନିବେଶକାରୀଙ୍କୁ ଆମକୁ ସୃଷ୍ଟି କରିବା ପାଇଁ ହେବ। ଏଥିପାଇଁ ରାଜ୍ୟରେ ବଡ଼ ବଡ଼ ଶିଳ୍ପ ପ୍ରତିଷ୍ଠା ହେବାର ଆବଶ୍ୟକତା ରହିଛି। ଏଥିପାଇଁ ରାଜ୍ୟ ସରକାର ନୂଆ ଷ୍ଟାର୍ଟଅପ ପଲିସି ଆଣୁଛନ୍ତି। ଏହାଦ୍ୱାରା ରାଜ୍ୟରେ ପୁଞ୍ଜିନିବେଶ ବଢ଼ିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ତେବେ ଆମ ପାଇଁ ପ୍ରାଥମିକ ଚ୍ୟାଲେଞ୍ଜ ହେଉଛି ରାଜ୍ୟର ସମସ୍ତ ସମ୍ଭାବନାକୁ ଓଡ଼ିଶାରେ ଉପଯୋଗ କରିବା । ଦେଶର ୧.୫ ଲକ୍ଷ ଷ୍ଟାର୍ଟଅପ୍ ମଧ୍ୟରୁ ଓଡ଼ିଶାରେ କେତୋଟି ଷ୍ଟାର୍ଟଅପ୍ ଅଛି, ସେଥିପାଇଁ ଆତ୍ମସମୀକ୍ଷା କରିବାକୁ ହେବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

ସେ କହିଛନ୍ତି ଯେ ଆସନ୍ତା ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପୂରଣ କରିବାକୁ ଥିବା ବେଳେ ସେହି ସମୟ ସୁଦ୍ଧା ହାରାହାରି ୧୦୦ କୋଟି ଟଙ୍କା ଲେଖାଁଏ ମୂଲ୍ୟର ୧୦୦ଟି ଷ୍ଟାର୍ଟଅପ୍ ସୃଷ୍ଟି କରିବା ଲକ୍ଷ୍ୟ ରହିଛି।

ଏହି ଲକ୍ଷ୍ୟ ପୂରଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଷ୍ଟାର୍ଟଅପଗୁଡ଼ିକୁ ନିବେଶକଙ୍କ ସହ ସମନ୍ୱୟ ସ୍ଥାପନ ସକାଶେ ଆବଶ୍ୟକ ସମ୍ବଳ, ସହଯୋଗ ଓ ଆର୍ଥିକ ସହାୟତା ପ୍ରଦାନ କରାଯିବ। ସେତେବେଳେ ଯେପରି ୧୦୦ ଜଣ ଉଦ୍ୟମୀ ବାହାରିବେ, ସେଥିପାଇଁ ଯୋଜନା କରାଯିବ। ବିଶ୍ୱବିଦ୍ୟାଳୟରେ ପାଠପଢ଼ା ଗବେଷଣା ଆଧାରିତ ହେଲେ ଯୁବପିଢ଼ିଙ୍କ ମଧ୍ୟରେ ଷ୍ଟାର୍ଟଅପର ସୃଜନଶୀଳତା ବଢ଼ିବ। ରାଜ୍ୟରେ ଆଇଆଇଟି ଭୁବନେଶ୍ୱର, ରେଭେନ୍ସା ବିଶ୍ୱବିଦ୍ୟାଳୟ, ଏନଆଇଟି ରାଉରକେଲା ଭଳି ନାମୀଦାମୀ ଆମ ଯୁବବର୍ଗଙ୍କ ଭବିଷ୍ୟତ ଗଢ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ।

ମିଲ୍କ ମନ୍ତ୍ର ଭଳି ଷ୍ଟାର୍ଟଅପ୍‌ର ସଫଳତା ପ୍ରମାଣ କରୁଛି ଯେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉତ୍କର୍ଷ ହାସଲ କରିବା ପାଇଁ ଓଡ଼ିଶାର ପ୍ରତିଭା, ଚିନ୍ତାଧାରା ଓ ସଂକଳ୍ପ ରହିଛି। ଓଡ଼ିଆ ପିଲାମାନଙ୍କ ମଧ୍ୟରେ ରୋଜଗାର ଦେବା ଚିନ୍ତାଧାରାକୁ ପୁଷ୍ଟ କରାଯିବା ଉଚିତ। ଡବଲ ଇଞ୍ଜିନ ସରକାରରେ ସାଢେ ୪ କୋଟି ଓଡ଼ିଆଙ୍କ ଭାଗ୍ୟ ବଦଳିବ। ସମସ୍ତେ ମିଳିମିଶି ଓଡ଼ିଶାକୁ ଉଦ୍ଭାବନ, ଉଦ୍ୟୋଗ ଓ ସୁଯୋଗର ଏକ ବିଶ୍ୱସ୍ତରୀୟ କେନ୍ଦ୍ରରେ ପରିଣତ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି।

# ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ପଦ୍ମପୁରରେ ଫୁଟିନି ବିକାଶ ଫୁଲ

**ନା ଅଛି ଘର, ନା ଅଛି ରାସ୍ତା, ନା ଅଛି ପାନୀୟ ଜଳର ବ୍ୟବସ୍ଥା**
**ମିଳିନି ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ଶୌଚାଳୟ**
**୬ ଆଦିବାସୀ ପରିବାର ପାଇଁ ସରକାରୀ ଯୋଜନା ଅପହଞ୍ଚ**

**କଳାହାଣ୍ଡି, ୨୮।୧ (ସଂଚାର ବ୍ୟୁରୋ) :** ସରକାର ସାଧାରଣ ଜନତାଙ୍କ ପାଇଁ ଅନେକ ଯୋଜନା କରି ବିକାଶର ନାରା ଦେଇ ଡିଣ୍ଡିମ ପିଟୁଛନ୍ତି । ହେଲେ ତାହା ବାସ୍ତବରେ ସବୁ ମିଛ ବୋଲି ପ୍ରମାଣିତ ହୋଇଛି ଗୋଲାମୁଣ୍ଡା ବ୍ଲକରେ । ସ୍ୱାଧୀନତାର ଦିର୍ଘ ବର୍ଷ ପରେ ମଧ୍ୟ ୬ ଆଦିବାସୀ ପରିବାରର ବିକାଶର ସୂର୍ଯ୍ୟ ଦେଖି ପାରିନାହାନ୍ତି । ଏହି ଆଦିବାସୀମାନେ ମୁଣ୍ଡ ଗୁଞ୍ଜିବା ପାଇଁ ନା ଅଛି ଘର, ନା ଚାଲିବା ପାଇଁ ଅଛି ଭଲ ରାସ୍ତାଟିଏ ନା ଅଛି ପାନୀୟଜଳର ବ୍ୟବସ୍ଥା ଅବା ନା ଅଛି ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ଶୌଚାଳୟ। ରାଜନେତା, ପ୍ରଶାସନ ଓ ନିର୍ବାଚିତ ପ୍ରତିନିଧି ମାନଙ୍କ ଅଣଦେଖା ଯୋଗୁଁ ଆଜି ଏହି ଆଦିବାସୀମାନେ ବିକାଶର ସୂର୍ଯ୍ୟ ଦେଖି ପାରୁନାହାନ୍ତି ।

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଉଛଳା ପଞ୍ଚାୟତର ଆଇଁଲି ଗ୍ରାମର ଏକ ସାହି ବା ପଡ଼ା ନାଁ ହେଉଛି ପଦ୍ମପୁର । ଏହି ପଡ଼ାରେ ଆଜିକୁ ଦୀର୍ଘ ୭୬ ବର୍ଷ ହେଲାଣି ୬ଟି ଆଦିବାସୀ ପରିବାର ବସବାସ କରିଆସୁଛନ୍ତି । ବର୍ତ୍ତମାନ ଏହି ଛୋଟ ପଡ଼ାରେ ଛୋଟ ବଡ଼ ମିଶି ୨୦ ରୁ ଅଧିକ ଲୋକ ରହୁଛନ୍ତି । ସରକାରୀ ଯୋଜନା ଏହି ଆଦିବାସୀ ମାନଙ୍କ ପାଇଁ ଅପହଞ୍ଚ ପାଲଟିଛି । ସରକାର ବାହା ବତାସକୁ ନାହିଁ ଡର, ମୁଣ୍ଡ ଉପରେ ପକା ଘର ନାରା ଦେଉଥିବା ବେଳେ ବାସ୍ତବରେ ଏହା ଫେଲ ମାରିଛି। ଘର ନ ଥିବା ବେଳେ ଚାଳ ଘରେ ଉପରେ ଜରିପାଳ ଦେଇ ବସବାସ କରୁଛନ୍ତି । ଏହି ପଦ୍ମପୁର ଗ୍ରାମବାସୀଙ୍କ ପାଇଁ ସବୁ ଦିନିଆ ରାସ୍ତା ନ ଥିବା ବେଳେ ଲୋକେ ଜମିକୁ ଯିବା ପାଇଁ ହିଡ଼ ରାସ୍ତା ନିର୍ମାଣ କରିଥିବା ରାସ୍ତାରେ ଏହି ଆଦିବାସୀମାନେ ଯିବା ଆସିବା କରିଥାନ୍ତି ।

ସେହିଭଳି ସ୍ୱଚ୍ଛ ପାନୀୟ ଜଳ ଆଦିବାସୀ ମାନଙ୍କ ପାଇଁ ଅଭିଶାପ ପାଲଟିଛି । ଗୋଟିଏ ବି ନଳକୂପ ନ ଥିବା ବେଳେ ବର୍ଷ ବର୍ଷ ଧରି କୂଅର ପାଣିକୁ ବ୍ୟବହାର କରୁଛନ୍ତି। ଯଦିଓ ସେହି କୂପର ପାଣି ସରିଯାଏ ତାହେଲେ ୨ କିଲୋମିଟର ଦୂର ଉଚ୍ଛଳା ଗ୍ରାମ ମାଲପଡ଼ାର ନଳକୂପକୁ ଯାଇ ପାଣି ଆଣି ବ୍ୟବହାର କରନ୍ତି । ଆଉ ଗାଧେଇବା ପାଇଁ ବହୁ ଦୂରରେ ଥିବା ନଦୀକୁ ଯାଆନ୍ତି। ସେହି ଅସୁବିଧାକୁ ନେଇ ବର୍ଷ ବର୍ଷ ଧରି ଅଭିଯୋଗ କରିଆସୁଛନ୍ତି ହେଲେ କେବେ ମଧ୍ୟ ତାଙ୍କ ଅସୁବିଧା ଦୂର ହେଇ ନାହିଁ। ସ୍ୱଚ୍ଛ ଭାରତ ଯୋଜନା ମଧ୍ୟ ଏମାନଙ୍କ ପାଇଁ ସାତ ସପନ ହୋଇଛି । ଏହି ଯୋଜନାରେ ଗୋଟିଏ ବି ଶୌଚାଳୟ ନିର୍ମାଣ କରାଯାଇନାହିଁ । ଫଳରେ ଏହିଲୋକମାନେ ବାହାରେ ଶୌଚ କରିଥାନ୍ତି । ଦୁଃଖର ବିଷୟ ଏହି ସରଳ ଆଦିବାସୀ ମାନେ ଗୋଲାମୁଣ୍ଡା ବ୍ଲକ ମହକୁମା ଦେଖି ନାହାନ୍ତି ।

ନିର୍ବାଚନ ଆସିଲେ ମାଳ ମାଳ ରାଜନେତା ଓ ନିର୍ବାଚିତ ପ୍ରତିନିଧି ଏହି ସରଳ।ଆଦିବାସୀ ମାନଙ୍କ ପାଖକୁ ଯାଇ ଅନେକ ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ ଭିକ୍ଷା କରିଥାନ୍ତି । ଭୋଟ ସରିଲା ପରେ ଏମାନଙ୍କ ଦୁଃଖକୁ ଭୁଲି ଯାଆନ୍ତି । ରାଜନେତା, ପ୍ରଶାସନ ଓ ନିର୍ବାଚିତ ପ୍ରତିନିଧି ମାନଙ୍କ ଅଣଦେଖା ଯୋଗୁଁ ଆଜି ଏହି ଆଦିବାସୀମାନେ ବିକାଶର ସୂର୍ଯ୍ୟ ଦେଖି ପାରୁନାହାନ୍ତି । ଏମାନଂକ ବିଚାର କିଏ କରିବ, ତାହା ଜିଲ୍ଲା ପ୍ରଶାସନ ହିଁ ଜାଣିବେ ବୋଲି ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଛି।



## ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍

# ସୋଆ ଛାତ୍ରଛାତ୍ରୀଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ

**ଭୁବନେଶ୍ୱର, ୨୮।୧ (ସଂଚାର ବ୍ୟୁରୋ) :** ଉତ୍କର୍ଷ ଓଡିଶା- ମେକ୍ ଇନ୍ ଓଡିଶା କନ୍‌କ୍ଲେଭ-୨୦୨୫କୁ ମଙ୍ଗଳବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିଥିବା ବେଳେ ଏହି ଅବସରରେ ତାଙ୍କୁ ସ୍ୱାଗତ ଜଣାଇଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଛାତ୍ରଛାତ୍ରୀ । ଜନତା ମଇଦାନ ଠାରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ବେଳେ ସୋଆ ଛାତ୍ରଛାତ୍ରୀମାନେ ଏୟାରପୋର୍ଟଠାରୁ ଆରମ୍ଭ କରି ଜନତା ମଇଦାନ ପର୍ଯ୍ୟନ୍ତ ଏକତ୍ରିତ ହୋଇ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହିତ ଓଡିଶାରେ ଶିଳ୍ପ କ୍ଷେତ୍ରରେ ଉନ୍ନତି ଘଟିଲେ ନିଯୁକ୍ତି ସୁଯୋଗ ଅଧିକ ସୃଷ୍ଟି ହେବ ବୋଲି ଗଣମାଧ୍ୟମ ସମ୍ମୁଖରେ ଛାତ୍ରଛାତ୍ରୀମାନେ କହିଛନ୍ତି । ଓଡ଼ିଶାରେ ଇନୋଭେସନ୍ ଏବଂ ଟେକ୍ନୋଲୋଜିକୁ ନେଇ ଅନେକ କିଛି ଆମକୁ ଶିଖିବାକୁ ମିଳିବା ସହ ନୂଆ ନୂଆ ଷ୍ଟାର୍ଟଅପ୍ ମଧ୍ୟ ଏହି କନ୍‌କ୍ଲେଭ ଯୋଗୁଁ ଆଗକୁ ଆସିବ ବୋଲି ଛାତ୍ରଛାତ୍ରୀମାନେ କହିଛନ୍ତି । ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ ସୋଆ ଏବଂ ସମ୍ ଲାଇଫ୍ ସାଇନ୍ସେସ୍ ଷ୍ଟଲ୍ ମଧ୍ୟ ପ୍ରସ୍ତୁତ କରାଯାଇଛି ।



# ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ୬୬ତମ ସାମ୍ବତ୍ସରିକ ଉତ୍ସବ

**ଖୋର୍ଦ୍ଧା, ୨୮।୧ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ୬୬ ତମ ସାମ୍ବତ୍ସରିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼ଃ ବିନୋଦିନୀ ମିଶ୍ର ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ପୂର୍ବତନ ଓଡିଶା ମୁଖ୍ୟ ଶାସନ ସଚିବ ଗୋକୁଳ ଚନ୍ଦ୍ର ପତି, ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିବାବେଳେ ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ କେନ୍ଦ୍ର ମହାନିର୍ଦ୍ଦେଶକ ଡ଼ଃ ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ 'ପ୍ରାଣ ନାଥ ସମ୍ମାନ' ଏବଂ ବିଶିଷ୍ଟ କବି ସମାଲୋଚକ ଡ଼ଃ ଶତ୍ରୁଘ୍ନ ପାଣ୍ଡବଙ୍କୁ 'ମଞ୍ଜରୀ ଦେବୀ ସାହିତ୍ୟ ପୁରସ୍କାର' ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ବାଚସ୍ପତି ଶ୍ରୀମତୀ ପାଢ଼ୀ, ଛାତ୍ରଛାତ୍ରୀମାନଙ୍କୁ ଭଲ ପାଠ ପଢ, ମହାବିଦ୍ୟାଳୟର ଗୌରବ ଅକ୍ଷୁର୍ଣ୍ଣ ରଖ, ସ୍ୱପ୍ନ ଦେଖ ସାକାର ହେବା ପର୍ଯ୍ୟନ୍ତ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ ମିଶ୍ର ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିବା ବେଳେ ପ୍ରଫେସର ଶୁଭେନ୍ଦୁ ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟର ମୁଖପତ୍ର 'ପ୍ରତୀକ' ଏବଂ କଲେଜ ବୁଲେଟିନ 'ଦି ଫ୍ରଷ୍ଟ ଫୁଟ'କୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା, ଅବସରପ୍ରାପ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଏବଂ ଚଳିତ ବର୍ଷ ଶ୍ରେଷ୍ଠ ଛାତ୍ରୀଛାତ୍ର ଓ ବିଭାଗୀୟ ଟପ୍ପରଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ନାତକ ଇଲୋକ୍ଟ୍ରୋନିକ୍ସ ବିଭାଗର ଶେଷ ବର୍ଷ ଛାତ୍ର ସୋମନାଥ ପରିଡାଙ୍କ ଅକାଳ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ୬ ମାସରେ ଜନ୍ମିତ ଶିଶୁର ଜୀବନ ବଞ୍ଚାଇଲେ ସମ୍ ଡାକ୍ତର

**ଭୁବନେଶ୍ୱର, ୨୮।୧ (ସଂଚାର ବ୍ୟୁରୋ):** ଅପରିପକ୍ୱ ଅବସ୍ଥାରେ ଜନ୍ମ ନେଇଥିବା ୬ ମାସ ଶିଶୁର ଜୀବନ ବଂଚାଇବାରେ ସଫଳ ହୋଇଛନ୍ତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ନବଜାତ ଶିଶୁରୋଗ ବିଭାଗର ଡାକ୍ତର । ୨୬ ସପ୍ତାହର ଏହି




ଶିଶୁଟିର ଓଜନ ଜନ୍ମ ସମୟରେ ମାତ୍ର ୮୬୦ ଗ୍ରାମ୍ ରହିଥିବା ବେଳେ ଜନ୍ମ ହେବା ସଂଗେ ସଂଗେ ସେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଖୁବ୍ କଷ୍ଟ ଅନୁଭବ କରିଥିଲା। ତେଣୁ ତାକୁ ତୁରନ୍ତ ସମ୍ ହସ୍ପିଟାଲ୍‌ର ନବଜାତ ଶିଶୁରୋଗ ବିଭାଗର ଆଇସିୟୁରେ ଭର୍ତି କରାଯାଇଥିଲା ବୋଲି ନବଜାତ ଶିଶୁରୋଗ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ଦେବାଶିଷ ନନ୍ଦ କହିଛନ୍ତି । ଶିଶୁଟିକୁ ମେକାନିକାଲ୍ ଭେଣ୍ଟିଲେସନ୍, ଆଡଭାନ୍ସଡ ଲାଇଫ୍ ସପୋର୍ଟ ଏବଂ ହାଇ ଫ୍ରିକ୍ୱେନ୍ସ ଭେଣ୍ଟିଲେଟରରେ ରଖାଯାଇ ଧୀରେ ଧୀରେ ସୁସ୍ଥ କରାଯିବା ସହ ଚିକିତ୍ସା ଜାରି ରଖାଯାଇଥିଲା ବୋଲି ସେ କହିଛନ୍ତି ।

ଶିଶୁଟିର ବଂଚିବାର ଆଶା ଖୁବ୍ କ୍ଷୀଣ ଥିଲେ ମଧ୍ୟ ଚିକିତ୍ସା, ଯତ୍ନ ଏବଂ ହସ୍ପିଟାଲ୍ ଟିମ୍‌ର ସହଯୋଗ ଯୋଗୁଁ ତା' ସ୍ୱାସ୍ଥ୍ୟାବସ୍ଥାରେ ଧୀରେ ଧୀରେ ଉନ୍ନତି ପରିଲକ୍ଷିତ ହୋଇଥିଲା । ଶିଶୁଟିକୁ ଏନ୍‌ଆଇସିୟୁରେ ପ୍ରାୟ ସାଢ଼େ ୪ ମାସ ରଖାଯିବା ପରେ ଡିସ୍‌ଚାର୍ଜ କରାଯାଇଥିଲା ବୋଲି ସେ କହିଛନ୍ତି ।

ଶିଶୁଟି ସୁସ୍ଥ ହେବା ନେଇ ପ୍ରଫେସର ନନ୍ଦ ଖୁସି ବ୍ୟକ୍ତ କରିବା ସହ ମେଡିକାଲ ଟିମ୍ ଏବଂ ଶିଶୁଟିର ପିତାମାତାଙ୍କୁ ସେମାନଙ୍କ ଧୈର୍ଯ୍ୟ ଓ ସହଯୋଗ ପାଇଁ ପ୍ରଶଂସା କରିଛନ୍ତି । ଏହି ମେଡିକାଲ୍ ଟିମ୍‌ରେ ଡାକ୍ତର ରତନ କୁମାର ଦାସ, ଡାକ୍ତର ବିଜୟ କୁମାର, ଡାକ୍ତର ଭାବଗ୍ରାହୀ ମଲ୍ଲିକ୍, ଡାକ୍ତର ବିନୀତ ପାଣିଗ୍ରାହୀ, ଡାକ୍ତର ଦେବୀପ୍ରସାଦ ସାହୁ, ଡାକ୍ତର ସୁରେଶ କୁମାର ତ୍ରିପାଠୀ, ଡାକ୍ତର ପାୟଲ ପ୍ରଧାନ, ଡାକ୍ତର ଭାଗ୍ୟଶ୍ରୀ ମହାପାତ୍ର, ଡାକ୍ତର ଶିତିକଣ୍ଠ ନାୟକ, ଡାକ୍ତର କଳ୍ପିତା ସାହୁ ଏବଂ ଡାକ୍ତର ଏସ୍. ମନୀଷା ସାମିଲ ଥିଲେ ।

ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ଏବଂ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ମେଡିକାଲ୍ ଟିମ୍‌କୁ ନିରବଚ୍ଛିନ ସହଯୋଗ କରିଥିଲେ ବୋଲି ସେ କହିଥିଲେ ।

# ଜଗନ୍ନାଥ ଧାମକୁ ଗଲା ନୟାଗଡ଼ରୁ ରଥକାଠ



● ପ୍ରଥମ ପର୍ଯ୍ୟାୟରେ ଯାଇଛି ୧୦୧ ଖଣ୍ଡ ଅଶନ ଓ ଧଉରା କାଠ

**ନୟାଗଡ଼, ୨୮।୧ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ଦଶପଲ୍ଲା ବନାଞ୍ଚଳରୁ ଆଜି ପ୍ରଥମ ପର୍ଯ୍ୟାୟ ରଥକାଠ ପୁରୀକୁ ପଠାଯାଇଛି । ନିତୀ ଅନୁଯାୟୀ ରଥକାଠ ବୋଝେଇ ଟ୍ରକ ଗୁଡ଼ିକୁ ପ୍ରଥମେ ଦଶପଲ୍ଲାର ମହାବୀର ମନ୍ଦିର ଏବଂ ପରବର୍ତ୍ତୀ ସମୟରେ ନୟାଗଡ଼ ଜଗନ୍ନାଥ ମନ୍ଦିରଠାରେ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପନ୍ନ କରାଯିବା ପରେ ପୁରୀ ଶ୍ରୀମନ୍ଦିର ରଥଖଳାକୁ ପଠାଯାଇଛି । ଆଜି ପ୍ରଥମ ପ୍ରର୍ଯ୍ୟାୟରେ ୩ଟି ଟ୍ରକ ଯୋଗେ ୧୦୧ ଖଣ୍ଡ ଅଶନ,ଧଉରା କାଠ ପଠାଯାଇଛି ।ସେଥିମଧ୍ୟରୁ ୪୮ଖଣ୍ଡ ଅସନ ଏବଂ ୫୩ଖଣ୍ଡ ଧଉରା ପ୍ରଥମ ପର୍ଯ୍ୟାୟରେ ପୁରୀ ରଥଖଳାକୁ ପଠାଯାଇଛି । ସୂଚନା ଯୋଗ୍ୟ ଯେ,ଚଳିତ ବର୍ଷ ହେବାକୁ ଥିବା ରଥଯାତ୍ରା ନିମନ୍ତେ ସମୁଦାୟ ୮୬୫ଖଣ୍ଡ ଅସନ,ଧଉରା,ସିମିଳି ଏବଂ ଫାଶିକାଠ ଆବଶ୍ୟକତା ଥିଲା ବେଳେ ଗତବର୍ଷ ୫୧ଖଣ୍ଡ କାଠ ବଳକା ରହିଛି । ଅବଶିଷ୍ଟ ୮୧୪ଖଣ୍ଡ କାଠ ନୟାଗଡ଼ ଜଙ୍ଗଲ ଡ଼ିଭିଜନ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ସେଥିମଧ୍ୟରୁ ୩୯୬ଖଣ୍ଡ କାଠ କଟକ ଖପୁରିଆରେ ଥିବା କରତ କଳକୁ ପଠାଯିବ । ବାକି ୪୧୮ଖଣ୍ଡ କାଠ ପୁରୀର ଶ୍ରୀରଥଖଳାକୁ ପଠାଯିବ। ଶ୍ରୀପଞ୍ଚମୀ ପୂର୍ବରୁ ସମସ୍ତ କାଠ ଶ୍ରୀରଥଖଳାରେ ପହଞ୍ଚିବା ସହିତ ଅକ୍ଷୟତୃତୀୟାରେ ରଥକାଠ ଅନୁକୂଳ ହେବ । ପୂଜାର୍ଚ୍ଚନା ସମୟରେ ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ, ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଫାଲ୍‌ଗୁନୀ ସାରଥୀ ମଲ୍ଲିକଙ୍କ ସହ ଏସିଏଫ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

**ଆରଟିଆଇ ତଥ୍ୟରେ ବଡ ଖୁଲାସା**

# ମଶାମରା ତେଲ କିଣାରେ ଦୁର୍ନୀତି ଅଭିଯୋଗ

**ବ୍ରହ୍ମପୁର, ୨୮।୧ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ମହାନଗର ନିଗମରେ ମଶା ମରା ତେଲ କିଣାରେ ମହାଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ବିଜେପି ନେତା ତଥା ଆଇନଜୀବି ପୀତବାସ ପଣ୍ଡା ସୂଚନା ଅଧିକାର ଆଇନ ଜରିଆରେ ଏନେଇ ତଥ୍ୟ ମାଗିଥିଲେ। ମିଳିଥିବା ତଥ୍ୟ ଅନୁଯାୟୀ ବ୍ରହ୍ମପୁର ମହାନଗର ନିଗମ ମଶା ମାରିବା ପାଇଁ ତେଲ ଲିଟର ପିଛା ୨୫୪୮ ଟଙ୍କାରେ ଅନ୍ନପୂର୍ଣ୍ଣା ଏଗ୍ରିକଲଚର ଏଜେନ୍ସି ଠାରୁ କିଣିଛନ୍ତି। ଅର୍ଥାତ ତେରଶହ ଭାଗ ଅଧିକ ଟଙ୍କା ଦେଇ ଏହି ମଶା ମରା ତେଲ କିଣାଯାଇଥିବା ତଥ୍ୟରୁ ଜଣାପଡିଛି। ଖୋଲା ବଜାର ତଥା ବିଭିନ୍ନ କମ୍ପାନୀରେ ମଶା ମାରିବା ତେଲ ୧୨୦ ରୁ ୨୦୦ ଟଙ୍କା ମଧ୍ୟରେ ମିଳୁଥିବା ବେଳେ, ମାତ୍ର ୭୪୦ ଟଙ୍କାରେ ମଶା ମାରା ତେଲ କିଣି ଝାରସୁଗୁଡାର ୪ ଜଣ ପୌର କର୍ମଚାରୀ ପୂର୍ବରୁ ଜେଲ ଯାଇଛନ୍ତି । ଏପରି ସ୍ଥଳେ ବ୍ରହ୍ମପୁର ପୌର ପରିଷଦରେ ଘଟିଥିବା ଏହି ମହା ଦୁର୍ନିତିର ତଦନ୍ତ କରି ଯେଉଁ ମାନେ ଏହି ଘଟଣା ରେ ସମ୍ପୃକ୍ତ ଥିବେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଶ୍ରୀ ପଣ୍ଡା ଦାବି କରିଛନ୍ତି। ଯଦି ଏହି ଘଟଣାରେ ପୌର କର୍ତ୍ତୃପକ୍ଷ ନିରବ ରହିବେ ଆସନ୍ତା ପନ୍ଦର ଦିନ ପରେ ପୌର ପରିଷଦକୁ ଘେରାଉ କରାଯିବ ବୋଲି ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଯାଜଦାନୀ ଷ୍ଟିଲ କାରଖାନାରୁ ମିଳିଲା ଶ୍ରମିକଙ୍କ ଝୁଲନ୍ତା ଶବ

**କଳିଙ୍ଗ ନଗର, ୨୮।୧ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା କଳିଙ୍ଗ ନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ଯାଜଦାନୀ ଷ୍ଟିଲ ଆଣ୍ଡ ପାୱାରରେ ଏକ ଅଘଟଣ ହୋଇଛି । ସୂଚନା ମୁତାବକ ମଙ୍ଗଳବାର ଦିନ ବି.ଏସ.ଏସ ପାୱାର ଠିକା ସଂସ୍ଥା ଅଧୀନରେ ଜଣେ ଶ୍ରମିକ ସକାଳ ୬ଘଟିକା ସମୟରେ କାର୍ଯ୍ୟ କରିବାକୁ ଆସିଥିଲା କିନ୍ତୁ କାର୍ଯ୍ୟରତ ଶ୍ରମିକମାନେ ଝୁଲନ୍ତା ଅବସ୍ଥାରେ ଶ୍ରମିକଙ୍କ ମୃତ ଦେହ ଦେଖିବାକୁ ପାଇଥିଲେ। ଖବର ପାଇ ପୋଲିସ ଓ ସାଇଣ୍ଟିଫିକ ଦଳ ପହଞ୍ଚି ଘଟଣାସ୍ଥଳରେ ତଦନ୍ତ ଜାରି ରଖିଥିଲେ। ପରିବାର ପକ୍ଷରୁ ହତ୍ୟା ଅଭିଯୋଗ ଆଣିଥିଲେ। ମୃତ ଶ୍ରମିକ ଘର କଳିଙ୍ଗ ନଗର ଥାନା ଅନ୍ତର୍ଗତ କଇଥା ଗ୍ରାମର ଚୈତନ୍ୟ ଦଳାଇ(୨୫) ବୋଲି ସୂଚନା ମିଳିଛି। ଆଲୋଚନା ପରେ କ୍ଷତି ପୂରଣ ବାବଦକୁ ୧୬ଲକ୍ଷ ଟଙ୍କା ଓ ଶୁଦ୍ଧିକ୍ରିୟା ପାଇଁ ନଗଦ ୫୦୦୦୦/ ଟଙ୍କା ଦିଆଯାଇଥିଲା। ପରେ ପୋଲିସ ମୃତ ଶବକୁ ବ୍ୟବଚ୍ଛେଦ ନିମନ୍ତେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛନ୍ତି ।



# ନବରଙ୍ଗପୁର ଜିଲ୍ଲାରେ ଧାନ ସଂଗ୍ରହ ତ୍ୱରାନିତ

## ବର୍ତ୍ତମାନ ପର୍ଯ୍ୟନ୍ତ ୩୩,୧୩୪ ଜଣ ପଞ୍ଜୀକୃତ ଚାଷୀଙ୍କ ଧାନ ବିକ୍ରୟ

**ନବରଙ୍ଗପୁର, ୨୮।୧ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲାର ୧୦ଟି ବ୍ଲକ୍‌ରେ ଧାନ ସଂଗ୍ରହ ପୁରା ଦମରେ ଚାଲିଛି।ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲ୍ଲାପାଳ ନବିନ ଚନ୍ଦ୍ର ନାୟକ, ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ ମଲିକ ଏବଂ ଅନ୍ୟ ନୋଡାଲ ଅଧିକାରୀମାନେ ବିଭିନ୍ନ ବ୍ଲକ୍ ଦାୟିତ୍ୱରେ ରହି ଧାନ ସଂଗ୍ରହ ଯେଭଳି ଶୃଙ୍ଖଳିତ ହେବ,ତାହା ତଦାରଖ କରୁଛନ୍ତି। ଚାଷୀ ମାନଙ୍କ ପାଇଁ ମଣ୍ଡିରେ ସମସ୍ତ ଆନୁସାଙ୍ଗିକ ବ୍ୟବସ୍ଥା,ଧାନସଂଗ୍ରହଣ ଓ ଉଚିତ୍ ଦେୟ ରେ ଯେଭଳି କୌଣସି ଅସୁବିଧା ନ ହେବ ତାହା ଦେଖିବାକୁ ଜିଲ୍ଲାପାଳ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ଖରିଫ ଋତୁରେ ଲକ୍ଷ୍ୟ ଧାର୍ଯ୍ୟ ୨୩,୨୮,୪୪୭.୭୬ କ୍ୱିଣ୍ଟାଲରୁ



ବର୍ତ୍ତମାନ ପର୍ଯ୍ୟନ୍ତ ପଂଜିକୃତ ୩୩,୧୩୪ ଜଣ ଚାଷୀଙ୍କ ଠାରୁ ୧୦୩ଟି ଧାନ ସଂଗ୍ରହଣ କେନ୍ଦ୍ରରେ ୧୭୦୭୭୯୦.୯୪ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଯାଇଛି।

ଚାଷୀଙ୍କ ୩୦୧୦୫ଟି ଆକାଉଣ୍ଟକୁ ବର୍ତ୍ତମାନ ପର୍ଯ୍ୟନ୍ତ ୩୪୬ କୋଟି ୭୮ ଲକ୍ଷ ୪୩ ହଜାର ୭୯୧ଟଙ୍କା ଜମା ହୋଇଛି। ଜିଲ୍ଲାରେ ଧାନ ବିକ୍ରୟ ପାଇଁ ପଂଜିକୃତ ଚାଷୀଙ୍କ ସଂଖ୍ୟା ୪୨,୪୧୧ ଅଟେ। ଏହି ଧାନ ସଂଗ୍ରହ କାର୍ଯ୍ୟକୁ ଗୁରୁତ୍ୱ ଦେଇ ଜିଲ୍ଲା ପ୍ରଶାସନିକ ଅଧିକାରୀ ବିଭିନ୍ନ ମଣ୍ଡି ଗସ୍ତ କରି ତଦାରଖ କରୁଛନ୍ତି।

# ସୋଆ ପ୍ରତିଷ୍ଠାତାଙ୍କ ଦ୍ୱାରା ଡାକ୍ତରୀ ଶିକ୍ଷା ସଂକ୍ରାନ୍ତ ଦୁଇ ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର, ୨୮।୧ (ସଂଚାର ବ୍ୟୁରୋ):** ଡାକ୍ତରୀ ଛାତ୍ରଛାତ୍ରୀ ଓ ଇନ୍‌ଟର୍ଣ୍ଣମାନଙ୍କୁ ସାହାଯ୍ୟ କରିବା ଲକ୍ଷ୍ୟ ନେଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ର ଆନାଟୋମୀ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ଶିଶିର କୁମାର ଏବଂ ଅନ୍ୟାନ୍ୟ ଫ୍ୟାକଲ୍ଟି ମେମ୍ବର୍ସଙ୍କ ଦ୍ୱାରା ରଚିତ ଡାକ୍ତରୀ ଶିକ୍ଷା ସମ୍ପର୍କିତ ଦୁଇଟି ପୁସ୍ତକ ସୋମବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି ।

ପ୍ରଫେସର କୁମାର ଏବଂ ତାଙ୍କ ଟିମ୍ ଦ୍ୱାରା ରଚିତ ଦୁଇଟି ପୁସ୍ତକ ହେଉଛି 'ଏ ଲଗ୍‌ବୁକ୍ ୱିଥ୍ ଏକ୍ସପେକ୍ଟେସନ୍ସ: ଅଲ୍ଟିମେଟ୍ ଗାଇଡ୍ ଟୁ ମେଡିକାଲ୍ ଇନଟର୍ଣ୍ଣ' ଏବଂ 'ଅଣ୍ଡରଷ୍ଟାଣ୍ଡିଙ୍ଗ୍ ଦ ଏସେନ୍ସ ଅଫ୍ ମେଡିକାଲ୍ ଏଜୁକେସନ୍' ।

'ଏ ଲଗ୍‌ବୁକ୍ ୱିଥ୍ ଏକ୍ସପେକ୍ଟେସନ୍ସ: ଅଲ୍ଟିମେଟ୍ ଗାଇଡ୍ ଟୁ ମେଡିକାଲ୍ ଇନଟର୍ଣ୍ଣ' ପୁସ୍ତକଟି ସ୍ୱତନ୍ତ୍ର ଭାବେ ଡାକ୍ତରୀ ଇନ୍‌ଟର୍ଣ୍ଣଙ୍କ ପାଇଁ ଲେଖାଯାଇଥିବା ବେଳେ ସେମାନଙ୍କୁ ଖୁବ୍ ସହାୟକ ହେବ ବୋଲି ପ୍ରଫେସର କୁମାର କହିଛନ୍ତି । ଡାକ୍ତରୀ ଛାତ୍ରରୁ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ନୈତିକତା ରକ୍ଷା କରି ସ୍ୱଚ୍ଛ ମନରେ ରୋଗୀସେବା କରିବା ଦିଗରେ ଏହା ସହାୟକ ହେବ ବୋଲି ସେ କହିଛନ୍ତି ।



ଦ୍ୱିତୀୟ ପୁସ୍ତକ 'ଅଣ୍ଡରଷ୍ଟାଣ୍ଡିଙ୍ଗ୍ ଦ ଏସେନ୍ସ ଅଫ୍ ମେଡିକାଲ୍ ଏଜୁକେସନ୍' ଡାକ୍ତରୀ ଚିକିତ୍ସା କ୍ଷେତ୍ରରେ କାର୍ଯ୍ୟ କରିବା ଦିଗରେ ଖୁବ୍ ସାହାଯ୍ୟ କରିବ ବୋଲି ପ୍ରଫେସର କୁମାର ଆଶା ରଖିଛନ୍ତି ।

ଏହି ପୁସ୍ତକ ଉନ୍ମୋଚନ ସମୟରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ୩ ଶିତଳାପଲ୍ଲୀ କ୍ୟାମ୍ପସର ନିର୍ଦ୍ଦେଶକ ଶ୍ରୀ ଦେବପ୍ରସାଦ ଦାସ ଉପସ୍ଥିତ ଥିଲେ । ଦୁଇଟି ଯାକ ପୁସ୍ତକ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଆନାଟୋମୀ ବିଭାଗରେ ଉପଲବ୍ଧ ।

# ହାଇୱା ଧକ୍କାରେ ବେଳାମାର୍ଗ ରାସ୍ତାରେ ଜଳିଗଲା କାର, ୩ ଗୁରୁତର

**କୋଣାର୍କ, ୨୮।୧ (ସଂଚାର ବ୍ୟୁରୋ):** କୋଣାର୍କ ପୁରୀ ବେଳାମାର୍ଗ ଜାତୀୟ ରାଜପଥ ରାସ୍ତାର ଲୋଟସ ରିସୋର୍ଟ ମୁଖ୍ୟ ଫାଟକ ସମ୍ମୁଖରେ ମଙ୍ଗଳବାର ଭୋର ୪ଘଟିକା ସମୟରେ ଏକ ହାଇୱା କାରକୁ ପଛପଟୁ ଧକ୍କା ଦେବା ଫଳରେ ଦୁର୍ଘଟଣାଗ୍ରସ୍ତ କାର ଜଳିଯାଇଥିବା ବେଳେ ୩ ଜଣ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡିଛି ।



ଖବରରୁ ପ୍ରକାଶ ଯେ ପୁରୀରୁ ୪ଜଣ ଏକ ଅଲଟୋ କାର ଯୋଗେ କୋଣାର୍କ ଅଭିମୁଖେ ଆସୁଥିବା ବେଳେ ମଙ୍ଗଳବାର ଭୋର ୪ଟାରେ ବେଳାମାର୍ଗ ଲୋଟସ ବୁଲାଣି ପାଖରେ ପଛରୁ ଏକ ହାଇୱା କାରକୁ ଧକ୍କା ଦେଇଥିଲା। ଫଳରେ କାରଟି ଓଲଟି ପଡି ରାସ୍ତା ପାର୍ଶ୍ୱ ଜଙ୍ଗଲ ଭିତରକୁ ପଶି ଯାଇଥିଲା। ଅଲଟୋନଂ ଓଡି୦୨ସିଜି ୯୨୦୩ କାରରେ ଥିବା ପ୍ରଶାନ୍ତ କୁମାର ଖୁଣ୍ଟିଆଙ୍କ ସମେତ ୪ଜଣ ଗୁରୁତର ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରାଥମିକ ଚିକିତ୍ସା ନିମନ୍ତେ ପୁରୀ ହସ୍ପିଟାଲ ପଠାଯାଇଛି ବୋଲି ଜଣାପଡିଛି । ଖବରପାଇ କୋଣାର୍କ ଚମ୍ପାହାର ଅଗ୍ନିଶମ ବାହିନୀ ପହଞ୍ଚିଥିଲା। ସେତେବେଳକୁ କାରଟିଏ ଅଧା ଜଳି ଯାଇଥିଲା। କାରଟି କିଭଳି ନିଆଁ ଲାଗିଲା ତାହାର କାରଣ ଅସ୍ପଷ୍ଟ ରହିଥିବା ବେଳେ ପ୍ରକୃତ ତଥ୍ୟ ଜଣାପଡିନାହିଁ। ଚନ୍ଦ୍ରଭାଗା ମେରାଇନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ କାରଟିକୁ ଜବତ କରିଥିବା ବେଳେ ଦୁର୍ଘଟଣା ଘଟାଇଥିବା ହାଇୱା ଖସି ପଳାଇ ଯାଇଥିବାରୁ ପୋଲିସ ଏହାକୁ ଜବତ କରିପାରିନାହିଁ।

## ବୋରିଗୁମ୍ମାରେ ଟ୍ରାଫିକ ସମସ୍ୟା ଘଟଣା

# ତ୍ୱରାନ୍ୱିତ ହେବ ଜବରଦଖଲ ଉଚ୍ଛେଦ

**ବୋରିଗୁମ୍ମା, ୨୮।୧ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲାର ବୋରିଗୁମ୍ମା ସହର ମୁଖ୍ୟ ବ୍ୟବସାୟିକ କେନ୍ଦ୍ର କୁହାଯାଉଥିବା ହାଟପଦାରୁ ରାଜ୍ୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତାରେ ବଢୁଥିବା ଟ୍ରାଫିକ୍ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ଦ୍ୱାରା ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆସନ୍ତା ଶନିବାର ଦିନ ସକାଳୁ ଆରମ୍ଭ କରାଯିବା ନେଇ ସୂଚନା ମିଳିଛି ।



ଏନେଇ ସୋମବାର ସ୍ଥାନୀୟ ତହସିଲଦାର ଶୋଭନ କୁମାର ବେହେରାଙ୍କ ତତ୍ୱାବଧାନରେ ହାଟପଦା ରାସ୍ତର ଜବରଦଖଲ ଉଛେଦ ଓ ସାପ୍ତାହିକ ହାଟ ସ୍ଥାନାନ୍ତରିତ ପାଇଁ ଏକ ଜରୁରୀ କାଳୀନ ବୈଠକ ହୋଇଥିଲା। ଉକ୍ତ ବୈଠକରେ ଏସଡିପିଓ ତପସ୍ୱିନୀ କଂହର, ଥାନା ଅଧିକାରୀ ଯୁଗଳ କିଶୋର ସା, ପୂର୍ତ୍ତ ବିଭାଗ ଅଧିକାରୀ ଇଂ. ଭଜରାମ ସାହୁ , ରାଜସ୍ୱ ବିଭାଗ ଅଧିକାରୀ, ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ସୁମନ୍ତ କୁମାର ବିଶ୍ୱାଳ, ଓ ବୋରିଗୁମ୍ମା ବଣିକ ସଂଘ ସଭାପତି ସୂର୍ଯ୍ୟ ନାରାୟଣ ଆଚାରୀ, ଓକିଲ ସଂଘ ସଭାପତି କେ. ନାଗରାଜ ଦୋରାଙ୍କ ପ୍ରମୁଖଙ୍କ ଉପସ୍ଥିତି ରେ ଶନିବାର ସକାଳୁ ହାଟପଦା ରାସ୍ତାର ଉଭୟ ପାର୍ଶ୍ୱରୁ ଜବରଦଖଲ ହଟାଇବା କାର୍ଯ୍ୟ ଆରମ୍ଭ କରାଯିବା ନେଇ ଆଲୋଚନା ହୋଇଥିଲା। ଉଭୟ ପାର୍ଶ୍ୱରେ ବ୍ୟବସାୟୀମାନେ ରାସ୍ତା ଦଖଲ କରୁଥିବାରୁ ଯାତାୟାତରେ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ଯାହାଦ୍ୱାରା ବାରମ୍ବାର ଦୁର୍ଘଟଣା ଠାରୁ ଆରମ୍ଭ କରି ଜରୁରୀକାଳୀନ ଆମ୍ବୁଲାନ୍ସ ମଧ୍ୟ ଟ୍ରାଫିକ ଜାମ ଭିତରେ ଘଣ୍ଟା ଘଣ୍ଟା ଫସିରହିବା ଅଭିଯୋଗ ହୋଇଥିଲା।ଏହାକୁ ଅଗ୍ରଣୀ ଦୈନିକ ଖବରକାଗଜ 'ସଂଚାର' ରେ ପ୍ରକାଶିତ ହୋଇଥିଲା ।

# କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା

**ନାଉଗାଁ, ୨୮।୧ (ସଂଚାର ବ୍ୟୁରୋ):** ମଣ୍ଡଳଶିକ୍ଷା କାର୍ଯ୍ୟାଳୟ ନାଉଗାଁ ଅନ୍ତର୍ଗତ ପଞ୍ଚାୟତ ବାଣିପିଠ କ୍ଲଷ୍ଟର ଆନୁକୁଲ୍ୟରେ ବିପିନି ବିହାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର୍ ସ୍ତରୀୟ ନିପୁଣ ଓଡ଼ିଶା ମେଳା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ଶିକ୍ଷାବିତ୍ ଓ ପୂର୍ବତନ ପ୍ରାଧ୍ୟାପକ ଶ୍ରୀ ସରୋଜ କୁମାର ନାୟକ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ଜଗନ୍ନାଥ ଦାସ, ପୂର୍ବତନ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାନ୍ତି, ନାଉଗାଁ ପଞ୍ଚାୟତ ର ସରପଞ୍ଚ ପ୍ରାଚୀ ସାଗରିକ ନାୟକ, ସମିତି ସଭ୍ୟା ମାନସୀ ଲେଙ୍କା, ୱାର୍ଡ ସଭ୍ୟ ରମେଶ ଚନ୍ଦ୍ର ବେହୁରା ଅତିଥି ଭାବରେ ଯୋଗ ଦେଇ ଆନୁଷ୍ଠାନିକ ଭାବରେ ଉଦଘାଟନ କରିବା ସହିତ ନିପୁଣ ଓଡ଼ିଶା ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପସ୍ଥିତ ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ ପ୍ରଦାନ କରିଥିଲେ। ବିଭିନ୍ନ ବିଦ୍ୟାଳୟ ରୁ ଆସିଥିବା ମୌଳିକ ସାକ୍ଷରତା ଓ ସଂଖ୍ୟଜ୍ଞାନ ଷ୍ଟଲ୍ ଗୁଡ଼ିକୁ ଅତିଥି, ଅଭିଭାବକ ମାନେ ବୁଲି ଦେଖିବା ସହିତ ମତାମତ ଷ୍ଟଲରେ ନିଜର ମତାମତ ଦେଇଥିଲେ।ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀ ଅକ୍ଷୟ କୁମାର ରାଉତ ମଞ୍ଚ ପରିଚାଳନା କରିଥିଲେ ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରଜ୍ଞା ପରମିତା ନାୟକ। ଅତିଥି ମାନଙ୍କୁ ଧନ୍ୟବାଦ୍ ଜ୍ଞାପନ କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଖୁଲନା ଦାସ। କ୍ଲଷ୍ଟର୍ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଛୋଟ ଛୋଟ ପିଲାମାନଙ୍କ ପାଇଁ କରାଯାଇଥିବା ସେଲଫି ପଏଣ୍ଟ ରେ ଫଟୋ ଉଠାଇବା ପାଇଁ ପିଲାମାନେ ଆଗ୍ରହ କରିବା ସହିତ ମଜା ଉଠାଇଥିଲେ।



ସଂଚାର THE SANCHAR

## ପୁରୀରେ ଏବେ ବି ଜମି ଖୋଜୁଛି ବେଦାନ୍ତ



ଭୁବନେଶ୍ୱର,୨୮।୧ (ସଂଚାର ବ୍ୟୁରୋ): ପୁଣିଥରେ ଓଡ଼ିଶାରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି ବେଦାନ୍ତ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅଗ୍ରୱାଲ। ମଙ୍ଗଳବାର ଭୁବନେଶ୍ୱର ଜନତା ମଇଦାନରେ ଅନୁଷ୍ଠିତ ଉତ୍କର୍ଷ ଓଡ଼ିଶା ସମ୍ମିଳନୀରେ ଯୋଗ ଦେଇ କହିଛନ୍ତି ଯେ କମ୍ପାନୀ ପୁରୀ ଜିଲାରେ ଏକ ବିଶ୍ୱସ୍ତରୀୟ ଅଣଲାଭକାରୀ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଜମି ଖୋଜୁଛି। ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଗ୍ରୁପ୍ ପ୍ରାୟ ୨୦,୦୦୦ କୋଟି ଟଙ୍କା ନିବେଶ କରିବ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଓଡ଼ିଶାରେ ଡାଉନଷ୍ଟ୍ରିମ୍ ଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ଅନୁଯାୟୀ କାର୍ଯ୍ୟ କରି କମ୍ପାନୀ ରାଜ୍ୟରେ ୩୦ ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ଆଲୁମିନିୟମ ପ୍ଲାଣ୍ଟ ସ୍ଥାପନ କରିବାକୁ ଯୋଜନା କରୁଛି। କଞ୍ଚାମାଲର ପ୍ରକ୍ରିୟାକରଣ ଏଠାରେ କରାଯିବ, ଯାହା ସହାୟକ ଶିଳ୍ପକୁ ପ୍ରୋତ୍ସାହନ ଦେବ ଏବଂ ଯୁବପିଢ଼ିଙ୍କ ପାଇଁ ହଜାର ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଜୁଲାଇ ୨୦୦୬ ରେ, ବେଦାନ୍ତ ଲିମିଟେଡ୍ ପୁରୀ-କୋଣାର୍କ ମାରିନ୍ ଡ୍ରାଇଭ୍ ଅଞ୍ଚଳରେ ଏକ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଓଡ଼ିଶା ସରକାରଙ୍କ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲା। ରାଜ୍ୟର ତତ୍କାଳୀନ ବିଜେଡି-ବିଜେପି ମେଣ୍ଟ ସରକାର ମଧ୍ୟ ବିଶ୍ୱବିଦ୍ୟାଳୟ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କରିଥିଲେ। ତେବେ କିଛି ବିସ୍ଥାପିତ ପରିବାର ଜମି ଅଧିଗ୍ରହଣ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଓଡ଼ିଶା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ।

## ୫ ବର୍ଷ ହେଲା ବନ୍ଦୀ 'ଭୂପେନ୍ ହଜାରିକା'

ଭଦ୍ରକ,୨୮।୧(ସଂଚାର ବ୍ୟୁରୋ): ପାଖାପାଖି ୫ ବର୍ଷ ତଳେ ଧାମରାରେ ପହଞ୍ଚିଥିଲା ପ୍ରାୟ ୧୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ଭେସେଲ୍। ସେତେବେଳେ ଏହାର ନାମ ରଖାଯାଇଥିଲା 'ଭୂପେନ୍ ହଜାରିକା' ଓ ଏହାଦ୍ୱାରା ଧାମରା ଚାନ୍ଦିନିପାଳଠାରୁ କେନ୍ଦ୍ରାପଡ଼ା ଜିଲ୍ଲାର ତାଳଚୁଆକୁ ଜଳପଥରେ ଯୋଡ଼ାଯିବାର ଯୋଜନା ଥିଲା। କିନ୍ତୁ ଆନ୍ତରିକତାର ଅଭାବରୁ ଏହା ଏବେ ବି ସେମିତି ପାଣିରେ ବନ୍ଧା ହୋଇ ରହିଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏହି ଭେସେଲ୍‌ର ରକ୍ଷଣାବେକ୍ଷଣା ଦାୟିତ୍ୱ ଧାମରା-ଚାନ୍ଦବାଲି ଜଳ ପରିବହନ ସଂସ୍ଥା ନେଇଥିଲା। ଏହାର ଓଜନ ୨୦୦ ଟନ ଓ ଲମ୍ବ ୪୬ ମିଟର ରହିଥିବା ବେଳେ ଏଥିରେ ଏକକାଳୀନ ୪୦ଟି ମୋଟର ସାଇକେଲ, ୩ଟି କାର ସହ ପାଖାପାଖି ୫୦ ଜଣ ଯାତ୍ରୀ ଜଳପଥ ପାର୍ ହୋଇପାରିବେ। କିନ୍ତୁ ୧୮ କୋଟି ୮୩ ଲକ୍ଷ ଟଙ୍କାରେ ନିର୍ମାଣ ହୋଇଥିବା ଏହି ଭେସେଲ୍ ଚଳାଚଳ ଯୋଜନା ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ। ତେଣୁ ଏହା ବନ୍ଦୀ ଅବସ୍ଥାରେ ରହିଛି ବୋଲି ଲୋକେ କହୁଛନ୍ତି। ମିଳିଥିବା ସୂଚନାନୁସାରେ, ଚାନ୍ଦିନୀପାଳରେ ଜଳ ସ୍ଥିର ରହୁନାହିଁ, ପ୍ରଚଣ୍ଡ ଜଳ କରେଣ୍ଟ ରହୁଛି। ତେଣୁ ସେଠାରେ ଭେସେଲ୍ ସ୍ଥିର ହୋଇ ଛିଡ଼ା ହୋଇପାରୁନାହିଁ। ଏପରି ସ୍ଥିତିରେ ଏଥିରେ ଯାତ୍ରୀମାନେ ନିଜେ ଚଢ଼ିବା ସମ୍ଭବପର ହେବନାହିଁ। ତେଣୁ ସେମାନେ ବାଇକ୍ କି ଅନ୍ୟାନ୍ୟ ଗାଡ଼ି ମଟର କିପରି ଲୋଡ୍ କରିବେ। ଏହି କାରଣରୁ ଭେସେଲ୍‌ଟି ଚଳାଚଳ କରିପାରୁନାହିଁ। ପାଖାପାଖି ୫୦ ମାସ ହେଲା ପାଣିରେ ବନ୍ଧା ହୋଇ ରହିଥିବା ଏହି ଭେସେଲ୍‌ଟିକୁ ଫେରାଇବା ସକାଶେ ଗତ ୪ ବର୍ଷରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଧାମରା-ଚାନ୍ଦବାଲି ଜଳ ପରିବହନ ସଂସ୍ଥା ୧୧ ଥର ଚିଠି ଲେଖିସାରିଛନ୍ତି। କିନ୍ତୁ ସେପଟୁ କୌଣସି ଉତ୍ତର ଆସୁନାହିଁ। ସେହିପରି ଭେସେଲ୍ ଚଳାଇବା ଦାୟିତ୍ୱରେ ଥିବା ୯ ଜଣ କର୍ମଚାରୀଙ୍କୁ ସଂସ୍ଥା ବିଦା କରିସାରିଲାଣି।



### ୧୦୦ରୁ ଉର୍ଦ୍ଧ୍ୱ କମ୍ପାନୀ ସିଇଓଙ୍କ ସହ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ

# ସବୁ ଜିଲ୍ଲାରେ ଶିଳ୍ପର ସମତୁଲ ବିକାଶ ଲକ୍ଷ୍ୟ

ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ): ଉତ୍କର୍ଷ ଓଡ଼ିଶା- ମେକ୍ ଇନ ଓଡ଼ିଶା କନକ୍ଲେଭ ୨୦୨୫ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଜନତା ମଇଦାନଠାରେ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଆଗ୍ରହୀ ଥିବା ବିଭିନ୍ନ କମ୍ପାନୀର ସିଇଓମାନଙ୍କ ସହ ସ୍ୱତନ୍ତ୍ର ଭାବେ ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ଇସ୍ପାତ, ଗ୍ରୀନ ଏନର୍ଜି, ଗ୍ରୀନ ଆମୋନିଆ, ଗ୍ରୀନ ହାଇଡ୍ରୋଜେନ, ଅକ୍ଷୟ ଶକ୍ତି, କେମିକାଲ୍ସ, ସେମିକଣ୍ଡକ୍ଟର, ଆଇଟି, ସିମେଣ୍ଟ ଭଳି କ୍ଷେତ୍ରର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ପ୍ରତିଷ୍ଠିତ କମ୍ପାନୀର ସିଇଓମାନେ ଅଂଶଗ୍ରହଣ କରିଥିଲେ।



ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ବର୍ତ୍ତମାନ ପ୍ରକୃଷ୍ଟ ଅବସର। ଆଜିର ସମୟରେ ଓଡ଼ିଶାର ଜିଡିପି ଦେଶରେ ସର୍ବୋଚ୍ଚ ସ୍ତରରେ ରହିଛି। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କାର୍ଯ୍ୟକ୍ରମକୁ ନେଇ ବହୁ ଉତ୍ସାହିତ ଥିଲେ। ଓଡ଼ିଶା ଉପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ରହିଛି ଓ ପ୍ରଧାନମନ୍ତ୍ରୀଙ୍କର ସମର୍ଥନ ରହିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୃଷ୍ଟିରେ ଓଡ଼ିଶା ହେଉଛି ସମ୍ଭାବନାର ରାଜ୍ୟ। ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଓଡ଼ିଶାର ପ୍ରତି ଜିଲ୍ଲାରେ ଆମେ ଶିଳ୍ପ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖିଛୁ। ଏଥିପାଇଁ ଆମେ ଭିତ୍ତିଭୂମିର ପର୍ଯ୍ୟାପ୍ତ ବିକାଶ କରୁଛୁ । ରାଜ୍ୟରେ ରେଳପଥ, ସଡ଼କପଥ ଓ ପୋର୍ଟ ସେକ୍ଟରର ବିକାଶ କରାଯାଉଛି, ଯାହାଦ୍ୱାରା ଆଜି ମାଲକାନଗିରି ଭଳି ସୀମାନ୍ତ ଅଞ୍ଚଳରେ ମଧ୍ୟ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ହେବାକୁ ଯାଉଛି। ଏହା ସମ୍ପୃକ୍ତ ଅଞ୍ଚଳଗୁଡିକର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବା ସହ ଯୁବବର୍ଗଙ୍କୁ ବ୍ୟାପକ ନିଯୁକ୍ତି ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଆମ ସରକାର ମାତ୍ର ସାତ ମାସର ସରକାର। କିନ୍ତୁ ଏହି ସାତ ମାସ ମଧ୍ୟରେ ଆମେ ଓଡ଼ିଶାରେ ଜାତୀୟ ସ୍ତରର ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜନ କରିଛୁ । ଆଜିର ଏହି ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଉଦବୋଧନ ଉଦ୍ୟୋଗୀମାନଙ୍କୁ ଓଡ଼ିଶାରେ ଅଧିକରୁ ଅଧିକ ପୁଞ୍ଜିନିବେଶ ପାଇଁ ଉତ୍ସାହିତ କରିଛି। ଓଡ଼ିଶା ପ୍ରାକୃତିକ ସମ୍ବଳ ଓ ଖଣିଜ ସମ୍ପଦରେ ଭରପୂର। ଏସବୁର ସଠିକ ଉପଯୋଗରେ ଓଡ଼ିଶା ବିକଶିତ ଭାରତର ଗ୍ରୋଥ ଇଞ୍ଜିନ ହେବ ବୋଲି ମୋଦି କହିଛନ୍ତି। ଆପଣମାନଙ୍କ ସହଯୋଗରେ ମୋଦିଙ୍କ ଏହି ଲକ୍ଷ୍ୟ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସ୍ୱାଗତ ଅଭିଭାଷଣ ରଖି ଅଂଶଗ୍ରହଣକାରୀ ସମସ୍ତ କମ୍ପାନୀକୁ ସ୍ୱାଗତ କରି ଉଦ୍ୟୋଗ ସ୍ଥାପନ ନିମନ୍ତେ ସମସ୍ତ ସୁବିଧାସୁଯୋଗ ଯୋଗାଇ ଦିଆଯିବ ବୋଲି କହିଛନ୍ତି। ସିଆଇଆଇର ମହାନିର୍ଦ୍ଦେଶକ ଚନ୍ଦ୍ରଜିତ ବାନାର୍ଜୀ ଅଧିବେଶନ ପରିଚାଳନା କରିଥିବାବେଳେ ପିଡବ୍ଲ୍ୟୁସି ଅଧ୍ୟକ୍ଷ ସଂଜୀବ କ୍ରିଶନ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଉପସ୍ଥିତ ଥିଲେ। ଶେଷରେ ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ କୁମାର ଶର୍ମା ଧନ୍ୟବାଦ ଦେଇଥିଲେ।

## ଗୁରୁ-ଶିଷ୍ୟ ପରମ୍ପରାରେ କଳଙ୍କ

### ପ୍ରଧାନଶିକ୍ଷକଙ୍କ ବିରୋଧରେ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ



ବଲାଙ୍ଗିର,୨୮।୧(ସଂଚାର ବ୍ୟୁରୋ): ଗୁରୁ-ଶିଷ୍ୟ ପବିତ୍ର ପରମ୍ପରାରେ ପୁଣିଥରେ କଳଙ୍କର ଛିଟା ଲାଗିଛି। ଶିକ୍ଷକଙ୍କ ନାଁରେ ଛାତ୍ରୀଙ୍କୁ ଅସଦାଚରଣ କରିବା ପରି ସାଂଘାତିକ ଅଭିଯୋଗ ଆସିଛି। ଛାତ୍ରୀଙ୍କ ଅଭିଭାବକ ଏପରି ଅଭିଯୋଗ ଆଣିଛନ୍ତି। ସ୍କୁଲ୍‌ର ପ୍ରଧାନଶିକ୍ଷକଙ୍କ ବିରୋଧରେ ଏପରି ଅଭିଯୋଗ ହୋଇଛି। ଛାତ୍ରଛାତ୍ରୀଙ୍କ ପାଇଁ ସ୍କୁଲ ବିଦ୍ୟାମନ୍ଦିର ସଦୃଶ ହୋଇଥିଲେ ମଧ୍ୟ ଏଠାରେ ଶିକ୍ଷାଦାନ ଦାୟିତ୍ୱରେ ଥିବା ଶିକ୍ଷକ ଓ ପ୍ରଧାନଶିକ୍ଷକଙ୍କୁ ଭଗବାନଙ୍କ ଦର୍ଜା ଦିଆଯାଇଥାଏ। କିନ୍ତୁ ଜ୍ଞାନର ଏହି ମନ୍ଦିରରେ ପାପ କରିବାକୁ ଶିକ୍ଷକମାନେ ପଛାଉନାହାଁନ୍ତି। ବାପା-ମା'ଙ୍କ ପରେ ଶିକ୍ଷକଙ୍କ ସ୍ଥାନ ହୋଇଥିବା ବେଳେ ସେମାନେ କିନ୍ତୁ ନିଜର ସମ୍ମାନ ରଖୁନାହାନ୍ତି। ବରଂ ଗୁରୁ-ଶିଷ୍ୟ ପରମ୍ପରାରେ କଳଙ୍କ ଲଗାଇବାକୁ ପଛାଉନାହାନ୍ତି। ଆଲୋଚ୍ୟ ଘଟଣାରେ ବଲାଙ୍ଗିର ଜିଲ୍ଲାରେ ଜଣେ ପ୍ରଧାନଶିକ୍ଷକ ଉକ୍ତ ବିଦ୍ୟାଳୟର ଜନୈକା ଛାତ୍ରୀଙ୍କୁ ଅସଦାଚରଣ କରୁଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ବଲାଙ୍ଗିର ସଦର ଥାନାରେ ରେଙ୍ଗାଲି ଉଚ୍ଚ ପ୍ରାଥମିକ ସ୍କୁଲର ପ୍ରଧାନଶିକ୍ଷକଙ୍କ ବିରୋଧରେ ଏହି ମାମଲା ରୁଜୁ ହୋଇଛି। ପୀଡ଼ିତା ଛାତ୍ରୀଙ୍କ ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଝିଅ ସ୍କୁଲ୍ ଯିବାକୁ ଅମଙ୍ଗ ହେବାରୁ ଏ ସମ୍ପର୍କରେ ସେ ତାଙ୍କ ସାଥୀମାନଙ୍କୁ ପଚାରିବାରେ ପ୍ରଧାନଶିକ୍ଷକଙ୍କ କଳାକାର୍‌ନାମା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏହି ମାମଲାରେ ସେ ଗାଁ ସ୍କୁଲ କମିଟି ବୈଠକରେ ଅବଗତ କରାଇବା ସହ ନ୍ୟାୟ ପାଇଁ ଥାନାରେ ପହଞ୍ଚିଛନ୍ତି। ପ୍ରଧାନଶିକ୍ଷକଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ଛାତ୍ରୀମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି। ନିର୍ଯାତନା ଅସହ୍ୟ ହେଉଥିଲେ ମଧ୍ୟ ସେମାନେ ଲଜ୍ଜାରେ କାହାକୁ ଏ ବିଷୟରେ କିଛି ବି କହିପାରୁନାହାନ୍ତି। ତେବେ ବର୍ତ୍ତମାନ ଥାନାରେ ଅଭିଯୋଗ ହେବା ପରେ ସ୍ଥାନୀୟ ପୁଲିସ୍ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ସକାଶେ ସମ୍ପୃକ୍ତ ଅଭିଭାବକ ଜଣଙ୍କ ଦାବି କରିଛନ୍ତି। ଅନ୍ୟପକ୍ଷରେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ କି ଏନେଇ ତାଙ୍କର କିଛି ବି ପ୍ରତିକ୍ରିୟା ମିଳିପାରିନାହିଁ।

## ବ୍ୟାଙ୍କ୍ ଯିବାକୁ ପରାମର୍ଶ ଦେଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ): ସୁଭଦ୍ରା ଯୋଜନାକୁ ନେଇ ପ୍ରଭାତୀ ପରିଡ଼ାଙ୍କ ବଡ଼ ସୂଚନା। ରାଜ୍ୟ ସରକାରଙ୍କ 'ସୁଭଦ୍ରା' ଯୋଜନାରେ ଏପର୍ଯ୍ୟନ୍ତ ସାମିଲ ହୋଇପାରି ନଥିବା ମହିଳା ଆବେଦନକାରୀଙ୍କୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ପରାମର୍ଶ ଦେଇଛନ୍ତି। ଯେଉଁ ଆବେଦନକାରୀଙ୍କର ଏନ୍‌ପିସିଆଇଜନିତ ତ୍ରୁଟି ରହିଛି, ସେମାନେ ଏହି ଯୋଜନାରେ ସାମିଲ ହୋଇପାରିନଥିଲେ ବ୍ୟାଙ୍କକୁ ଯିବାକୁ କହିଛନ୍ତି ଉପମୁଖ୍ୟମନ୍ତ୍ରୀ। ଏହି ମହିଳାମାନେ ବ୍ୟାଙ୍କକୁ ଯାଇ ସମସ୍ୟା ଦୂର କରନ୍ତୁ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ ଏନ୍‌ପିସିଆଇଜନିତ ସମସ୍ୟା ପାଇଁ ଏପର୍ଯ୍ୟନ୍ତ ୩,୩୧,୦୦୦ ହିତାଧିକାରୀ ସୁଭଦ୍ରା ଟଙ୍କା ପାଇପାରିନାହାଁନ୍ତି। ଆସନ୍ତାକାଲି ଓ ତା'ଦିନ ଅର୍ଥାତ ଜାନୁଆରୀ ୨୯ ଏବଂ ୩୦ ତାରିଖରେ ଏନ୍‌ପିସିଆଇଜନିତ ତ୍ରୁଟି ଥିବା ମହିଳମାନେ ବ୍ୟାଙ୍କକୁ ଯିବେ। ଏହି ଦୁଇଦିନ ବ୍ୟାଙ୍କର କର୍ମଚାରୀମାନେ ସୁଭଦ୍ରା ପାଇଁ ଯାଇଥିବା ମହିଳାମାନଙ୍କ କାମକୁ ଗୁରୁତ୍ୱ ଦେବେ। ତେବେ ଯେଉଁମାନଙ୍କୁ ବ୍ୟାଙ୍କରେ ଥିବା ସମସ୍ୟା ପାଇଁ କଲ୍ ଆସିଛି, ସେମାନେ କେବଳ ଯିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ବ୍ୟାଙ୍କ ଯାଇ ଏନ୍‌ପିସିଆଇ ଆକ୍ଟିଭେଟ୍ କରିବେ ହିତାଧିକାରୀ। ଏନ୍‌ପିସିଆଇ କ୍ଲିୟର ହେଲେ ଚତୁର୍ଥ ପର୍ଯ୍ୟାୟରେ ସମସ୍ତ ହିତାଧିକାରୀଙ୍କୁ ମିଳିବ ସୁଭଦ୍ରା ପ୍ରଥମ କିସ୍ତି। ରାଜ୍ୟ ସରକାରଙ୍କ ବଡ଼ ଯୋଜନା 'ସୁଭଦ୍ରା' ଗତବର୍ଷ ସେପ୍ଟେମ୍ବର ୧୭ ତାରିଖରେ ଆରମ୍ଭ ହୋଇଥିଲା। ଏହି ଯୋଜନାରେ ସରକାର ହିତାଧିକାରୀମାନଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ଦେବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ରାଶି ୨ଟି କିସ୍ତିରେ ଦେବେ। ପ୍ରଥମ କିସ୍ତିରେ ସରକାର ଏପର୍ଯ୍ୟନ୍ତ ୩ଟି ପର୍ଯ୍ୟାରେ ୮୦,୦୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀମାନଙ୍କୁ ଟଙ୍କା ଦେଇସାରିଛନ୍ତି। ଆସନ୍ତା ମାର୍ଚ୍ଚ ୮ ତାରିଖରେ ଦ୍ୱିତୀୟ କିସ୍ତିର ଟଙ୍କା ମିଳିବ ବୋଲି ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିସାରିଛନ୍ତି।

### ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ ଅଶ୍ୱିନୀ ବୈଷ୍ଣବ

## ଭାରତର ସେମିକଣ୍ଡକ୍ଟର ମିଶନ୍ ବିଶ୍ୱକୁ ଉତ୍ସାହିତ କରିଛି

- ଓଡ଼ିଶାରେ ପ୍ରତିଷ୍ଠା ହେବ ଡାଟା ସେଣ୍ଟର୍ ଓ ଫିନ୍‌ଟେକ୍ ହବ୍: ଡ. ମହାଲିଙ୍ଗ
- ଦେଢ଼ ହଜାର କୋଟି ନିବେଶ କରିବ କେନ୍ସ ଟେକ୍ନୋଲୋଜି

ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ): ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୦୨୫ ରାଜ୍ୟ ପାଇଁ ଉଲ୍ଲେଖନୀୟ ସୁଯୋଗ ଓ ସଫଳତା ଆଣିବା ପାଇଁ ସକ୍ଷମ ହୋଇଛି। ଏହି ଆୟୋଜନରେ ଆଇଟି/ଆଇଟିଏସ୍, ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର, ଡାଟା ସେଣ୍ଟର୍ ଏବଂ ଅନ୍ୟାନ୍ୟ ସହଯୋଗୀ କ୍ଷେତ୍ରଗୁଡ଼ିକରେ ପାଖାପାଖି ୨୦,୯୦୦ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି ମିଳିଛି। ଏହା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ଏବଂ ସନ୍ତୁଳିତ ଆଞ୍ଚଳିକ ବିକାଶକୁ ସୁନିଶ୍ଚିତ କରିବ। ଜୋହୋ, ଇମ୍ମି ଫୋଟୋଭୋଲ୍ଟାଇକ୍ ପାୱାର୍, ସ୍ମାର୍ଟସିଙ୍କ୍ ଇନୋଭେସନ୍, କେନ୍ସ ସର୍କିଟ୍ ଇଣ୍ଡିଆ, ହେଟେରୋଜିନିଅସ୍ ଇଣ୍ଟିଗ୍ରେସନ୍ ପ୍ୟାକେଜିଂ ସୋଲ୍ୟୁସନ୍, ସାନ୍‌କୋଡ୍ ଟେକ୍ନୋଲୋଜିସ୍, ନେକ୍ସଟଜେନ୍ ହାଇଟେକ୍ ଏନର୍ଜି, ଭିସ୍ତାସ୍ ଗ୍ଲୋବାଲ୍ ଡବ୍ଲ୍ୟୁଏଲ୍ଏଲ୍ ଓ ଭିଭିଡିଏନ୍ ଟେକ୍ନୋଲୋଜିସ୍ ଓଡ଼ିଶାରେ ଆଖିଦୃଶିଆ ନିବେଶ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ନାସକମ୍, ୱାଧ୍ୱାନୀ ଫାଉଣ୍ଡେସନ୍ ଓ ଏସ୍ଏଫ୍ଏଏଲ୍, ବେଙ୍ଗାଲୁରୁ ସହ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣା ଓଡ଼ିଶାରେ ଏଆଇ ସେଣ୍ଟର୍ ଅଫ୍ ଏକ୍ସଲେନ୍ସ ସ୍ଥାପନ, ନୂତନ ବୈଷୟିକ ଜ୍ଞାନକୌଶଳରେ ସରକାରୀ କର୍ମଚାରୀଙ୍କୁ ପ୍ରଶିକ୍ଷଣ, ଏବଂ ରାଜ୍ୟର ପ୍ରମୁଖ ଓ-ଟିପି କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଶେଷ ସାହାଯ୍ୟ କରିବ। କନ୍‌କ୍ଲେଭ୍‌ରେ ସିକ୍‌ସେମ୍ ପ୍ରାଇଭେଟ୍ ଲିମିଟେଡ୍ ଭୂମିପୂଜନ ହୋଇଥିବା ବେଳେ ଏହି କମ୍ପାନୀ ଭୁବନେଶ୍ୱର ଇନ୍‌ଫୋଭ୍ୟାଲି ଅଞ୍ଚଳରେ ୧୫ ଏକର ଜମିରେ ଏକ ସେମିକଣ୍ଡକ୍ଟର୍ ମାନୁଫାକ୍ଚରିଂ ଓ ଏଟିଏମ୍‌ପି ପ୍ରକଳ୍ପ ଆରମ୍ଭ କରିବ।




## ଶ୍ରୀମନ୍ଦିର ନୀଳଚକ୍ର ଉପରେ ଉଡିଲା ଡ୍ରୋନ୍!

ପୁରୀ,୨୮।୧(ସଂଚାର ବ୍ୟୁରୋ): ପୁଣି ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଉଡ଼ିଲା ଡ୍ରୋନ୍। ପ୍ରାୟ ୨୫ ମିନିଟ୍ ଧରି ଡ୍ରୋନ୍‌ଟି ଶ୍ରୀମନ୍ଦିର ନୀଳଚକ୍ର ଉପରିଭାଗ ଓ ପରିକ୍ରମା ମାର୍ଗରେ ପଇଁତରା ମାରିଥିଲା। ଡ୍ରୋନଟି କେଉଁଠାରୁ ଅପରେଟ ହେଉଥିଲା, ତାହା ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ତେବେ ଏନେଇ ସିଂହଦ୍ୱାର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଡ୍ରୋନ୍ ଉଡାଉଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁରୀ ଏସ୍‌ପି କହିଛନ୍ତି। ଆଜି ଶ୍ରୀମନ୍ଦିର ଉପରି ଭାଗରେ ଉଡିଥିଲା ଡ୍ରୋନ୍। ପୋଲିସ୍ ଡ୍ରୋନ୍‌ଟିକୁ ଖସାଇବାକୁ ଚେଷ୍ଟା କରିଥିଲା। ହେଲେ ଡ୍ରୋନ୍‌ଟି ମେଘନାଦ ପାଚେରୀ, ଶ୍ରୀ ସେତୁ ଦେଇ ଦ୍ରୁତ ଗତିରେ ପଳାଇ ଯାଇଥିଲା। ପୋଲିସ୍ ଡ୍ରୋନ୍‌ଟିକୁ ଧରିବାରେ ବିଫଳ ହୋଇଥିଲା। ସିସିଟିଭିରେ କଏଦ ହୋଇଥିବା ଭିଡିଓ ଫୁଟେଜ୍‌କୁ ନେଇ ପୋଲିସ୍ ତଦନ୍ତ ଚଳାଇଛି।

### ଝିଅକୁ ଦୁଷ୍କର୍ମ ମାମଲା

## ଅଭିଯୁକ୍ତ ବାପାକୁ ଆଜୀବନ ଜେଲଦଣ୍ଡ

### ଅଭିଯୋଗର ୬ ମାସ ପରେ ଜୀବନ ହାରିଥିଲେ ପୀଡ଼ିତା

ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ): ୪ ବର୍ଷ ପରେ ଦୁଷ୍କର୍ମ ପୀଡ଼ିତା ନାବାଳିକାଙ୍କୁ ନ୍ୟାୟ ମିଳିଛି। କିନ୍ତୁ କୋର୍ଟ ତାଙ୍କ ସପକ୍ଷରେ ଦେଇଥିବା ରାୟ ଶୁଣିବା ସକାଶେ ପୀଡ଼ିତା ଜଣଙ୍କ ଆଉ ଦୁନିଆରେ ନାହାନ୍ତି। ନିଜ ବାପା ତାଙ୍କର ସୁରକ୍ଷା କରିବା ପରିବର୍ତ୍ତେ ଇଜ୍ଜତରେ ହାତ ଦେଇଥିବାରୁ ନାବାଳିକା ଝିଅ ଜଣଙ୍କ ଦାଣ୍ଡରେ ମୁଣ୍ଡ ଟେକି ଚାଲି ନ ପାରିବା ଭୟରେ ଜୀବନ ହାରିଥିଲେ। ତେବେ ଏହି ଦୁଷ୍କର୍ମରୀ ବାପାକୁ ଆଜି ଆଜୀବନ ଜେଲ୍‌ଦଣ୍ଡାଦେଶ ଶୁଣାଇଛନ୍ତି ଭୁବନେଶ୍ୱର ପକ୍‌ସୋ ଫାଷ୍ଟଟ୍ରାକ କୋର୍ଟ। ଘଟଣାଟି ଗତ ୨୦୨୧ରେ ସ୍ଥାନୀୟ ସହିଦନଗର ଥାନା ଅଞ୍ଚଳରେ ଘଟିଥିଲା। ଏହି ମାମଲାରେ କୋର୍ଟ ରାୟ ଶୁଣାଇବା ପୂର୍ବରୁ ୨୩ ଜଣଙ୍କ ସାକ୍ଷ୍ୟ ଓ ୨୬ଟି ଦସ୍ତାବିଜ ତନ୍ନତନ୍ନ କରି ବିଚାର କରିଥିଲେ। ଏହାପରେ ନିଜ ନାବାଳିକା କନ୍ୟା ପ୍ରତି ଅବିଚାର କରିଥିବା ବାପାକୁ ଆଜୀବନ ଜେଲ୍‌ଦଣ୍ଡାଦେଶ ଦେଇଛନ୍ତି କୋର୍ଟ। ଏ ସଂକ୍ରାନ୍ତରେ ସରକାରୀ ଓକିଲ ରାଜୀବ ସାମଲ କହିଛନ୍ତି ଯେ ଘଟଣାଟି ଅତ୍ୟଧିକ ଲଜ୍ଜାଜନକ। ସଭ୍ୟ ସମାଜ ପାଇଁ ଅତ୍ୟନ୍ତ ଖରାପ। ତେଣୁ ଏହି ମାମଲାରେ ଦଣ୍ଡାଦେଶ ଯେପରି ଏକ ଉଦାହରଣ ସୃଷ୍ଟି କରିବ ଓ ବେଶ୍ ଦୃଷ୍ଟାନ୍ତମୂଳକ ହେବ, ସେନେଇ ଏହି ଘଟଣାରେ ଆଜୀବନ ଦଣ୍ଡାଦେଶ ଶୁଣାଇଛନ୍ତି କୋର୍ଟ। ଏନେଇ ପ୍ରତିପକ୍ଷ ଓକିଲ ଓ ଅଭିଯୁକ୍ତଙ୍କ ପକ୍ଷରୁ ଅନେକ ଆଳ ଦେଖାଇ ଓ ଭୁଲ ପ୍ରମାଣ କୋର୍ଟରେ ଉପସ୍ଥାପନ କରିଥିଲେ ମଧ୍ୟ ଉପଯୁକ୍ତ ବଳିଷ୍ଠ ଯୁକ୍ତି ଓ ନ୍ୟାୟ ସଙ୍ଗତ ତଥ୍ୟ ଆଧାରରେ ପୀଡ଼ିତାକୁ ନ୍ୟାୟ ମିଳିଛି। ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଗତ ୨୦୨୧ ଏପ୍ରିଲ୍ ୯ରେ ସହିଦନଗର ଥାନାରେ ପୀଡ଼ିତା ନାବାଳିକା ଜଣଙ୍କ ତାଙ୍କ ବାପା ନାଁରେ ଦୁଷ୍କର୍ମ ଅଭିଯୋଗ ଆଣିଥିଲେ। ଚାରି ମାସ ପୂର୍ବରୁ ବିଭିନ୍ନ ସମୟରେ ରାତିରେ ତାଙ୍କ ବାପା ଦୁଷ୍କର୍ମ କରୁଥିବା ସେ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ। ଖାଇବାକୁ ନଦେବା, ବାହାରକୁ ଯିବା ପାଇଁ ଖର୍ଚ୍ଚ ଓ ଚଳିବା ପାଇଁ କିଛି ନଦେବାର ଧମକ ଦେଖାଇ ବାପା ତାଙ୍କୁ ବାରମ୍ବାର ଦୁଷ୍କର୍ମ କରୁଥିବା ନାବାଳିକା ଜଣଙ୍କ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ପୁଲିସ୍ ୧୫୮/୨୦୨୧ରେ ଏକ ମାମଲା ରୁଜୁ କରିବା ସହ ଏସଆଇ ସଂଯୁକ୍ତା ସାହୁ ତଦନ୍ତ ଆରମ୍ଭ କରିଥିଲେ। ଦୁଷ୍କର୍ମ ଓ ପକ୍‌ସୋ ଆଇନ ଆଧାରରେ ପୁଲିସ୍ ଅଭିଯୁକ୍ତ ବାପାକୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଏହି ଘଟଣାରେ ଅଭିଯୁକ୍ତ ବାପାର ବୟାନ ମଧ୍ୟ ରେକର୍ଡ କରାଯାଇଥିଲା। ତା'ଛଡ଼ା ସାଇଣ୍ଟିଫିକ ଟିମ୍ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ପ୍ରମାଣ ଆଧାରରେ ତଦନ୍ତ କରି ପୁଲିସ୍ ଚାର୍ଜସିଟ୍ ଦାଖଲ କରିଥିଲା। ତେବେ ଅଭିଯୋଗ କରିବାର ୬ ମାସ ଭିତରେ ପୀଡ଼ିତା ନାବାଳିକା ଜଣଙ୍କ ଜୀବନ ହାରିଦେଇଥିଲେ। କାରଣ ତାଙ୍କ ପରିବାରରେ ଯଦିଓ ମା' ଓ ଭାଉଜ ତାଙ୍କ ସପକ୍ଷରେ ଥିଲେ, କିନ୍ତୁ ଦୁଇ ଭାଇ ବାପାକୁ ସମର୍ଥନ କରୁଥିଲେ। ପୁଲିସ୍ ତଦନ୍ତ ଚାଲିଥିବା ସମୟରେ ସେ ଆତ୍ମହତ୍ୟା କରିଥିଲେ। ସେତେବେଳେ ପୁଲିସ ଏକ ଅପମୃତ୍ୟୁ ମାମଲା ମଧ୍ୟ ରୁଜୁ କରିଥିଲା। କୋର୍ଟରେ ମାମଲାର ବିଚାର ସମୟରେ ଦୁଇ ଭାଇ ପୀଡ଼ିତାଙ୍କ ବିରୋଧରେ ମିଛ ଅଭିଯୋଗ ମଧ୍ୟ କରିଥିଲେ। ସେମାନଙ୍କ ଭଉଣୀ ବାପାଙ୍କଠାରୁ ୪ ଲକ୍ଷ ଟଙ୍କା ଓ ମୋବାଇଲ ପାଇଁ ଦାବି କରିଥିବା ବେଳେ ବାପା ଏହା ନ ଦେବାରୁ ସେ ମିଛ ଅଭିଯୋଗ କରିଥିବା ସେମାନେ ବୟାନ ଦେଇଥିଲେ। କିନ୍ତୁ ପ୍ରତିପକ୍ଷ ସରକାରୀ ଓକିଲ ଯୁକ୍ତି ସମୟରେ ଏହା ଭୁଲ ସାବ୍ୟସ୍ତ କରିଦେଇଥିଲେ ଏବଂ ଶେଷରେ ଦୁଷ୍କର୍ମୀ ବାପାକୁ ଆଜୀବନ ଜେଲ୍‌ଦଣ୍ଡାଦେଶ ମିଳିଛି।

## ଥଇଥାନ କେନ୍ଦ୍ରରେ ଅନ୍ତେବାସୀଙ୍କୁ ନିର୍ଯାତନା ଅଭିଯୋଗ, ୨ ଗିରଫ

ସମ୍ବଲପୁର,୨୮।୧(ସଂଚାର ବ୍ୟୁରୋ): ରକ୍ଷକ ଭକ୍ଷକ ସାଜିବା ସହ ଅସହାୟଙ୍କୁ ଆଶ୍ରା ଦେବା ସ୍ଥାନରେ ମାନବିକତା ଭୁଲିଗଲେ। ସମ୍ବଲପୁର ସହର ଧନୁପାଲ୍ଲୀ ଥାନା ଅନ୍ତର୍ଗତ ପୁଟିବନ୍ଧ ଅଞ୍ଚଳର ନେତାଜୀ ନଗରରେ ଥିବା ମାନସିକ ଅନଗ୍ରସର ଥଇଥାନ କେନ୍ଦ୍ର 'ସମର୍ଥ' ଅନୁଷ୍ଠାନ ବିରୋଧରେ ଏପରି ଅଭିଯୋଗ ଆସିଛି। 'ଆଦର୍ଶ ଶିଶୁ ମନ୍ଦିର' ଦ୍ୱାରା ପରିଚାଳିତ 'ସମର୍ଥ' ଅନୁଷ୍ଠାନରେ ଥିବା ମାନସିକ ଦିବ୍ୟାଙ୍ଗ ଅନ୍ତେବାସୀଙ୍କୁ ଅତି ଅମାନୁଷିକ ଭାବେ ମାଡ଼ ଦିଆଯାଉଥିବା ଭିଡିଓ ଭାଇରାଲ୍ ହେବା ପରେ ସ୍ପଷ୍ଟ ହୋଇଛି। ଏହାକୁ ନେଇ ବିଭିନ୍ନ ମହଲରେ ପ୍ରବଳ ଉଦବେଗ ପ୍ରକାଶ ପାଇଥିବା ବେଳେ ଆଜି ପୁଲିସ୍ ତଦନ୍ତ ଆରମ୍ଭ କରିଛି। 'ସମର୍ଥ'ର ପୂର୍ବତନ କର୍ମଚାରୀ କେୟାରଟେକର୍ ଲିପିକା ଦର୍ଜୀ ଏନେଇ ଅଭିଯୋଗ କରି କହିଛନ୍ତି ଯେ ଏଠାରେ ଯେପରି ଶାରୀରିକ ନିର୍ଯାତନା ଦିଆଯାଉଛି, ତାହା ସହିବା କଷ୍ଟକର। ଦୀର୍ଘଦିନ ଧରି ଏପରି ଅମାନୁଷିକ କାର୍ଯ୍ୟ ଚାଲିଥିବା ବେଳେ ଏହାର ପ୍ରମାଣ ରଖି ସେ ଏହାକୁ ପ୍ରଘଟ କରିବାକୁ ଚାହୁଁଥିଲେ। ଏଠାରେ ରହୁଥିବା ଅନ୍ତେବାସୀମାନଙ୍କୁ ମାଡ଼ଦେବା, ଭଲ ଖାଦ୍ୟ ନଦେବା, ନିର୍ବସ୍ତ୍ର କରି ଗାଧୋଇବା ପାଇଁ ବାଧ୍ୟ କରାଯିବା ପରି ଅମାନୁଷିକ ଆଚରଣ ପ୍ରଦର୍ଶନ କରାଯାଉଛି। ତେଣୁ ଏପରି ଅମାନୁଷିକ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସକାଶେ ପୁଲିସକୁ ସୂଚନା ଦିଆଯାଇଛି ବୋଲି ଲିପିକା କହିଛନ୍ତି। ଏଠାରେ ଏପରି କାର୍ଯ୍ୟ ଚାଲିଥିବାରୁ ସେ ଏଠାରୁ କାମ ଛାଡ଼ି ଅନ୍ୟତ୍ର ଅନ୍ୟତ୍ର କାମ ଖୋଜୁଥିଲେ। ଅନ୍ୟ ଜାଗାରେ କାମ ପାଇଲା ପରେ ଏଠାରେ ନିର୍ଯାତନାର ଶିକାର ହେଉଥିବା ଲୋକମାନଙ୍କୁ ଉଦ୍ଧାର କରିବାରେ ସହଯୋଗ କରିବେ ବୋଲି ଚିନ୍ତା କରୁଥିବା ଲିପିକା କହିଛନ୍ତି। ଲିପିକା ଏପରି ନିର୍ଯାତନା ସମୟର ଭିଡିଓ ଭାଇରାଲ୍ କରିବା ପରେ ଆଜି ସ୍ଥାନୀୟ ବିଧାୟକ ସୁଦର୍ଶନ ହରିପାଲ ଏନେଇ ଧନୁପାଲି ପୁଲିସକୁ ଫୋନ କରି ଜଣାଇଥିଲେ। ପୁଲିସ ତୁରନ୍ତ 'ସମର୍ଥ'ରେ ଚଢ଼ାଉ କରିବା ସହ ଅନୁଷ୍ଠାନର ସମ୍ପାଦକ ହରିଶ୍ଚନ୍ଦ୍ର ଦାସ ଓ ଜଣେ ସହାୟିକାଙ୍କୁ ଗିରଫ କରିଛି। ଅନ୍ୟପକ୍ଷରେ ପୁଲିସ ଜିଲ୍ଲା ପ୍ରଶାସନ ଡିଏସ୍ଏସ୍‌ଓଙ୍କୁ ଏନେଇ ସୂଚନା ଦେଇଛି। ଡିଏସ୍ଏସ୍‌ଓଙ୍କ ତଦନ୍ତ ପରେ ତାଙ୍କ ରିପୋର୍ଟକୁ ଆଧାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସମ୍ବଲପୁର ସଦର ଏସଡିପିଓ ତୁଫାନ ବାଗ ସୂଚନା ଦେଇଛନ୍ତି। ତେବେ ଏହି ଘଟଣାରେ ସଫେଇ ଦେଇ ଶ୍ରୀ ଦାସ କହିଛନ୍ତି ଯେ ଅଭିଯୋଗ କରିଥିବା ପୂର୍ବତନ କର୍ମଚାରୀ ଲିପିକା ଭିଡିଓ ଭାଇରାଲ୍ କରିବା ପୂର୍ବରୁ ଏ ସମ୍ପର୍କରେ ତାଙ୍କୁ ସୂଚନା ଦେବାର ଆବଶ୍ୟକତା ଥିଲା। ଏପରି ଅମାନବୀୟ କାର୍ଯ୍ୟ ବିରୋଧରେ ସେ ନିଶ୍ଚିତ ଭାବେ ପଦକ୍ଷେପ ନେଇଥାନ୍ତେ। ସେ କଦାପି କାହାକୁ ମାଡ଼ ମାରିନାହାନ୍ତି, କେବଳ ଧମକଚମକ ଦେଇଥିବା ଶ୍ରୀ ଦାସ କହିଛନ୍ତି। ଏଥିସହ ଅନ୍ତେବାସୀମାନଙ୍କର ଉପଯୁକ୍ତ ଯତ୍ନ ନିଆଯାଉଛି ବୋଲି ଶ୍ରୀ ଦାସ ସ୍ପଷ୍ଟ କରିବାକୁ ଯାଇ ସେମାନଙ୍କୁ ମାସକୁ ୨ ଥର ଡାକ୍ତରଙ୍କ ଦ୍ୱାରା ଚେକ୍‌ଅପ୍ କରାଯିବା ସହ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଦିଆଯାଉଛି ବୋଲି ସେ କହିଛନ୍ତି।




## ବଜେଟ ଅଧିବେଶନ ପାଇଁ ବିଜେଡିର ମାନସମନ୍ଥନ



ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ): ବିଜେଡି ସଂସଦୀୟ ଦଳର ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ଆସନ୍ତା ୩୧ ତାରିଖରୁ ଆରମ୍ଭ ହେବାକୁ ଥିବା ଅଧିବେଶନରେ ବିଜେଡି ଉଠାଇବ ରାଜ୍ୟର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ। ସେ ନେଇ ନବୀନ ପଟ୍ଟନାୟକ ସବୁ ସାତ ସାଂସଦଙ୍କୁ ଦେଇଛନ୍ତି ଗୁରୁମନ୍ତ୍ର। ସଂସଦର ବଜେଟ ଅଧିବେଶନରେ ବିଜେଡି ପୁଣି ଉଠାଇବ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରସଙ୍ଗ। ବିଜେପି ନିର୍ବାଚନ ସମୟରେ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତାକୁ ନିଜ ନିର୍ବାଚନୀ ଇସ୍ତାହାରରେ ରଖିଥିଲା। କିନ୍ତୁ ଏଯାଏଁ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ମିଳିଲା ନାହିଁ। ଏଥିସହିତ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରିବା ପାଇଁ ସ୍ୱାମୀନାଥନ କମିଶନ ରିପୋର୍ଟ ଲାଗୁ କରିବାକୁ ମଧ୍ୟ ଦାବି ଦୋହରାଇବ। ସେହିଭଳି ଦରଦାମ ବୃଦ୍ଧି, ଖଣି ସମୃଦ୍ଧ ଜିଲ୍ଲା ପାଇଁ ସବୁଜ ଟିକସ ବ୍ୟବସ୍ଥା ଲାଗୁ, କଟକ-ସମ୍ବଲପୁର ଜାତୀୟ ରାଜପଥ ସହ କୋଷ୍ଟାଲ ହାଇଓ୍ୱେ ଦାବି ପୁଣି ସଂସଦରେ ଉଠାଇବ ବିଜେଡି। ସେହିଭଳି ବାଲେଶ୍ୱର, ସମ୍ବଲପୁର ଓ କୋରାପୁଟରେ ଏମସ ହସ୍ପିଟାଲ ତିଆରି ଦାବି ସହ ମହାନଦୀ ଓ ପୋଲାଭରମ ପ୍ରକଳ୍ପରେ ରାଜ୍ୟ ପ୍ରତି ହେଉଥିବା ଅନ୍ୟାୟ ବିରୋଧରେ ସଂସଦରେ ସ୍ୱର ଉଠାଇବେ ବିଜେଡି ସାଂସଦ। ତେବେ ଏକ ରାଷ୍ଟ୍ର ଏକ ନିର୍ବାଚନ ପ୍ରସଙ୍ଗରେ ଯୁଗ୍ମ ସଂସଦୀୟ କମିଟିରେ ଦଳ ନିଜର ଆଭିମୁଖ୍ୟ ରଖିବ ବୋଲି କହିଛନ୍ତି ବିଜେଡି ସାଂସଦ ସସ୍ମିତ ପାତ୍ର।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ଆଜିର ସୁନା ଦର

ବିବାହ ଋତୁରେ ଅହେତୁକ ଭାବେ ସୁନା ଦର ବୃଦ୍ଧି ସାଧାରଣ ଲୋକଙ୍କ ନିଦ ହଜାଇ ଦେଇଛି। ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୫ ହଜାର ୧୦୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୮୧ ହଜାର ୯୩୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୫, ୧୦୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୮୧ ,୯୩୦ ଟଙ୍କା ରହିଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୫,୧୦୦ ଟଙ୍କା ଓ ୮୧,୯୩୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୫, ୨୫୦ ଟଙ୍କା ଓ ୮୨, ୦୮୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୫,୧୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୧, ୯୩୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୫,୧୦୦ ଟଙ୍କା ଓ ୮୧,୯୩୦ ଟଙ୍କା ରହିଛି। ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୬,୫୦୦ ହଜାର ଟଙ୍କା ହୋଇଛି।

# ସେନସେକ୍ସ ୫୩୫ ପଏଣ୍ଟ ବୃଦ୍ଧି



**ମୁମ୍ବାଇ, ୨୮।୧ଃ** ସୋମବାର ବଡ଼ ଧରଣର ହ୍ରାସ ପରେ ଆଜି ଭାରତୀୟ ଷ୍ଟକ ବଜାରରେ ଭଲ ସୁଧାର ଦେଖିବାକୁ ମିଳିଛି। ମଙ୍ଗଳବାର ବିଏସ୍ଇ ସେନସେକ୍ସ ୫୩୫.୨୪ ପଏଣ୍ଟ (୦.୭୧%) ବୃଦ୍ଧି ପାଇ ୭୫,୯୦୧.୪୧ ପଏଣ୍ଟରେ ବନ୍ଦ ହୋଇଛି। ସେହିପରି ଏନଏସଇ ନିଫ୍ଟି ୫୦ ଇଣ୍ଡେକ୍ସ ମଧ ୧୨୮.୧୦ ପଏଣ୍ଟ (୦.୫୬%) ବୃଦ୍ଧି ପାଇ ୨୨,୯୫୭.୨୫ ପଏଣ୍ଟରେ ବନ୍ଦ ହୋଇଛି। ସୋମବାର ସେନସେକ୍ସ ୮୨୪.୨୯ ପଏଣ୍ଟ ହ୍ରାସ ପାଇ ୭୫,୩୬୬.୧୭ ପଏଣ୍ଟ ଓ ନିଫ୍ଟି ୨୬୩.୦୫ ପଏଣ୍ଟ ହ୍ରାସ ପାଇ ୨୨,୮୨୯.୧୫ ପଏଣ୍ଟରେ ବନ୍ଦ ହୋଇଛି। ମଙ୍ଗଳବାର ସେନସେକ୍ସର ୩୦ଟି ଷ୍ଟକ୍ ମଧରୁ ୧୯ଟି କମ୍ପାନିର ସେୟାର ବୃଦ୍ଧି ହୋଇଥିବା ବେଳେ ଅବଶିଷ୍ଟ ୧୧ଟି କମ୍ପାନିର ସେୟାର ହ୍ରାସ ସହ ଲାଲ ରଙ୍ଗରେ ବନ୍ଦ ହୋଇଛି। ସେହିପରି ନିଫ୍ଟି ୫୦ ଟି କମ୍ପାନୀର ୫୦ଟି ଷ୍ଟକ ମଧରୁ ୨୮ଟି ବଜାର ସବୁଜ ରଙ୍ଗରେ ବନ୍ଦ ହୋଇଥିବା ବେଳେ ଅବଶିଷ୍ଟ ୨୨ଟି କମ୍ପାନୀ କ୍ଷତି ସହ ଲାଲ ରଙ୍ଗରେ ବନ୍ଦ ହୋଇଛି । ସେନ୍ସେକ୍ସରେ ବଜାଜ ଫାଇନାନ୍ସ ୪.୩୪ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ସନ ଫାର୍ମା ୪.୧୯ ପ୍ରତିଶତ ବୃଦ୍ଧି ପାଇ ଶୀର୍ଷରେ ରହିଛି।

## ଇସ୍ତଫା ଦେଲେ ପେଟିଏମ୍ ପେମେଣ୍ଟ ସର୍ଭିସର ସିଇଓ ନକୁଳ ଜୈନ



ନୂଆଦିଲ୍ଲୀ,୨୮।୧ଃ ପେଟିଏମ୍ ପେମେଣ୍ଟ ସର୍ଭିସେସ ଲିମିଟେଡର ସିଇଓ ନକୁଳ ଜୈନ ଇସ୍ତଫା ଦେଇଛନ୍ତି। ସେ ନିଜର ବ୍ୟବସାୟିକ ଯାତ୍ରା ଆରମ୍ଭ କରିବା ପାଇଁ ପଦ ଛାଡିଛନ୍ତି। ସୋମବାର ଏକ ଷ୍ଟକ ଏକ୍ସଚେଞ୍ଜ ଫାଇଲିଂରେ କମ୍ପାନୀ ଏହି ସୂଚନା ଦେଇଛି। କମ୍ପାନୀ କହିଛି, 'ଆମେ ଏକ ଯୋଗ୍ୟ ବ୍ୟକ୍ତି ଖୋଜୁଛୁ, ଏବଂ ଖୁବ ଶୀଘ୍ର ନୂଆ ନାମ ଘୋଷଣା କରିବୁ। ଏହି ସମୟ ମଧରେ, ପିପିଏସଏଲ ଏହାର ଅଭିବୃଦ୍ଧି ଏବଂ ଏହାର ବ୍ୟବସାୟିକ ଉଦ୍ଦେଶ୍ୟ ହାସଲ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି।' କମ୍ପାନୀର ସିଇଓଙ୍କ ଇସ୍ତଫା ଏପରି ଏକ ସମୟରେ ଆସିଛି ଯେତେବେଳେ ଫିନଟେକ ଏହାର ପେମେଣ୍ଟ ଏଗ୍ରିଗେଟର ଲାଇସେନ୍ସ ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ଅନୁମୋଦନକୁ ଅପେକ୍ଷା କରିଛି। ନଭେମ୍ବର ୨୦୨୨ରେ, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏଫଡିଆଇ ମାନଦଣ୍ଡ ପାଳନ ନକରିବା ପାଇଁ ପେଟିଏମର ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିଲା। ଅଗଷ୍ଟ ୨୦୨୪ରେ, ପେଟିଏମ ପିପିଏସଏଲରେ ଡାଉନଷ୍ଟ୍ରିମ ନିବେଶ ପାଇଁ ସରକାରଙ୍କଠାରୁ ଅନୁମୋଦନ ପାଇଥିଲା। ଏହା ପରେ, କମ୍ପାନୀ ପିଏ ଲାଇସେନ୍ସ ପାଇଁ ପୁନଃ ଆବେଦନ କରିଥିଲା। ପିପିଏସଏଲ କହିଛି ଯେ ଅନୁମୋଦନ ଅପେକ୍ଷାରେ ଏହା ଏହାର ବିଦ୍ୟମାନ ଅନଲାଇନ ବ୍ୟବସାୟୀମାନଙ୍କୁ ପେମେଣ୍ଟ ସେବା ପ୍ରଦାନ କରିବା ଜାରି ରଖିବ।

## ପ୍ରସାଦ ଜୁଏଲର୍ସର ନୂଆ ଶୋ'ରୁମ ଉଦ୍‌ଘାଟିତ



ସମ୍ବଲପୁର,୨୮।୧ଃ ପ୍ରସାଦ ଜୁଏଲର୍ସର ନୂତନ ଶୋରୁମ ସମ୍ବଲପୁର ସହର ବୁଢ଼ାରଜା ଏସ୍ଆଇଟି କଲୋନି ସମ୍ମୁଖରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୋରୁମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଅନିଲ ପ୍ରସାଦଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସେହିଭଳି ଦୁଇ ମହଲା ବିଶିଷ୍ଟ ଏହି ଅତ୍ୟାଧୁନିକ ଶୋରୁମ ସୂକ୍ଷ୍ମ ଅଳଙ୍କାରଗୁଡିକର ଏକ ବିସ୍ତୃତ ସଂଗ୍ରହକୁ ପ୍ରଦର୍ଶିତ କରୁଛି। ରାଉରକେଲାଠାରେ ୨ହଜାର ବର୍ଗଫୁଟ ଅଚଳରେ ପରିବ୍ୟାପ୍ତ ଏକ ଷ୍ଟୋର ସହ ନିଜର ଯାତ୍ରା ଆରମ୍ଭ କରିଥିଲା। ଏହାପରେ ପ୍ରସାଦ ଜୁଏଲର୍ସର ସୁନ୍ଦରଗଡ, ଝାରସୁଗୁଡା ଓ ସମ୍ବଲପୁରଠାରେ ଶାଖା ସହ ନିଜର ଉପସ୍ଥିତି ବିସ୍ତାର କରିଛି। ଏଥିସହ ଗ୍ରାହକଙ୍କ ବିବିଧ ପସନ୍ଦକୁ ପୂରଣ କରିବା ପାଇଁ ଏହି ଷ୍ଟୋରରେ ଆର୍ଟିଫିସିଆଲ ଜୁଏଲାରୀଗୁଡ଼ିକର ଏକ ସେକ୍ସନ ରହିଛି ବୋଲି କାର୍ଯ୍ୟକାରୀ ନିର୍ଦ୍ଦେଶକ ସୌରଭ ପ୍ରସାଦ ସୂଚିତ କରିଛନ୍ତି । ସେ କହିଥିଲେ, ଉଦ୍‌ଘାଟନୀ ଉତ୍ସବ ସକାଶେ ସ୍ୱତନ୍ତ୍ର ଅଫର ରହିଛି। ସେହିପରି ଆର୍ଟିଫିସିଆଲ ଜୁଏଲାରୀ ଉପରେ ଫ୍ଲାଟ ୨୦ ପ୍ରତିଶତ ରିହାତି ଉପଲବ୍ଧ ରହିଛି । ଏହି ଅଫରଗୁଡ଼ିକରେ କୌଣସି ସର୍ତ୍ତାବଳୀ ଲାଗୁ ନାହିଁ। ଏହା ଆସନ୍ତା ଫେବୃଆରୀ ୨ ପର୍ଯ୍ୟନ୍ତ ସମସ୍ତ କ୍ରୟ ଉପରେ ବୈଧ ରହିବ।

# ବଜାରରେ 'କିଆ'ର ଅଲ୍ ନ୍ୟୁ 'ସିରୋସ୍'




**ଭୁବନେଶ୍ୱର,୨୮।୧ଃ** କିଆ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ୍ ନ୍ୟୁ କିଆ ସିରୋସ୍'ର ବିଶ୍ୱସ୍ତରୀୟ ଅନାବରଣ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କିଆ ଇଣ୍ଡିଆର ସ୍ୱୀକୃତିପ୍ରାପ୍ତ ଡିଲର ତୃପ୍ତି କିଆ ଭୁବନେଶ୍ୱର ପାତ୍ରପଡ଼ା ଶୋ'ରୁମ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ବିଏମ୍‌ସି ୬୫ ନମ୍ବର ଓ୍ୱାର୍ଡର କର୍ପୋରେଟର ରଶ୍ମି ରଞ୍ଜନ ପାଢ଼ଶାଣୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ ସହ ଉକ୍ତ ମଡେଲକୁ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତୃପ୍ତି କିଆର ଏମ୍‌ଡି ବଦ୍ରିନାରାୟଣ ସାମନ୍ତରାୟ ଏବଂ ଜିଏମ୍ ସେଲ୍ ଗୋପାଳ ସିଂ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ତୃପ୍ତି କିଆର ଏମ୍‌ଡି ବଦ୍ରିନାରାୟଣ କହିଥିଲେ, ଅଲ୍ ନ୍ୟୁ 'ସିରୋସ୍'କୁ ଆମେ ଆନୁଷ୍ଠାନିକ ଭାବେ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମେ ଆମର ବୁକିଂ ଗ୍ରାହକଙ୍କୁ ବର୍ତ୍ତମାନ ଏହି ମଡେଲର ଡେଲିଭରି ଆରମ୍ଭ ସହ ନୂତନ ପଞ୍ଜୀକରଣ କରୁଛୁ। ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ 'ସିରୋସ୍'ରେ ଦୁଇଟି ପ୍ୟାନେଲଯୁକ୍ତ ସନ୍‌ରୁଫ, ଲେବଲ୨ ଆଡାସ(ଏଡିଏଏସ୍) ସହିତ ୧୬ଟି ସ୍ୱୟଂଚାଳିତ ସୁରକ୍ଷା ବୈଶିଷ୍ଟ୍ୟ ସାଙ୍ଗକୁ ୨୦ଟି ଉଚ୍ଚ ଗୁଣବତ୍ତା ଓ ସୁରକ୍ଷା ବ୍ୟବସ୍ଥା ଅନ୍ତର୍ଭୁକ୍ତ ରହିଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ସବୁଦିନ ପରି ଆଜି ବି ପେଟ୍ରୋଲ ଓ ଡିଜେଲ ଦରରେ କିଛିଟା ପରିବର୍ତ୍ତନ ହୋଇଛି। ତେବେ ଆଜିର ଦାମ ବିଷୟରେ ଜାଣିବା ପୂର୍ବରୁ ଆପଣଙ୍କୁ କହିରଖିବାକୁ ଚାହିଁବୁ ଯେ ପ୍ରତିଦିନ ଆପଣ ଆମର ଏ ପାଠ୍ୟକ୍ରମରେ ପେଟ୍ରୋଲ ଓ ଡିଜେଲ ଦରର ତାଜା ଅପଡେଟ ପ୍ରଥମେ ପାଇପାରିବେ। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୦. ୯୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୫୧ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

# ଭିତ୍ତିଭୂମି ପ୍ରଗତିରେ ବେଦାନ୍ତର ଉଲ୍ଲେଖନୀୟ ଯୋଗଦାନ



ଭୁବନେଶ୍ୱର,୨୮।୧ଃ ବେଦାନ୍ତ ଲିମିଟେଡ ଓଡ଼ିଶାର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରି ରାଜ୍ୟର ଅସୀମ ସମ୍ଭାବନାକୁ ନିକଟରେ ଉନ୍ମୋଚିତ କରିଛି। ଏପରିକି ଓଡ଼ିଶାର ପରିବର୍ତ୍ତନ ଯାତ୍ରାରେ ବେଦାନ୍ତ ଯୋଗ ଦେଇଛି। ରାଜ୍ୟର ଅର୍ଥନୈତିକ ଓ ଭିତ୍ତିଭୂମି ପ୍ରଗତିରେ ବେଦାନ୍ତ ଏକ ଉଲ୍ଲେଖନୀୟ ଉଦାହରଣ ସୃଷ୍ଟି କରିଛି। ବିଶେଷକରି ଦକ୍ଷିଣ ପୂର୍ବ ଏସିଆ ପାଇଁ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ କେନ୍ଦ୍ର ହୋଇଥିଲାବେଳେ ବିଶ୍ୱ ମୂଲ୍ୟ ଶୃଙ୍ଖଳାରେ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଦ୍ରୁତଗତିରେ ବିସ୍ତାର ହେବାକୁ ଯାଉଛି। ସେହିଭଳି ମେକ୍ ଇନ୍ ଓଡ଼ିଶା ଓ ଅନ୍ୟାନ୍ୟ ରଣନୈତିକ ପଦକ୍ଷେପ ପରି ରଣନୀତି ମାଧମରେ ସରକାର ରାଜ୍ୟରେ ବ୍ୟବସାୟ କରିବାର ସୁଗମତାକୁ ବୃଦ୍ଧି ଉପରେ ଧ୍ୟାନ ଦେଉଛନ୍ତି, ଯାହା ଫଳରେ ଏହାକୁ ନିବେଶକମାନଙ୍କ ଲାଗି ଏକ ଆକର୍ଷଣୀୟ ସୁଯୋଗ ସୃଷ୍ଟି କରିଛି। ଓଡ଼ିଶାର ସମୃଦ୍ଧ ଐତିହ୍ୟ ଓ ପ୍ରଚୁର ପ୍ରାକୃତିକ ସମ୍ପଦ ସହ ରାଜ୍ୟ ଏକ ସନ୍ତୁଳିତ ଅଭିବୃଦ୍ଧି ମଡେଲରେ ବିକଶିତ ହେଉଛି, ଯାହା ଜନସାଧାରଣଙ୍କୁ ବିଶେଷ ଲାଭ ପ୍ରଦାନ କରୁଛି। ଶିକ୍ଷା, ଦକ୍ଷତା ବିକାଶ ଲାଗି ସୁଯୋଗ ବୃଦ୍ଧି ହୋଇଛି ଓ ଓଡ଼ିଶା ନିରନ୍ତର ଅଗ୍ରଗତି ପଥରେ ଆଗକୁ ବଢ଼ି ଚାଲିଛି। ସେହିପରି ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିରେ ଏକ ପ୍ରମୁଖ ବାହକ ହୋଇଛି। ଓଡିଶାର ଲାଞ୍ଜିଗଡ଼ଠାରେ କମ୍ପାନୀର ୩.୫ ଏମଟିପିଏ ଆଲୁମିନା ରିଫାଇନାରି ଓ ଝାରସୁଗୁଡ଼ାଠାରେ ବିଶ୍ୱର ବୃହତ ଆଲୁମିନିୟମ ସ୍ମେଲଟର ମଧରୁ ଗୋଟିଏ ପରିଚାଳିତ ହେଉଛି, ଯାହାର ବାର୍ଷିକ କ୍ଷମତା ୧.୮ ନିୟୁତ ଟନ୍ ରହିଛି। ଏହାକୁ କମ୍ପାନୀ ବିଶ୍ୱର ୧ ନିୟୁତ ଟନ୍ କ୍ଲବରେ ସାମିଲ କରାଇଛି। ଏହା ସହ ବେଦାନ୍ତ ଓଡ଼ିଶାର ୪ଟି କୋଇଲା ବ୍ଲକ ଓ ଗୋଟିଏ ବକ୍ସାଇଟ ବ୍ଲକ ସୁରକ୍ଷିତ ସହିତ ଫେରୋକ୍ରୋମ ତଥା ଲୁହାପଥର ଉପତ୍ପାଦନରେ ଅଧିକ ନିବେଶ କରିଛି, ବିଭିନ୍ନ ଜିଲାରେ ଖଣି କାର୍ଯ୍ୟ ହେତୁ ବ୍ୟାପକ ନିଯୁକ୍ତି ସୃଷ୍ଟି ହୋଇଛି। ସ୍ଥାୟିତ୍ୱ କ୍ଷେତ୍ରରେ ନେତୃତ୍ୱ ନେଇ କମ୍ପାନୀ ପ୍ରଥମ ଭାରତୀୟ ଧାତୁ ଉପତ୍ପାଦକ, ଯିଏ ରେଷ୍ଟୋରା ଉପତ୍ପାଦନ କରେ, ନବୀକରଣୀୟ ଶକ୍ତିରୁ ନିର୍ମିତ କମ୍ କାର୍ବନଯୁକ୍ତ ଆଲୁମିନିୟମ ଉପତ୍ପାଦର ଏକ ପରିସର, ଯାହା କମ୍ପାନୀ ଲାଗି ବର୍ଦ୍ଧିତ ଚାହିଦା ସୃଷ୍ଟି କରିଛି।

## 'ମିଲ୍କ ମନ୍ତ୍ର'କୁ କିଣିଲା ହଟ୍‌ସନ୍ ଆଗ୍ରୋ




**ଭୁବନେଶ୍ୱର, ୨୮।୧:** ଲୋକପ୍ରିୟ ମିଲ୍କ ମୁ ବ୍ରାଣ୍ଡର ଉତ୍ପାଦ ବିକ୍ରି କରୁଥିବା ମିଲ୍କ ମନ୍ତ୍ର ଡେରି ପ୍ରାଇଭେଟ୍ ଲିମିଟେଡ୍‌କୁ ହଟ୍‌ସନ୍ ଆଗ୍ରୋ ପ୍ରଡକ୍ଟସ୍ ଲିମିଟେଡ୍ ଅଧିଗ୍ରହଣ କରିଛି। ଏହି ଅବସରରେ ମିଲ୍କ ମନ୍ତ୍ରର ପ୍ରତିଷ୍ଠାତା ଶ୍ରୀକୁମାର ମିଶ୍ର କହିଛନ୍ତି ମିଲ୍କ ମନ୍ତ୍ର ସର୍ବଦା ଚାଷୀଙ୍କୁ ସଶକ୍ତ କରିବା, ଦୁଗ୍ଧ ସଂଗ୍ରହ ମଡେଲ୍‌କୁ ଅଗ୍ରଣୀ କରିବା, ଉଚ୍ଚ ମାନର ଦୁଗ୍ଧଜାତୀୟ ଉତ୍ପାଦ ଯୋଗାଇବାକୁ ଗୁରୁତ୍ୱ ଦେଉଛି। ହଟ୍‌ସନ୍ ଆଗ୍ରୋ ଭଳି କମ୍ପାନି ଦ୍ୱାରା ଅଧିଗ୍ରହଣ ହେବା ବଜାରରେ ଆମର ପ୍ରଭାବ ଓ ନବସୃଜନକୁ ବୃଦ୍ଧି କରିବା ପାଇଁ ଆମ ଯାତ୍ରାରେ ଏକ ସ୍ୱାଭାବିକ ପଦକ୍ଷେପ ବୋଲି ସେ କହିଛନ୍ତି। ମାଲିକାନାରେ ଏହି ପରିବର୍ତ୍ତନ ଓଡ଼ିଶା ତଥା ରାଜ୍ୟ ବାହାରେ ସକାରାତ୍ମକ ପରିବର୍ତ୍ତନ ଆଣିବ ବୋଲି ସେ କହିଛନ୍ତି। ହଟ୍‌ସନ୍ ଆଗ୍ରୋର ଅଧ୍ୟକ୍ଷ ଆର୍ ଜି ଚନ୍ଦ୍ରମୋଗନ କହିଛନ୍ତି ଯେ ମିଲ୍କ ମନ୍ତ୍ର ଅଧିଗ୍ରହଣ ପୂର୍ବ ଭାରତରେ କମ୍ପାନିର ସ୍ଥିତିକୁ ଦୃଢ଼ କରିବ। ଓଡ଼ିଶା ଗାଈ କ୍ଷୀର ଦୃଷ୍ଟିରୁ ଏକ ଉତ୍ତମ ଉତ୍ସ ହୋଇଥିବାରୁ ଏହା ଅନେକ ସୁଯୋଗ ସୃଷ୍ଟି କରିଛି। ଆମର ଅରୁଣ, ଇବାକୋ, ହଟ୍‌ସନ୍ ଓ ଅରୋକ୍ୟା ଭଳି ବ୍ରାଣ୍ଡ୍ ଥିବା ବେଳେ ସେଥିରେ ମିଲ୍କ ମୁକୁ ଯୋଡ଼ିବାକୁ ଆମେ ଅତ୍ୟନ୍ତ ଉତ୍ସାହିତ ବୋଲି ସେ କହିଛନ୍ତି।

## ପିଜିଜିଏସ୍‌ର ନୂଆ ମାଇଲଷ୍ଟୋନ୍



ନୂଆଦିଲ୍ଲୀ,୨୮।୧ଃ ପଲ୍ ଜର୍ଜ ଗ୍ଲୋବାଲ ସ୍କୁଲ ବା ପିଜିଜିଏସ୍ ନୂଆଦିଲ୍ଲୀକୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏହି ସ୍କୁଲ ନିକଟରେ ଏକ ନୂଆ ମାଇଲଷ୍ଟୋନ ହାସଲ କରିଛି। ଏପରିକି ସଷ୍ଟେନେବିଲିଟି ଏଡୁକେଶନ ଆଣ୍ଡ ଏନଭାରନମେଣ୍ଟାଲ ରେସପନ୍ସିବିଲିଟି ଯୋଗୁ ପିଜିଜିଏସକୁ ଏହି ମାନ୍ୟତା ଓ ସମ୍ମାନ ମିଳିଛି। ଅପରପକ୍ଷରେ ଏହି ସ୍କୁଲ ବର୍ତ୍ତମାନ ଶତପ୍ରତିଶତ ଅକ୍ଷୟ ଶକ୍ତି ଦ୍ୱାରା ପରିଚାଳିତ ଓ କାର୍ଯ୍ୟକ୍ଷମ ହେଉଛି। ଶିକ୍ଷା କ୍ଷେତ୍ରରେ ଅକ୍ଷୟ ଶକ୍ତିର ବ୍ୟବହାର ଓ ପରିବେଶ ଉପଯୋଗୀ ହୋଇଥିବାରୁ ବିଦ୍ୟାଳୟକୁ ଏହି ମାନ୍ୟତା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଦିଲ୍ଲୀ ପୋଲିସର ଡିଜିପି ରବିନ ହିବୁଙ୍କ ସମେତ ଡ. ଗାମ୍ପି ହିବୁ, ସେଣ୍ଟ ଜର୍ଜ ଏଡୁକେଶନ ସୋସାଇଟିର ଅଧ୍ୟକ୍ଷ ଜର୍ଜ ଏମ ଜର୍ଜ, ଉପାଧ୍ୟକ୍ଷ ଆଲେକଜାଣ୍ଡର ଜର୍ଜ ମୁଥୁଟ, ନିର୍ଦ୍ଦେଶକ ଡ. ସାରା ଜର୍ଜ ସିଏ ଜର୍ଜ କୋସେ ଏବଂ ପିଜିଜିଏସର ପ୍ରିନ୍ସିପାଲ ରୋଜମେରି ଗାଏକ୍ୱାଡ ଓ ସେଣ୍ଟ ଜର୍ଜ ସ୍କୁଲର ପ୍ରିନ୍ସିପାଲ ଅଞ୍ଜଳି ମାସେ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ଷୀରୋଦ ଲାଲ୍‌ଚାନ୍ଦର ପ୍ରଥମ ଲକ୍ଷପତି



**ଭୁବନେଶ୍ୱର,୨୮।୧ଃ** ଲାଲଚାନ୍ଦ ଜୁଏଲର୍ସର ବହୁ ପ୍ରତୀକ୍ଷିତ ଲକି ଡ୍ର 'ଲାଲଚାନ୍ଦ କୌନ ବନେଗା ଲକ୍ଷପତି' ଉଠାଣରେ ତାଳଚେରର ଗ୍ରାହକ କ୍ଷୀରୋଦ ଚନ୍ଦ୍ର ବାରିକ ଚଳିତ ବର୍ଷର ପ୍ରଥମ ଭାଗ୍ୟଶାଳୀ ବିଜେତା ହୋଇଛନ୍ତି।

ଉଲ୍ଲେଖଯୋଗ୍ୟ, ଲାଲଚାନ୍ଦ ଜୁଏଲର୍ସ ପକ୍ଷରୁ ଭୁବନେଶ୍ୱରର ନ୍ୟୁ ମାରିଅନ ହୋଟେଲରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉକ୍ତ ଲକି ଡ୍ର'ର ଉଠାଣ ହୋଇଥିଲା। ଏହି ଅବସରରେ ଓଲିଉଡ ଅଭିନେତା କୁନା ତ୍ରିପାଠୀଙ୍କ ସମେତ ଅଭିନେତ୍ରୀ ଭୂମିକା ଏବଂ ସୂର୍ଯ୍ୟମୟୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ୨୦୨୪ ଡିସେମ୍ବର ମାସର କୌନ ବନେଗା ଲକ୍ଷପତିରେ ୪୦୦୦ରୁ ଅଧିକ ଗ୍ରାହକ ପଞ୍ଜୀକରଣ କରିଥିଲାବେଳେ ୧୦୦୦ରୁ ଅଧିକ ଗ୍ରାହକ ଲକି ଡ୍ର ଉଠାଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଜଣେ ଭାଗ୍ୟଶାଳୀ ବିଜେତା ହୋଇଥିଲାବେଳେ ୧୫୦ ଜଣ ଗ୍ରାହକଙ୍କୁ ସାନ୍ତ୍ୱନାମୂଳକ ଉପହାର ପୁରସ୍କାର ଆକାରରେ ଦିଆଯାଇଥିଲା। ସେହିପରି ଚଳିତ ବର୍ଷର ଏହା ପ୍ରଥମ ଲକ୍ଷପତି ଲକି ଡ୍ର ଉଠାଣ ହୋଇଥିଲାବେଳେ ଆଗାମୀ ଦିନରେ ଆହୁରି ଅନେକ ଲକ୍ଷପତିଙ୍କ ନାମ ପ୍ରତି ମାସରେ ଘୋଷଣା ହେବାର କାର୍ଯ୍ୟକ୍ରମ ରହିଛି। ଏ ସମ୍ପର୍କରେ ଲାଲଚାନ୍ଦ ଗ୍ରୁପର ଫାଉଣ୍ଡର ଚେୟାରମ୍ୟାନ ସଞ୍ଜୟ ହଂସ କହିଥିଲେ, ଚଳିତ ବର୍ଷର ପ୍ରଥମ ଭାଗ୍ୟଶାଳୀ ବିଜେତା ଓ ଲକ୍ଷପତିଙ୍କୁ ମୁଁ ଧନ୍ୟବାଦ ଜଣାଉଛି। ଏପରିକି ଏହି ଯୋଜନା ୨୦୧୧ରୁ ଆରମ୍ଭ ହୋଇଥିଲାବେଳେ ବର୍ତ୍ତମାନ ମଧ୍ୟ ତାହା ଜାରି ରହିଛି।

## ୪୦୦ ଟଙ୍କାରେ ଚମତ୍କାର ଟର୍ଚ୍ଚ

### ନା ବ୍ୟାଟେରୀ ପକେଇବାଦରକାର ପଡିବ, ନା ଚାର୍ଜ କରିବାକୁ ପଡିବ



**ନୂଆଦିଲ୍ଲୀ, ୨୮।୧:** ଏବେ ଘରେଘରେ କାଇଁ ଆଉ ଟର୍ଚ୍ଚ ଦେଖିବାକୁ ମିଳୁନି। ଆଗରୁ ଟର୍ଚ୍ଚକୁ ନେଇ ଯେମିତି ଲୋକଙ୍କ ମନରେ ଗୋଟେ ନିର୍ଦ୍ଦିଷ୍ଟ କମ୍ପାନୀର ଟର୍ଚ୍ଚ ପ୍ରତି ଆବେଗ ଥିଲା ଆଉ ଟର୍ଚ୍ଚର ଆବଶ୍ୟକତା ଥିଲା ଏବେ କିନ୍ତୁ ଟର୍ଚ୍ଚର ସେପରି ଆବଶ୍ୟକତା ପଡୁନି। ବିଜୁଳି ଚାଲିଗଲେ କିମ୍ବା ଅନ୍ଧାରରେ ହେଲେ ଲୋକେ ପକେଟରୁ ମୋବାଇଲଟା କାଢି ଫ୍ଲାସ ଅନ୍ କରି ଦେଉଛନ୍ତି। ଫୋନ ଫ୍ଲାସ ଅନ୍ କରିବା ଦ୍ୱାରା ଆଲୁଅ ସିନା ମିଳିଯାଉଛି ହେଲେ ଅଧିକ ସମୟ ଲାଇଟ ଜଳିଲେ ମୋବାଇଲର ଚାର୍ଜ ସରିବାର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ। ତେଣୁ ଏହାର ସମାଧାନ ପାଇଁ ମାର୍କେଟକୁ ଆସିଛି ଭିନ୍ନ ଧରଣର ଟର୍ଚ୍ଚ ଯାହା କମ୍ ଟଙ୍କାରେ ଅଧିକ ସମୟ ଜଳୁଛି। ଏଲଇଡି ଡାଇନୋମା ୱିଣ୍ଡ୍ ଅପ ଫ୍ଲାସ ଲାଇଟ୍‌ର ବଜାର ପ୍ରବେଶ ହୋଇଛି ଯାହାକୁ ଆପଣ ବିନା ଚାର୍ଜରେ ଲମ୍ବା ସମୟ ପର୍ଯ୍ୟନ୍ତ ବ୍ୟବହାର କରିପାରିବେ ଏବଂ ଏହି ଫ୍ଲାସ ଲାଇଟରେ ବ୍ୟାଟେରୀ ବ୍ୟବହାର ହୋଇନାହିଁ। ଏକ ସ୍ୱତନ୍ତ୍ର ଜ୍ଞାନକୌଶଳ ବ୍ୟବହାର କରି ଏଥିରେ ବ୍ୟାଟେରୀ ବଦଳରେ ଡାଇନାମୋ ଲଗାଯାଇଛି। ମାର୍କେଟରେ ଏହାର ଦାମ୍ ୪୦୦ ତଳକୁ ରହିଛି।

# ଚୀନ୍‌ର ଏଆଇ ମଡେଲ୍ 'ଡିପ୍‌ସିକ୍'କୁ ନେଇ ବିଶ୍ୱ ବଜାରରେ କମ୍ପନ

## ଆମେରିକା ସହ ଦୋହଲିଲା ବିଶ୍ୱବ୍ୟାପୀ ଷ୍ଟକ୍ ବଜାର




**ନୂଆଦିଲ୍ଲୀ,୨୮।୧:** ଚୀନ୍‌ର ନୂଆ ଏଆଇ ମଡେଲ୍ 'ଡିପ୍‌ସିକ୍' ବର୍ତ୍ତମାନ ବିଶ୍ୱ ବଜାରରେ ଚହଳ ପକାଇଛି। ଆମେରିକା ସମେତ ବିଶ୍ୱବ୍ୟାପୀ ଷ୍ଟକ୍ ବଜାର ଦୋହଲି ଯାଇଛି। ସୋମବାର ଆମେରିକୀୟ ବଜାର ଖୋଲିବା କ୍ଷଣି ଏନ୍‌ଭିଡିଆ କର୍ପୋରେସନର ସେୟାରରେ ମୋଟା ଅଙ୍କର ହ୍ରାସ ଦେଖିବାକୁ ମିଳିଥିଲା। ଏହାର ସେୟାର ମୂଲ୍ୟ ୧୩% ପର୍ଯ୍ୟନ୍ତ ଖସିଥିଲା ଏବଂ ବଜାର ପୁଞ୍ଜି ପ୍ରାୟ ୪୬୫ ବିଲିୟନ ଡଲାର କମିଥିଲା। ଚୀନ୍‌ର ଷ୍ଟାର୍ଟଅପ୍ 'ଡିପ୍‌ସିକ୍' ଏକ ମାଗଣା ଏଆଇ ଆସିଷ୍ଟାଣ୍ଟ ଆଣିଛି। ଏହା ସବୁଠୁ ଶସ୍ତା ଚିପ୍‌ସ ଓ କମ୍ ଡାଟା ବ୍ୟବହାର କରୁଛି। ଡିପ୍‌ସିକ୍-ଭି୩ ମଡେଲକୁ କେବଳ ୫୬ ଲକ୍ଷ ଡଲାର ନିବେଶରେ ବିକାଶ କରାଯାଇଥିଲା। ଆମେରିକାର ଓପନ୍‌ଏଆଇ, ଗୁଗୁଲ୍, ମେଟା ଭଳି ଟେକ୍ କମ୍ପାନି ଦ୍ୱାରା ଏଆଇ ବାବଦରେ ହେଉଥିବା ଖର୍ଚ୍ଚ ତୁଳନାରେ ଏହା ନଗଣ୍ୟ। ଡିପ୍‌ସିକ୍‌ର ଏଆଇ ଆସିଷ୍ଟାଣ୍ଟ ଆମେରିକାରେ ଆପଲ୍‌ର ଆପ୍ ଷ୍ଟୋରରେ ଚାଟ୍‌ଜିପିଟିକୁ ପଛରେ ପକାଇ ପ୍ରଥମ ସ୍ଥାନ ହାସଲ କରିଛି। ଡିପ୍‌ସିକ୍ ଯୋଗୁ ବିଶ୍ୱବ୍ୟାପୀ ଏଆଇ ଶିଳ୍ପ ଉପରେ କି ପ୍ରଭାବ ପଡ଼ିବ, ତାହାକୁ ନେଇ ନିବେଶକଙ୍କ ମଧ୍ୟରେ ଚିନ୍ତା ବଢ଼ିଯାଇଛି। କୁହାଯାଉଛି ଯେ ଚାଟ୍ ଜିପିଟି, ଜେମିନି ଓ କ୍ଲାଉଡ୍ ଏଆଇକୁ ଏହା ପଛରେ ପକାଇ ଦେଇଛି। ଏଆଇ ଆପ୍ ପାଇଁ ଅଗ୍ରଣୀ ଚିପ୍ ନିର୍ମାତା ଏନ୍‌ଭିଡିଆର ସେୟାର ମୂଲ୍ୟ ୧୩% ହ୍ରାସ ପାଇଛି। ସେହିଭଳି ସେମିକଣ୍ଡକ୍ଟର ସୂଚକାଙ୍କରେ ୬.୫% ହ୍ରାସ ଘଟିଛି। ଚୀନ୍‌ର ଡିପ୍‌ସିକ୍‌କୁ ଏଭଳି ଏକ ଏଆଇ ମଡେଲ୍ କୁହାଯାଉଛି ଯାହା କେବଳ ପ୍ରଶ୍ନର ଜବାବ ଦେବନାହିଁ, ବରଂ ଲୋକଙ୍କ ବିଭିନ୍ନ ଭଳି ସମସ୍ୟାର ସମାଧାନ କରିପାରିବ। ଏହି ଡିପ୍‌ସିକ୍ ଚାଟ୍‌ଜିପିଟିର ଚିନ୍ତା ବଢ଼ାଇ ଦେଇଛି।

